ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୬/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, March 26/2025 | Page 16 | ₹ 7.00 | BALASORE
୫୧ଶ ଭାଗ ୧୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 120 | ମୂଲ୍ୟ ₹୭/-



**ଶ୍ରେୟସ ଆୟରଙ୍କ ପ୍ରଭାବୀ ବ୍ୟାଟିଂ**

ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଆକର୍ଷଣୀୟ ଅପରାଜିତ ୯୭ ରନ କରିଛନ୍ତି ପଞ୍ଜାବ କିଙ୍ଗ୍ସ ଅଧିନାୟକ ଶ୍ରେୟସ ଆୟର। ୧୬

୧୦ **'ରେଡ୍ ୨': ରିତେଶଙ୍କ ଲୁକ୍ ଉପରୁ ପରଦା ଉଠିଲା**

ଅଭିନେତା ଅଜୟ ଦେବଗନ ଓ ରିତେଶ ଦେଶମୁଖଙ୍କ ଆଗାମୀ ଫିଲ୍ମ 'ରେଡ୍ ୨'ର ଦ୍ୱିତୀୟ ପୋଷ୍ଟରକୁ ମଙ୍ଗଳବାର ଜାରି କରାଯାଇଛି।



# ୩ ମାସରେ ଜଳିଲାଣି ୩,୦୩୩ ହେକ୍ଟର ଜଙ୍ଗଲ

## ବନାଗ୍ନିରେ ଓଡ଼ିଶା ଦ୍ୱିତୀୟ: ମନ୍ତ୍ରୀ ଖୁଣ୍ଟିଆ

**ଭୁବନେଶ୍ୱର,୨୫।୩ (ରବିନାରାୟଣ ଜେନା)**

ଚଳିତ ବର୍ଷ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାର ପାନୀୟଜଳ ଓ ଅଂଶୁଘାତ ମୁକାବିଲାକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ପ୍ରକୃତିର ସୁରକ୍ଷା ଅଭାବରୁ ଜଙ୍ଗଲାଞ୍ଚଳ ହୁତୁ ହୁତୁ ହୋଇ ଜଳୁଛି। ବିଗତ ବର୍ଷଗୁଡ଼ିକରେ ଯେତିକି ପରିମାଣର ଜଙ୍ଗଲ ଜଳିଥିବା ରେକର୍ଡ ରହିଛି ଚଳିତବର୍ଷ ଏହା ଢେର୍‌ଗୁଣରେ ବୃଦ୍ଧି ପାଇବ ବୋଲି ଏବେଠାରୁ ଆଶଙ୍କା କରାଯାଉଛି। ଗ୍ରୀଷ୍ମଋତୁ ସରିବାକୁ ଆଉ ପ୍ରାୟ ୪ ମାସ ବାକି ରହିଛି, ହେଲେ ଇତିମଧ୍ୟରେ ୩ ହଜାରରୁ ଅଧିକ ହେକ୍ଟର ଜଙ୍ଗଲ ଜଳି ପାଉଁଶ ହୋଇସାରିଲାଣି। ଜଙ୍ଗଲ ନିଆଁ ଦ୍ୱାରା ପ୍ରଭାବିତ ହେଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଚଳିତବର୍ଷ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।

ମଙ୍ଗଳବାର ବିଧାୟକ ରମେଶଚନ୍ଦ୍ର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଖୁଣ୍ଟିଆ କହିଛନ୍ତି, ଗତ ତିନିମାସରେ ୩୦୩୩.୨୭ ହେକ୍ଟର ଜଙ୍ଗଲ ଜଳିସାରିଲାଣି। ରାଜ୍ୟରେ ଜଙ୍ଗଲ ନିଆଁ ମୁଖ୍ୟତଃ ଭୂପୃଷ୍ଠୀୟ। ଏଣୁ ନିଆଁ ଦ୍ୱାରା ନଷ୍ଟ ହୋଇଥିବା ଜଙ୍ଗଲ ବର୍ଷାଋତୁରେ ପୁନଃଜୀବିତ ହୋଇଥାଏ। ୨୦୨୧ରେ ସର୍ବାଧିକ ୨୮ ହଜାର ୫୬୯ ହେକ୍ଟର ଜଙ୍ଗଲ ଜଳିଯାଇଥିଲା। ସେହିଭଳି ୨୦୨୨ରେ ୮ ହଜାର ୪୩୮ ହେକ୍ଟର ଜଙ୍ଗଲ ଜଳି ପାଉଁଶ ହୋଇଥିବାବେଳେ ୨୦୨୩ ରେ ଏହି ସଂଖ୍ୟା ବଢ଼ି ୯ ହଜାର ୭୧୧ ହେକ୍ଟରରେ ପହଞ୍ଚିଥିଲା। ସେହିପରି ୨୦୨୪ରେ ବନାଗ୍ନି ୪୦୬୭ ହେକ୍ଟରକୁ ଖସିଥିଲା। ଗତ ଚାରିବର୍ଷରେ ସର୍ବମୋଟ୍ ୫୦ ହଜାର ୮୦୦ରୁ ଅଧିକ ହେକ୍ଟର ଜଙ୍ଗଲ ଜଳି ପାଉଁଶ ହୋଇଯାଇଥିବାବେଳେ ଚଳିତବର୍ଷ ଏହି ପରିମାଣ ୩୦୩୩.୨୭ ହେକ୍ଟର ରହିଛି।

ମନ୍ତ୍ରୀ ଖୁଣ୍ଟିଆ ପୁଣି କହିଛନ୍ତି, ବନାଗ୍ନିକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ସମସ୍ତ ଜିଲାରେ ଡିଷ୍ଟ୍ରିକ୍ଟ ଆକ୍ସନ ☞ପୃଷ୍ଠା-୪

# ୧୨ କଂଗ୍ରେସ ବିଧାୟକ ନିଲମ୍ବିତ

**ଭୁବନେଶ୍ୱର,୨୫।୩(ସୁନିତ୍ ମିଶ୍ର)**



ବିଧାନସଭାରେ ମଙ୍ଗଳବାର ନାରୀ ସୁରକ୍ଷା ପ୍ରସଙ୍ଗ ନେଇ କଂଗ୍ରେସ ସଦସ୍ୟ ଏବଂ ଓବିସି ସଂରକ୍ଷଣ ଦାବିରେ ବିଜେଡି ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ୍ ତଳେ ପ୍ଲାକାର୍ଡ ଧରି ପ୍ରତିବାଦ କରୁଛନ୍ତି।

- ବିଶୃଙ୍ଖଳିତ ଆଚରଣ ଅଭିଯୋଗ: ୭ କାର୍ଯ୍ୟଦିବସ ପାଇଁ କାର୍ଯ୍ୟାନୁଷ୍ଠାନ
- ଗୃହରେ କଂଗ୍ରେସ ସଦସ୍ୟଙ୍କ ଧାରଣା
- ୨୮କୁ ଘୁଞ୍ଚିଲା କୃଷି ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଖର୍ଚ୍ଚଦାବି ଆଲୋଚନା

କଂଗ୍ରେସର ୧୨ ସଦସ୍ୟ ଆସନ୍ତା ୭ କାର୍ଯ୍ୟଦିବସ ଲାଗି ବିଧାନସଭାରୁ ନିଲମ୍ବିତ ହୋଇଛନ୍ତି। ଗୃହରେ ଚରମ ବିଶୃଙ୍ଖଳା କରୁଥିବା ଅଭିଯୋଗ ଅଣାଯାଇ ସେମାନଙ୍କୁ ନିଲମ୍ବନ କରାଯାଇଛି। ମଙ୍ଗଳବାର ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ନାରୀ ସୁରକ୍ଷା ପ୍ରସଙ୍ଗ ଉଠାଇ ଘଣ୍ଟ, ବାଜା, ଗିନି ଏବଂ ଝାଞ୍ଜ ବଜାଇ ସେମାନଙ୍କ ପ୍ରତିବାଦ ଆରମ୍ଭ କରିଥିଲେ। ଏହି ସମୟରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଗୃହରେ ପ୍ରତିଦିନ ଚରମ ବିଶୃଙ୍ଖଳା କରିଆସୁଥିବା ଏବଂ ମଙ୍ଗଳବାର ପ୍ରଥମାର୍ଦ୍ଧରେ ଗୃହରେ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରିଥିବା କଂଗ୍ରେସର ୧୨ ଜଣ ସଦସ୍ୟଙ୍କୁ ନିଲମ୍ବନ କରିବା ଲାଗି ପ୍ରସ୍ତାବ ଆଗତ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଏହାକୁ ଗ୍ରହଣ କରିବା ସହ କଂଗ୍ରେସର ୧୨ ସଦସ୍ୟଙ୍କୁ ଆସନ୍ତା ୭ଟି କାର୍ଯ୍ୟ ଦିବସ ଲାଗି ଗୃହକାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ନେଇ ସୂଚନା ଦେଇଥିଲେ। କେବଳ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଏବଂ ରମେଶ ଚନ୍ଦ୍ର ଜେନା ନିଲମ୍ବନ ଆଦେଶରୁ ବାଦ୍ ପଡ଼ିଛନ୍ତି। ନିଲମ୍ବିତ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ସମେତ ସି.ଏସ୍. ରାଜନ୍ ଏକ୍କା, ସୋଫିଆ ଫିର୍ଦ୍ଦୋସ, ସାଗର ଚରଣ ଦାସ, ମଙ୍ଗୁ ଖିଲ, ସତ୍ୟଜିତ ଗମାଙ୍ଗ, ଅଶୋକ ଦାସ , ଦାଶରଥି ଗମାଙ୍ଗ , ନୀଳମାଧବ ହିକ୍‌କା, କାଦ୍ରାକା ଆପାଲାସ୍ୱାମୀ, ପବିତ୍ର ସାଉନ୍ତା ଏବଂ ପ୍ରଫୁଲ୍ଲ ପ୍ରଧାନ ରହିଛନ୍ତି।

ଏହାପରେ କଂଗ୍ରେସ ସଦସ୍ୟମାନେ ନିଲମ୍ବନ ଆଦେଶ ବେଆଇନ, ଏହାକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଗୃହରେ ହୋହଲ୍ଲା ଆରମ୍ଭ କରିଦେଇଥିଲେ। ବାଚସ୍ପତି ୪ଟା ୧୯ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ବାରମ୍ବାର ଗୃହକୁ ମୁଲତବୀ କରାଯାଇଥିଲା। ମଝିରେ ବାଚସ୍ପତି କଂଗ୍ରେସ ସଦସ୍ୟମାନଙ୍କୁ ଗୃହ ନ ଛାଡିଲେ ମାର୍ଶଲ ଲଗାଇ ଉଠାଇ ବାହାରେ ଛାଡିଦିଆଯିବ ବୋଲି ନିର୍ଦ୍ଦେଶ ଦେଇଥିଲେ। କଂଗ୍ରେସ ସଦସ୍ୟଙ୍କ ସହ ମାର୍ଶଲ ମଧ୍ୟ ଏହି ସମ୍ପର୍କରେ ଆଲୋଚନା କରିଥିଲେ। ହେଲେ କଂଗ୍ରେସ ସଦସ୍ୟମାନେ ସେମାନଙ୍କୁ ମାର୍ଶଲ ଯଦି ଉଠାଇ ☞ପୃଷ୍ଠା-୪

# ଘରେ ନିଆଁ ଲଗାଇ ୧୧ମାସର ଝିଅକୁ ଜାଳିଦେଲେ ବାପା

**ଢେଙ୍କାନାଳ/ସାତମାଇଲ,୨୫।୩ (ରତନ ନାୟାର/ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ବାଲିମୀ ଥାନା ବାରସିଙ୍ଗା ଗ୍ରାମ ମୁଣ୍ଡାସାହିରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଅଶାନ୍ତିରୁ ଘରେ ନିଆଁ ଲଗାଇ ୧୧ମାସର ଶିଶୁକନ୍ୟାକୁ ଜାଳିଦେଇଛନ୍ତି ବାପା। ପୋଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ବାରସିଙ୍ଗା ଗ୍ରାମ ମୁଣ୍ଡାସାହିର ଭରତ ସାହୁଙ୍କ ସାନପୁଅ ବଣି ଓରଫ ବାବୁଲି ସାହୁ ମଙ୍ଗଳବାର ମଧ୍ୟାହ୍ନରେ ପାରିବାରିକ ଅଶାନ୍ତିରୁ ସ୍ତ୍ରୀ ସୁଭଦ୍ରା ସାହୁଙ୍କୁ ମାଡ଼ମାରି ନିର୍ଯାତନା ଦେବା ସହ ଘରୁ ବାହାର କରିଦେଇଥିଲେ। କିନ୍ତୁ ଘରେ ଶୋଇଥିବା ୧୧ମାସର ଶିଶୁକନ୍ୟାଙ୍କୁ ମା' ନେଇପାରିନଥିଲେ। ପରେ ବାବୁଲି ଘରେ ନିଆଁ ଲଗାଇ ଦେଇଥିଲେ। ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ସେମାନେ ଆସି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ହାନିଲାଭର ହିସାବ




# ରାସ୍ତା କାମ ବେଳେ ରୋଲରକୁ ଧକ୍କାଦେଲା ହାଇୱା: ୩ ମୃତ

**କାମାକ୍ଷାନଗର,୨୫।୩ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରେକୁଲା ସତସଙ୍ଗ କେନ୍ଦ୍ର ସମ୍ମୁଖରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ରାସ୍ତାକାମରେ ନିୟୋଜିତ ଜଣେ ପୂର୍ତ୍ତ ବିଭାଗର କର୍ମଚାରୀ ଓ ୨ ଶ୍ରମିକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

କାମାକ୍ଷାନଗର-ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତାର ରେକୁଲା ସତସଙ୍ଗ କେନ୍ଦ୍ର ସମ୍ମୁଖରେ ପିଚୁକାମ କରାଯାଉଥିଲା। ଏଥିରେ ଶ୍ରମିକମାନେ ନିୟୋଜିତ ଥିବାବେଳେ କାମ ତଦାରଖ କରିବା ପାଇଁ ପୂର୍ତ୍ତ ବିଭାଗ କର୍ମଚାରୀ ନିୟୋଜିତ ଥିଲେ। ସୋମବାର ବିଳମ୍ବିତ ରାତିରେ ଏକ ହାଇୱା ଦ୍ରୁତଗତିରେ ଆସି କାର୍ଯ୍ୟରେ ନିୟୋଜିତ ଥିବା ପିଚୁ ରୋଲର ମେଶିନକୁ ଧକ୍କା ଦେଇଥିଲା। ଫଳରେ ପିଚୁ ରୋଲିଙ୍ଗ କରୁଥିବା ରୋଲର ମେଶିନ ଓ ପାଖରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ☞ପୃଷ୍ଠା-୪

# ଶିବସେନାକୁ ପୁଣି କଟାକ୍ଷ କଲେ କୁନାଲ କାମ୍‌ରା

## କମେଡିଆନ୍‌ଙ୍କୁ ଦେଶବିଦେଶରୁ ସମର୍ଥନ

**ନୂଆଦିଲ୍ଲୀ,୨୫।୩**



ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ଶିନ୍ଦେଙ୍କୁ ଥଟ୍ଟା କରିବାକୁ ଯାଇ ବିବାଦୀୟ ମନ୍ତବ୍ୟ ଦେଇଥିବା ଷ୍ଟାଣ୍ଡଅପ୍ କମେଡିଆନ୍ କୁନାଲ କାମ୍‌ରାଙ୍କୁ ମୁମ୍ବାଇର ଖାର୍ ଥାନା ପୋଲିସ ସମନ ଜାରି କରି ମଙ୍ଗଳବାର ହାଜର ହେବାକୁ କହିଥିଲା। କମେଡିଆନ୍ ହାଜର ହେବା ପାଇଁ ଅଧିକ ସମୟ ମାଗିଥିବାବେଳେ ମଙ୍ଗଳବାର ସୋସିଆଲ ମିଡିଆରେ ଏକ ନୂଆ ଭିଡିଓ ପୋଷ୍ଟ କରି ଶିବସେନାକୁ ଟାର୍ଗେଟ କରିଛନ୍ତି। କାମ୍‌ରାଙ୍କ ବ୍ୟଙ୍ଗ ପ୍ରଦର୍ଶନ ରାଜନୈତିକ ବିବାଦ ସୃଷ୍ଟି କରିଥିବାବେଳେ ସାରା ବିଶ୍ୱରୁ ତାଙ୍କୁ ☞ପୃଷ୍ଠା-୪

# ମେଡିକାଲ କଲେଜରେ ରାଗିଂ: ୩ ବର୍ଷରେ ୫୧ ମୃତ୍ୟୁ

**ନୂଆଦିଲ୍ଲୀ,୨୫।୩**

୨୦୨୨ରୁ ୨୦୨୪ ମଧ୍ୟରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜରେ ରାଗିଂ ଯୋଗୁ ୫୧ ଛାତ୍ରୀଛାତ୍ରଙ୍କ ଜୀବନ ଯାଇଛି। ଏହି ସମୟରେ ରାଜସ୍ଥାନର କୋଟାରେ ଥିବା କୋଚିଂ ସେଣ୍ଟରଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ୫୭କୁ ବଢ଼ିଥିବା ଏକ ନୂଆ ରିପୋର୍ଟରେ ପ୍ରକାଶ ପାଇଛି। ସୋସାଇଟି ଏଗେନ୍‌ଷ୍ଟ ଭାଓଲେନ୍ସ ଇନ୍ ଏଜୁକେଶନ ପକ୍ଷରୁ ପ୍ରକାଶିତ 'ଷ୍ଟେଟ୍ ଅଫ୍ ରାଗିଂ ଇନ୍ ଇଣ୍ଡିଆ ୨୦୨୨-୨୪' ରିପୋର୍ଟରେ ମେଡିକାଲ କଲେଜଗୁଡ଼ିକର ରାଗିଂର ହଟ୍‌ସ୍ପଟ୍ ଭାବେ ଚିହ୍ନଟ କରାଯାଇଛି।

ରିପୋର୍ଟ ଅନୁଯାୟୀ, ୧,୯୪୬ଟି କଲେଜରୁ ମୋଟ ୩,୧୫୬ଟି ରାଗିଂ ଅଭିଯୋଗ ନ୍ୟାଶନାଲ ଆଣ୍ଟି-ରାଗିଂ ହେଲ୍ପଲାଇନ୍ ଜରିଆରେ ପଞ୍ଜୀକୃତ ହୋଇଛି। ସେଥିରୁ ୩୮.୬% ଅଭିଯୋଗ ମେଡିକାଲ କଲେଜଗୁଡ଼ିକରୁ ଆସିଥିବାବେଳେ ୩୫.୪ ପ୍ରତିଶତ ☞ପୃଷ୍ଠା-୪





A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




# ୪ ଜିଲା ପାଇଁ ହିଟ୍‌ୱେଭ୍ ସତର୍କତା

**ଭୁବନେଶ୍ୱର,୨୫।୩**
**(ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ଧରି କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ଲାଗିରହିଥିବା ବେଳେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ପାଇଥିଲା। ତେବେ ମଙ୍ଗଳବାରଠାରୁ ରାଜ୍ୟର ପାରଦ ଉପରମୁହାଁ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଆସନ୍ତା ୪ଦିନ ମଧ୍ୟରେ ଦିନ ତାପମାତ୍ରା ୨ରୁ ୬ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଆସନ୍ତା ୨ଦିନ ମଧ୍ୟରେ ରାତି ତାପମାତ୍ରା ମଧ୍ୟ ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ। ଅନ୍ୟପଟେ ୨୯ ଓ ୩୦ ତାରିଖରେ ହିଟ୍‌ୱେଭ୍ ନେଇ ୪ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲା ମଧ୍ୟରେ ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର ଓ ସୁବର୍ଣ୍ଣପୁର ରହିଛି। ମଙ୍ଗଳବାର ଚାନ୍ଦବାଲି, ଗୋପାଳପୁର, ପୁରୀ, ବଲାଙ୍ଗୀର ଓ ଜଗତ୍‌ସିଂପୁରରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅନୁଗୋଳରେ ରାତି ତାପମାତ୍ରା ସର୍ବନିମ୍ନ ୧୮ ଡିଗ୍ରୀ ଏବଂ ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୩୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।




# ଗଞ୍ଜେଇ ରଖି ୩ ଆଇଆର୍‌ବି ଯବାନ ଗିରଫ

**କନ୍ଧମାଳ,୨୫।୩**
**(ଆଦିତେଶ୍ୱର ମିଶ୍ର)**

ଗଞ୍ଜେଇ ରଖିବା ଅଭିଯୋଗରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ବାରାକ୍‌ରେ ରହୁଥିବା ୩ ଆଇଆର୍‌ବି ଯବାନଙ୍କୁ ଗିରଫ କରାଯାଇଛି। ଗିରଫ ଯବାନମାନେ ହେଲେ ମୟୂରଭଞ୍ଜ ଜିଲା ବାରିପଦା ଥାନା ଡୁଲାଦରଧାନଗରର କୁନାର ସିଂ(୩୫), ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଆମ୍ବଗାଁର ତ୍ରିଲୋଚନ ରଣା(୩୪) ଏବଂ ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଘସରମାଲ ଗ୍ରାମର ନୀଲମ ବାର୍ଲା। ସେମାନଙ୍କ ନିକଟରୁ ୧୫ କେଜି ୯୩୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା (ନଂ.୧୧୯/୨୫) ରୁଜୁ ପରେ ୩ ଯବାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷେ ଏହି ଘଟଣାରେ ବୌଦ୍ଧ ଏସ୍‌ପି ରାହୁଲ ଗୋୟଲ ମନମୁଣ୍ଡା ଥାନାଧିକାରୀ ତରୁଣ ତପନ ବେହେରାଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ସେହିପରି ମନମୁଣ୍ଡା ଥାନାଧିକାରୀ ଭାବେ ବାଉଁଶୁଣୀ ଥାନାଧିକାରୀ ଅଞ୍ଜଳି ବିଶ୍ୱାଳଙ୍କୁ ବଦଳି କରାଯାଇଥିବା ବେଳେ ବାଉଁଶୁଣୀ ଥାନାଧିକାରୀ ଭାବେ କନ୍ଧମାଳ ଥାନାରେ ଥିବା ଏସ୍‌ଆଇ ଜ୍ଞାନେନ୍ଦ୍ର କୁମାର ମିଶ୍ରଙ୍କୁ ବଦଳି କରାଯାଇଛି।

## ବଦଳିଲେ ମନମୁଣ୍ଡା ଥାନା ଅଧିକାରୀ

ମିଳିଥିବା ସୂଚନା ଅନୁସାରେ, ଆଣ୍ଟି ମାଓବାଦୀ ଅପରେଶନ ପାଇଁ ମନମୁଣ୍ଡା ଥାନାରେ ଏକ ପ୍ଲାଟୁନ ଆଇଆର୍‌ବି ଯବାନ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଯବାନ ଗଞ୍ଜେଇ ରଖିଥିବା ନେଇ ଏସ୍‌ପି ଗୋୟଲ ଜାଣିବାକୁ ପାଇଥିଲେ ଏବଂ ଏକ ସ୍ୱତନ୍ତ୍ର ଟିମ୍ କରି ସୋମବାର ମନମୁଣ୍ଡା ଥାନା ବାରାକ୍‌ରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଉକ୍ତ ୩ ଜଣ ଯବାନ ପାଖରେ ଗଞ୍ଜେଇ ରଖିଥିବା ଜଣାପଡ଼ିଥିଲା। ଯବାନ କୁନାରଙ୍କ ବ୍ୟାଗ୍‌ରୁ ୫ କେଜି ୧୦୦ ଗ୍ରାମ୍, ତ୍ରିଲୋଚନଙ୍କ ବ୍ୟାଗ୍‌ରୁ ୭ କେଜି ୭୮୦ ଗ୍ରାମ୍ ଏବଂ ନୀଲମଙ୍କଠାରୁ ୩ କେଜି ୫୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଥିଲା। ପରେ ଉକ୍ତ ଗଞ୍ଜେଇକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା।


ଜବତ ଗଞ୍ଜେଇ ଓ ଗିରଫ ୩ ଆଇଆର୍‌ବି ଯବାନ।

# ପୋଲିସ ସହ ଗୁଳି ବିନିମୟ, ୩ ମାଓବାଦୀ ନିହତ

**ମାଲକାନଗିରି,୨୫।୩**
**(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଦାନ୍ତେୱାଡା ଜିଲାରେ ପୋଲିସ ସହ ଗୁଳି ବିନିମୟରେ ୩ ମାଓବାଦୀ ନିହତ ହୋଇଛନ୍ତି। ମଙ୍ଗଳବାର ସକାଳେ ସୁରକ୍ଷା ବାହିନୀ ଦାନ୍ତେୱାଡା ଓ ବିଜାପୁର ସୀମାରେ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ସୀମାନ୍ତ ଜଙ୍ଗଲରେ ସୁରକ୍ଷା କର୍ମୀଙ୍କୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଉଭୟଙ୍କ ମଧ୍ୟରେ ବହୁ ସମୟ ଧରି ଏହା ଚାଲିଥିବା ବେଳେ ମାଓବାଦୀମାନେ ସୁରକ୍ଷା କର୍ମୀଙ୍କ ସାମ୍ନାକରି ନ ପାରି ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ସୁରକ୍ଷାକର୍ମୀ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ସମୟରେ ୨୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଡିକେଏସ୍‌ଜେଡିସିଏମ୍ କମାଣ୍ଡର ସୁଧୀର ଓରଫ ମୁରଲୀଙ୍କ ସହ ୩ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ଅନ୍ୟ ୨ ଜଣଙ୍କ ମୃତଦେହ ମାଓବାଦୀମାନେ ନେଇ ଯାଇଥିବା ସନ୍ଦେହ କରାଯାଉଛି। ଉକ୍ତ ୨ ମୃତଦେହ ଉଦ୍ଧାର ପାଇଁ ସୁରକ୍ଷା କର୍ମୀଙ୍କ ତରଫରୁ ସର୍ଚ୍ଚ ଅପରେଶନ ଜାରି ରହିଛି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳି ଓ ପୁସ୍ତିକା ଇତ୍ୟାଦି ଜବତ ହୋଇଛି।



ମ୍ୟୁଚୁଆଲ୍ ଫଣ୍ଡ ନିବେଶଗୁଡିକ ମାର୍କେଟ ବିପଦର ସମ୍ମୁଖୀନ ହୁଏ, ସମସ୍ତ ସ୍କିମ୍ ସମ୍ବନ୍ଧୀୟ ଦଲିଲଗୁଡ଼ିକୁ ଭଲଭାବେ ପଢ଼ନ୍ତୁ।

# ବ୍ରହ୍ମପୁର ସିଟି ହସ୍ପିଟାଲରେ ଅଗ୍ନିକାଣ୍ଡ

**ବ୍ରହ୍ମପୁର,୨୫।୩ (ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ବ୍ରହ୍ମପୁର ସିଟି ହସ୍ପିଟାଲରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ନୂତନ ବର୍ହିବିଭାଗ କୋଠାରେ ଥିବା ଏକ ଇଣ୍ଟରନେଟ ବକ୍ସରେ ନିଆଁ ଲାଗି ପୋଡିଯାଇଛି। ଚିକିତ୍ସାଳୟରେ କାର୍ଯ୍ୟରତ କର୍ମଚାରୀ ଓ ସୁରକ୍ଷାକର୍ମୀମାନେ ତୁରନ୍ତ ନିଆଁକୁ ଆୟତ କରିଛନ୍ତି। ଅଗ୍ନିକାଣ୍ଡରେ କୌଣସି ରୋଗୀ କିମ୍ବା କର୍ମଚାରୀ ଆହତ ହୋଇନାହାନ୍ତି। ମଙ୍ଗଳବାର ସନ୍ଧ୍ୟାରେ ନୂତନ ବର୍ହିବିଭାଗ କୋଠାରୁ ଧୂଆଁ ବାହାରୁଥିବା ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀ ଓ କର୍ମଚାରୀ ଦେଖିଥିଲେ। ସେ ସମୟରେ କୋଠା ଭିତରେ କୌଣସି ରୋଗୀ କିମ୍ବା ଡାକ୍ତର ନ ଥିଲେ। ଭିତରକୁ ଯାଇ ଯାଞ୍ଚ ବେଳେ ଇଣ୍ଟରନେଟ ସଂଯୋଗ ପାଇଁ କାନ୍ଥରେ ଲଗାଯାଇଥିବା ଏକ ବଡ଼ ବକ୍ସ, ବ୍ୟାଟେରୀ ଓ ଅନ୍ୟ ମେଶିନରେ ନିଆଁ ଲାଗିଥିବା ଜଣାପଡିଥିଲା। ବିଦ୍ୟୁତ ବୋର୍ଡରୁ ଶର୍ଟସର୍କିଟ ହୋଇ ଆଖାପାଖରେ ଥିବା ଅନ୍ୟ ସାମଗ୍ରୀକୁ ବ୍ୟାପି ଯାଇଥିଲା। ସୁରକ୍ଷାକର୍ମୀ ଓ କର୍ମଚାରୀମାନେ ନିଆଁଲିଭା ଯନ୍ତ୍ର ବ୍ୟବହାର କରି ତୁରନ୍ତ ନିଆଁକୁ ଆୟତ କରିଥିଲେ। ହସ୍ପିଟାଲର ବିଦ୍ୟୁତ ବିଚ୍ଛିନ୍ନ କରି ଦିଆଯାଇଥିଲା। ନିଆଁ ଲିଭିବାର କିଛି ସମୟ ପରେ ସ୍ଥିତି ସ୍ୱାଭାବିକ ହୋଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସ୍ଥିତି ଯାଞ୍ଚ କରିଛନ୍ତି।



# ଅଗ୍ନିକାଣ୍ଡରେ ନାବାଳକ ଜୀବନ୍ତ ଦଗ୍ଧ


ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

**ରାଉରକେଲା,୨୫।୩ (ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୭ ଥାନା ଅଧୀନ ସେକ୍ଟର-୬ ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଏହି ଅଞ୍ଚଳରେ ଥିବା ଟେଲିଫୋନ ଭବନ ନିକଟ ଦୁର୍ଗା ମଣ୍ଡପରେ ଅଗ୍ନିକାଣ୍ଡ ଯୋଗୁ ଜଣେ ନାବାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତ ନାବାଳକ ହେଲେ ସେକ୍ଟର-୬ସ୍ଥିତ ବିବେକାନନ୍ଦପାଲିର ଅଜୟ ମହାରଣାଙ୍କ ପୁଅ ବାଦଲ ମହାରଣା(୧୨)। ଏ ନେଇ ସେକ୍ଟର-୭ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତକରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ଏସ୍‌ଆଇ ଶିବ ପ୍ରସାଦ ଆଇଚ ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁସାରେ, ଗତବର୍ଷ ଦୁର୍ଗାପୂଜା ସରିବା ପରେ ସେକ୍ଟର-୬ ଟେଲିଫୋନ ଭବନ ନିକଟ ଦୁର୍ଗାମଣ୍ଡରେ ତାଲା ପଡ଼ିଥିଲା। ପୂଜାମଣ୍ଡପରେ କିଛି କାଠ ସାମଗ୍ରୀ ସେଠାରେ ରହିଥିଲା ଏବଂ ପିଲାମାନେ ଗଳାବାଟରେ ଉକ୍ତ ମଣ୍ଡପକୁ ଯାଇ ପ୍ରତିଦିନ ଖେଳନ୍ତି। ମଙ୍ଗଳବାର ପୂର୍ବାହ୍ନରେ ବାଦଲଙ୍କ ସମେତ ୫ଜଣ ଶିଶୁ ସେଠାରେ ଖେଳୁଥିଲା ବେଳେ କୌଣସି କାରଣରୁ ମଣ୍ଡପରେ ଅଗ୍ନିକାଣ୍ଡ ହୋଇଥିଲା। ଏହି ସମୟରେ ୪ଜଣ ଶିଶୁ ସେଠାରୁ ପଳାଇ ଆସିଥିବାବେଳେ ବାଦଲ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)କୁ ପଠାଇଥିଲା। ସେଠାରେ ଡାକ୍ତର ବାଦଲଙ୍କୁ ମୃତ ଘୋଷଣା କରିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ଆସର, ରାଜ୍ୟସ୍ତରୀୟ ଗୀତିକବିତା କର୍ମଶାଳା ଓ କବିତା ପାଠୋତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ସମସ୍ତ ଇପିଏଫ୍ ପେନସନର୍ସ ଏବଂ ମେମ୍ବର, ଓଡ଼ିଶା ପକ୍ଷରୁ ସେମିନାର, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶା ବର୍ଷୀୟାନ ରାଜନେତା ଡ. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତି ସମ୍ବଳିତ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ଆୟୋଜିତ ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- ଭାରତୀୟ ମଜଦୂର ସଂଘ ସଂଲଗ୍ନ ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ୧୦ମ ତ୍ରୟବାର୍ଷିକ ଅଧିବେଶନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗତିରାଉତ ପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୂଆପାଟଣା ନଂ୧. ବୁଣାକାର ତନ୍ତୁବାୟ ସହଯୋଗ ସମିତିର ବାର୍ଷିକ ସାଧାରଣ ସଭା, ସ୍ଥାନ: ସମିତି ପରିସର, ନୂଆପାଟଣା, ଟିଗିରିଆ, ସମୟ: ଅପରାହ୍ନ ୩ ଟା ୩୦।
- ଜମାତ୍ ଅହମ୍ମଦିୟା ପଙ୍କାଳ ତରଫରୁ ଇଫ୍‌ତାର ପାର୍ଟି, ସ୍ଥାନ: ଜାମା ମସ୍‌ଜିଦ ପଙ୍କାଳ, ଟିଗିରିଆ, ସମୟ: ଅପରାହ୍ନ ୫ଟା ୩୦।

## ଭଦ୍ରକ

- ବାରୁଣୀ ଯଜ୍ଞ, ସ୍ଥାନ: ମାଳିଅରୁଆ କୁଣ୍ଡିକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୮ଟା।
- ଓଡ଼ିଶା ଦିବସ ଉପଲକ୍ଷେ ତର୍କ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇଫ୍‌ତାର ପାର୍ଟି, ସ୍ଥାନ: ହନିଫ କ୍ଲବ୍, ପୁରୁଣାବଜାର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୯ମ ସନ୍ଧ୍ୟା, ସ୍ଥାନ: ଆଗରପଡ଼ା ହେମପଦ୍ମ ଗାଲାକ୍ସି, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ବାସନ୍ତୀ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପ, ସମୟ:ଅପରାହ୍ନ ୩ଟା ୩୦।
- ସୀମାନ୍ତ ୟୁଥ ମିଶନ ଓ ପଞ୍ଚରାତ୍ର ମହୋତ୍ସବ କମିଟି ପକ୍ଷରୁ ପଞ୍ଚରାତ୍ର ନାମଯଜ୍ଞ ମହୋତ୍ସବ ଅବସରରେ ଭୂମି ପୂଜନ ଏବଂ ଘଟୋତ୍ତଳନ, ସ୍ଥାନ: ପଡ଼ାଶିଆ, ଝାରପୋଖରିଆ, ସାରସକଣା, ସମୟ: ଅପରାହ୍ନ ୪ଟା ୩୦।

## ଗଞ୍ଜାମ

- ବୁଗୁଡା କଲେଜ ରସାୟନ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ଦିବ୍ୟଦର୍ଶନ ଜରାଶ୍ରମ, କତକଲା, ଆଦିପୁର, ସମୟ: ଅପରାହ୍ନ ୧ଟା।

## ଜଗତ୍‌ସିଂହପୁର

- ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ଦିବଂଗତ ନେତା ଦେବେନ୍ଦ୍ର ପ୍ରଧାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଟ୍ରଷ୍ଟ ପରିସର, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ୨୨ତମ ଜାତୀୟ ନାଟକ ଉଦ୍‌ଯାପନୀ ସମାରୋହରେ ହିନ୍ଦୀ ନାଟକ 'ଶତ୍ରୁ' ମଞ୍ଚସ୍ଥ ହେବ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତିକ ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମା' ତାରିଣୀଙ୍କ ୪୨ତମ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞର କଳସାଧିବାସ, ସ୍ଥାନ: ଧର୍ମଶାଳା ବ୍ଲକ ଆନୁଆଳ ପଞ୍ଚାୟତର କଣ୍ଟାମାଳିଆସ୍ଥିତ ମା' ତାରିଣୀ ପୀଠ, ସମୟ: ସକାଳ ୬ଟା।
- ଏପିଜେ ଅବଦୁଲ କଲାମ ଇଣ୍ଟରନ୍ୟାଶନାଲ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ପଣ୍ଡୁଆସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା୩୦।

## ନୟାଗଡ଼

- ନୟାଗଡ଼ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା୩୦।
- ଦଶଦୋଳ ଯାତ୍ରା ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଦଶଦୋଳ ପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ଦଶଦୋଳ ମହୋତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଦଶଦୋଳ ପଡ଼ିଆ, ସମୟ:ଅପରାହ୍ନ ୨ଟା।
- ଦଶଦୋଳ ଯାତ୍ରାର ୩ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡିଆ, ସମୟ:ଅପରାହ୍ନ ୪ଟା।

## ରାୟଗଡ଼ା

- ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ରାୟଗଡ଼ା ଚିନ୍ତନ କକ୍ଷ ସଭା ଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉଗାଦି ଉତ୍ସବ କମିଟି ପକ୍ଷରୁ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ମ୍ୟୁନିସିପାଲିଟି ଟାଉନ ହଲ୍, ସମୟ: ଅପରାହ୍ନ ୪ଟା ୩୦।

## ନବରଙ୍ଗପୁର

- କୋଇଲାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଡାବୁଗାଁସ୍ଥିତ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ଏଚ୍‌ଜି ଓ ପଞ୍ଚାୟତିରାଜ ଅନୁଷ୍ଠାନ ସହଭାଗିତା ଉପରେ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କୃଷିଭିତ୍ତିକ ମଡେଲ ଭିଲେଜ ଉନ୍ନୟନ ବୈଠକ, ସ୍ଥାନ : ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଇମିଙ୍ଗ ବାର୍ଡ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟସ୍ଥିତ ଦାଡ଼ିଗୁଡ଼ା, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ଅମ୍ବାବାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ସ୍ଥାନ: ଅମ୍ବାବାଲି, ସମୟ: ସକାଳ ୯ଟା।

## ମାଲକାନଗିରି

- ଆପନମାଲା ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ଲିଫ୍ଟ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳନ, ସ୍ଥାନ: ସୋର୍ଲକୋଣ୍ଡା ବ୍ୟାଜେନ୍ ପରିସର,ସମୟ:ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ନାଟ ନାଚୁଆ ଅନୁଷ୍ଠାନର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ମହାରାଜା ଆରଏନ୍ ସିଂଦେଓ ସ୍ମାରକୀ ଟୁର୍ନାମେଣ୍ଟ ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା।

## କଳାହାଣ୍ଡି

- ଖଡ଼ିଛୁଆଁ ପ୍ରବେଶ ଉତ୍ସବ ନିମନ୍ତ୍ରଣପତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଫଳସାପଡ଼ା ଓ ତୁକେରମାଲ, ସମୟ: ସକାଳ ୮ଟା।
- ଜିଲା ପରିଷଦ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଉପରେ ଭାଜପାର ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ପୁରୁଣାକଟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ:ବିଦ୍ୟାଳୟ ପରିସର, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବ୍ଲକସ୍ତରୀୟ ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି, ସ୍ଥାନ: ତିଲେଇବଣି ବ୍ଲକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଛତୁ ଉତ୍ପାଦକଙ୍କ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ବ୍ଲକର ବଡଭଇଁରୋ ଆଶ୍ରମ ବିଦ୍ୟାଳୟରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ତରଭା ବ୍ଲକର ନକଟିକେନାରେ ନଅଦିନିଆ ରାମଲୀଳା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଚିନ୍ତାମଣି ପାଠାଗାର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଷୋହଳପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ସିନାପାଲି ବ୍ଲକ ନିଳଜି ପଞ୍ଚାୟତ କଡରାମାଲ ଗାଁ, ସମୟ: ସକାଳ ୯ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଗଣ୍ଡାମେର ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଯଜ୍ଞବେଦୀ ରତ୍ନମୁଦ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁ, ସମୟ: ଅପରାହ୍ନ ୪ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ଗାଁ, ସମୟ: ଅପରାହ୍ନ ୪ଟା।
- କେଏନ୍ କିଡ୍‌ସ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ନୂଆପଡ଼ାସ୍ଥିତ ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ହରେକୃଷ୍ଣପୁର ନାମ ମଣ୍ଡପ, ସମୟ: ସକାଳ ୭ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମଭାବସ୍ଥ ଚନ୍ଦ୍ର ଆପଣଙ୍କ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ରକୁ ନିରୁପଦ୍ରବ କରି ରଖିବ। ଶନି ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟହାନିଜନିତ ଦୁଶ୍ଚିନ୍ତା ବଢ଼ିପାରେ। ସହଯୋଗରେ ଅବହେଳାର ଅଭିଯୋଗ ଆଣି ନିଜ ଲୋକଟି ସ୍ୱାର୍ଥହାନି ଆଶଙ୍କାରେ କୁସାରଚନା କରିପାରେ। ଯାତ୍ରା, ବାଣିଜ୍ୟ, ପରିବହନରେ ସନ୍ତୋଷଜନକ ଫଳ ପାଇବେ।

**ବୃଷ** ତୃତୀୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ସହୋଦରାଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ଲାଭର ପରିଚାୟକ ହୋଇପାରେ। ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ଆଜି ଇଚ୍ଛା ନ ଥାଇ ମଧ୍ୟ ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ ହୋଇପାରନ୍ତି। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମିଥୁନ** ଷଷ୍ଠାଧିପତି ମଙ୍ଗଳ ରାଶିରେ ରହି ଜମିଜମା ବିବାଦକୁ ନେଇ ଭ୍ରାତୃସମ୍ପର୍କକୁ କ୍ଷୁଣ୍ଣ କରିପାରେ। ବୁଧ ରାଜଯୋଗ ମଧ୍ୟରେ ଅବସ୍ଥାନ କରିଥିବାରୁ ବନ୍ଧୁଙ୍କ ଛତ୍ରଛାୟା ତଳେ ରହି କାର୍ଯ୍ୟ ହାସଲ କରିବେ। ଗୁରୁତ୍ୱପୂର୍ଣ୍ଣ କାମରେ ଉପର ଅଧିକାରୀଙ୍କ ଚାପର ସମ୍ମୁଖୀନ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା କାରଣରୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ରାଶ୍ୟାଧିପ ରାଶିକୁ ଅବଲୋକନ କରୁଥିବାରୁ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତାର ଶୀର୍ଷକୁ ନିଶ୍ଚିତ ସ୍ପର୍ଶ କରିବେ। ତଥାପି କର୍ମକ୍ଷେତ୍ରର ଅଫିସିଆଲି କାମରେ ଟେନ୍‌ସନ୍ କିଛି ମାତ୍ରାରେ ସୂଚନା ରହିଛି। କଚେରି ମାମଲା ସମ୍ପର୍କୀୟ ଦୁଶ୍ଚିନ୍ତା ମନକୁ ବିଷାଦିତ କରିପାରେ।

**ସିଂହ** ଧନସ୍ଥାନରେ କେତୁଥିବାରୁ ପାରିବାରିକ ପରିସ୍ଥିତିକୁ ସୁଧାରିବାକୁ ଯାଇ ଧାରକରଜ କରିପାରନ୍ତି। ପ୍ରିୟଜନଙ୍କର ଡାକରା ପାଇ ଦୂର ଜାଗାକୁ ଯିବାକୁ ପଡ଼ିପାରେ। ସହକର୍ମୀ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲରେ ସମର୍ଥ ହେବେ। କଳା, କ୍ରୀଡ଼ା, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟାର ସମାଧାନ ହୋଇଯିବ।

**କନ୍ୟା** ସପ୍ତମସ୍ଥ ଏକାଧିକ ଗ୍ରହସଂଯୋଗ ହେତୁ ଆପଣ କୌଣସି ବିବାଦୀୟ ଘଟଣାରେ ପଶିବା ଠିକ୍ ହେବନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତି ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ଗ୍ରହବୈଷମ୍ୟତା କାରଣରୁ ଅସୁସ୍ଥତା ଅନୁଭବ କରିବେ। ସମ୍ମାନନୀୟ ବ୍ୟକ୍ତି ବିଶେଷଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମ ସମ୍ପନ୍ନ କରିବେ।

**ତୁଳା** ଭାଗ୍ୟସ୍ଥାନକୁ ଅଧିକାଂଶ ଗ୍ରହ ଦେଖୁଥିବାରୁ ପ୍ରତିବନ୍ଧକ ଦୂରୀଭୂତ ହୋଇ ନିର୍ବିଘ୍ନରେ କାମ ହାସଲ କରିବେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାର ଅପଚେଷ୍ଟା କରିବେ । ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପିଲାମାନଙ୍କ ସମ୍ବନ୍ଧୀୟ କେତେକ ସମସ୍ୟା ମନକୁ ବିଶେଷ ଭାବେ ଆନ୍ଦୋଳିତ କରିବ।

**ବିଛା** ରାଶି ପ୍ରତି ଶନିଙ୍କ ଦୃଷ୍ଟିଥିବାରୁ ବାରମ୍ବାର ଚେଷ୍ଟା କରି ମଧ୍ୟ ଫସର ଫାଟି ଯାଉଥିବା କାମ ସକାଶେ ମନ ଅଶାନ୍ତ ରହିବ। ଆଲୋଚନା ପରିସରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ସାଙ୍ଗସାଥୀଙ୍କ ସହ ଉଚ୍ଚବାଚ ଘଟିପାରେ। କଳା, ସାହିତ୍ୟ, ସାମ୍ବାଦିକତା ତଥା ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ସୁଖଭାବରେ ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରୁ ଅସଜଡ଼ା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବେ। ବିଭିନ୍ନ ପ୍ରତିବନ୍ଧକ ହେତୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ହଠାତ୍ କୌଣସି କ୍ଷେତ୍ରରେ ଅତ୍ୟଧିକ ଭାବ ପ୍ରବଣ ହୋଇ କାମ କରିବା ଠିକ୍ ହେବନି। ଯାତ୍ରା, ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରୁ ଲାଭବାନ ହେବେ।

**ମକର** ଚତୁର୍ଥାଧିପତି ଷଷ୍ଠସ୍ଥ ଯୋଗୁ ପାରିବାରିକ, ଲୋକସମ୍ପର୍କ, ଯାନବାହନ କ୍ଷେତ୍ରରେ କିଛିଟା ବ୍ୟତିକ୍ରମ ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ଭୁଲ୍ ବୁଝାମଣା ଜନିତ ତିକ୍ତତା ଦେଖାଦେବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବାର ସୂଚନା ରହିଛି।

**କୁମ୍ଭ** ତୃତୀୟାଧିପତିଙ୍କ ଦୁର୍ବଳତାଜନିତ ନିକଟ ସମ୍ପର୍କୀୟମାନଙ୍କ କଥାକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ, କୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ରାଜନୀତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ କାଲିର କାର୍ଯ୍ୟ ସକାଶେ ଦିନସାରା ତତ୍ପରତା ବଢ଼ିପାରେ।

**ମୀନ** ଶନିଙ୍କ ଦୃଷ୍ଟି ଦ୍ୱିତୀୟଭାବକୁ ଥିବାରୁ ଅପ୍ରିୟ ସତ୍ୟ କହି ବନ୍ଧୁଙ୍କ ବିରାଗଭାଜନ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ଇଚ୍ଛା ବିରୋଧରେ କୌଣସି କାମ କରି ସମାଲୋଚିତ ହେବା କାରଣରୁ ଅନୁତାପ କରିବାକୁ ପଡ଼ିପାରେ। ମତ ଓ ମନ୍ତବ୍ୟକୁ କେନ୍ଦ୍ରକରି ପ୍ରଶାସନିକ ସ୍ତରରେ ତର୍କ ବିତର୍କ ଲାଗିପାରେ।

ଆଜି ମାର୍ଚ୍ଚ ୨୬ ତାରିଖ, ଚୈତ୍ର କୃଷ୍ଣ ଦ୍ୱାଦଶୀ ବୁଧବାର, ଅଦ୍ୟ ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ରାଶିନକ୍ଷତ୍ର-ସକାଳ ଘ.୦୭.୨୦ମି. ଗତେ ଘ.୦୮.୫୦ମି. ମଧ୍ୟେ ଅମୃତ ବେଳା । ଧନିଷ୍ଠା/ମକର, ଶରଣ, ଦିବା ଘ.୦୫.୪୯ମି. ଗତେ ଘ.୦୭.୨୬ମି. ମଧ୍ୟେ, ଘ.୧୦.୨୧ମି. ଗତେ ଘ.୧୧.୨୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୨୩ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ୧୨ କଂଗ୍ରେସ...

ବାହାରକୁ କାଢ଼ିବା କଥା କାଢ଼ନ୍ତୁ, ସେମାନେ ରାତିସାରା ଆନ୍ଦୋଳନ କରିବେ ବୋଲି କହିଥିଲେ। ଗୃହ ନ ଛାଡିବା କାରଣରୁ ବାରମ୍ବାର ମୁଲତବୀ ଭିତରେ ୨ଟି ବିଭାଗ ଖର୍ଚ୍ଚଦାବିଆଲୋଚନା ମଧ୍ୟ ହୋଇଯାଇଛି। କୃଷି ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଖର୍ଚ୍ଚଦାବିଆଲୋଚନାକୁ ବାଚସ୍ପତି ୨୮ ତାରିଖକୁ ଘୁଞ୍ଚାଇଦେଇ ବୁଧବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ମଧ୍ୟ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ଧାରଣାରେ ବସିଛନ୍ତି। ଏହି ଘଟଣାକୁ ନେଇ ତାରା କହିଛନ୍ତି, ଯେପର୍ଯ୍ୟନ୍ତ ଗୃହ କମିଟି ଗଠନ ନ ହୋଇଛି ଏବଂ ନିଲମ୍ବନ ଆଦେଶ ପ୍ରତ୍ୟାହାର କରା ନ ଯାଇଛି ପ୍ରତିବାଦକରି ଗୃହରୁ ଉଠି ଯିବୁନାହିଁ, ଏଠାରେ ରାତି କଟାଇବୁ। ନାରୀ ସୁରକ୍ଷା ପ୍ରସଙ୍ଗରେ ଗୃହ କମିଟି ଗଠନ ଲାଗି ବାରମ୍ବାର ଦାବି କରିଆସୁଥିବା କଂଗ୍ରେସ ଗତ ୨୦ ତାରିଖରୁ ବିଧାନସଭାକୁ ଏକପ୍ରକାର ଅଚଳ କରି ରଖିଛି। ମଙ୍ଗଳବାର ମଧ୍ୟ କଂଗ୍ରେସ ସଦସ୍ୟମାନେ ଗୃହରେ ହୋହଲ୍ଲା ଜାରି ରଖିଥିଲେ। ଏହି ପ୍ରସଙ୍ଗରେ କଂଗ୍ରେସ ସଦସ୍ୟମାନେ କିଛିଦିନ ତଳେ ପ୍ରତିବାଦିକରି ଗୃହ ବନ୍ଦ କରିବାକୁ ଦାବି କରୁଥିବାବେଳେ ଏହାକୁ ନେଇ ଶାସକ ଦଳର ସଦସ୍ୟଙ୍କ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଗୃହରେ କଂଗ୍ରେସ ଏବଂ ଭାଜପା ସଦସ୍ୟମାନଙ୍କ ମଧ୍ୟରେ ଏଭଳି ପରିସ୍ଥିତି ନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଥିଲା। ଶେଷରେ ଏହି ଘଟଣାରେ ବିଶୃଙ୍ଖଳିତ ଆଚରଣ ଲାଗି କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କୁ ଗୃହ କାର୍ଯ୍ୟରୁ ୭ ଦିନ ପାଇଁ ନିଲମ୍ବିତ କରାଯାଇଥିଲା। ଫଳରେ କଂଗ୍ରେସ ସଦସ୍ୟମାନେ ଏହି ଘଟଣାକୁ ନେଇ ବ୍ୟାପକ ଆନ୍ଦୋଳନ ଏବଂ ପ୍ରତିବାଦ କରିଥିଲେ। ଅନ୍ୟପକ୍ଷରେ ଆସନ୍ତା ୨୭ରେ କଂଗ୍ରେସ ନାରୀ ସୁରକ୍ଷା ପ୍ରସଙ୍ଗରେ ବିଧାନସଭା ଘେରାଉ କରିବାକୁ ଘୋଷଣା କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡେଙ୍ଗି ନଡିଆ, ବାଙ୍ଗର ଗୁଆ**
**ମଝି ମଝିକିଆ ତାଳ**
**ମଞ୍ଜି ଲଗାଇ ଗଛ କରିଲେ**
**ଫଳୁଥିବ କାଳ କାଳ ।**

ଡେଙ୍ଗା ନଡ଼ିଆ ଗଛ, ବାଙ୍ଗର ଗୁଆ ଗଛ ଓ ମଝିମଝିକିଆ ତାଳ ଗଛ ସର୍ବୋତ୍କୃଷ୍ଟ। ଏହି ଧରଣର ଗଛମାନଙ୍କରୁ ସଂଗୃହୀତ ମଞ୍ଜି ବା ଚାରାକୁ ବାଡ଼ି ବଗିଚାରେ ଲଗାଇଲେ ତାହା ବହୁ କାଳ ପର୍ଯ୍ୟନ୍ତ ଫଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡେଇଁ ପଡୁଥିବ ରୋଟକୁ**
**ପଇସା ନ ଥିବ ହାଟକୁ ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ସାମାନ୍ୟ ଅର୍ଥ ନ ଥିବା ବ୍ୟକ୍ତି ଦାମିକିଆ ଜିନିଷ କିଣିବା ଲାଗି ଆଗଭର ହୋଇପଡ଼ିବା ନିରର୍ଥକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ୩ ମାସରେ ଜଳିଲାଣି...

ପ୍ଲାନ୍ (ଡିଏପି) ପ୍ରସ୍ତୁତ କରାଯାଇଛି। ସମସ୍ତ ବନଖଣ୍ଡରେ ଜଙ୍ଗଲ ଅଗ୍ନି ପ୍ରତିରୋଧକ ବାହିନୀ ପାଇଁ ଅଗ୍ନି ସଚେତନତା ସଭା ଏବଂ ପ୍ରଶିକ୍ଷଣ ସହ ମକ୍‌ଡ୍ରିଲ୍ ସମ୍ପନ୍ନ ହୋଇସାରିଛି। ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ଅଗ୍ନି ଲାଇନ୍ ସୃଷ୍ଟି କରାଯାଇଛି ଏବଂ ପୁରାତନ ଅଗ୍ନି ଲାଇନ୍‌ର ରକ୍ଷଣାବେକ୍ଷଣ କରାଯାଇଛି। ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ସମସ୍ତ ବନଖଣ୍ଡରେ ଅଗ୍ନି ପ୍ରତିରୋଧକ ବାହିନୀ ସହ ଯାନବାହନ ନିୟୋଜିତ ହୋଇଛି। ଅଗ୍ନି ପ୍ରତିରୋଧକ ବାହିନୀଗୁଡ଼ିକୁ ଅଗ୍ନି ସୁରକ୍ଷା ଉପକରଣ ଏବଂ କିଟ୍ ପ୍ରଦାନ କରାଯାଇଛି। ଜଙ୍ଗଲ ଅଧିକାରୀ ଏବଂ ଅନ୍ୟାନ୍ୟ ସମ୍ବନ୍ଧୀୟ ବିଭାଗୀୟ କର୍ମଚାରୀଙ୍କୁ ଏଫ୍‌ଏସ୍‌ଆଇ ପୋର୍ଟାଲରେ ଜଙ୍ଗଲ ଅଗ୍ନି ସତର୍କତା ପାଇଁ ପଞ୍ଜୀକୃତ କରାଯାଇଛି।

ସେ କହିଥିଲେ, ଜଙ୍ଗଲ ଅଧିକାରୀମାନେ ଓଏଫ୍‌ଏମ୍‌ଏସ୍ ମୋବାଇଲ ଆପ୍ ବ୍ୟବହାର କରି ଜଙ୍ଗଲ ଅଗ୍ନି ସତର୍କତା ଗ୍ରହଣ ଓ ପ୍ରତିକ୍ରିୟା କରନ୍ତି, ଯାହାଦ୍ୱାରା ତ୍ୱରିତ ବନାଗ୍ନି ନିର୍ବାପନରେ ସହାୟକ ହୋଇଥାଏ। ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ରାଜ୍ୟ ବନ ବିଭାଗ ମୁଖ୍ୟାଳୟ ଏବଂ ବନଖଣ୍ଡ ମୁଖ୍ୟାଳୟ ସ୍ତରରେ ଏକ ୨୪x୭ ନିୟନ୍ତ୍ରଣ କକ୍ଷ କାର୍ଯ୍ୟରତ ଅଛି। ଜଙ୍ଗଲ ଅଗ୍ନିର ପ୍ରଭାବଶାଳୀ ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ଗ୍ରାମଗୁଡ଼ିକୁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଶିମିଳିପାଳରେ ଜଙ୍ଗଲ ଅଗ୍ନିର ପ୍ରଭାବଶାଳୀ ମନିଟରିଂ ପାଇଁ ଏଆଇ କ୍ୟାମେରା ସ୍ଥାପନ କରାଯାଇଛି।

ଏ ସମ୍ପର୍କରେ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଓଡ଼ିଶା ୨୦୨୧ ବନାଗ୍ନିରେ ଦେଶର ଏକ ନମ୍ବର ହୋଇଥିଲା। ଏହାକୁ ନେଇ ତତ୍କାଳୀନ ସରକାର ଟାସ୍କଫୋର୍ସ ଗଠନ କରିବା ସହ ତ୍ୱରିତ ପଦକ୍ଷେପ ନେବା ପାଇଁ ଅନେକ ନିଷ୍ପତ୍ତି ହୋଇଥିଲା। ସବୁଠାରୁ ବଡ଼କଥା ହେଲା, ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଧିବାସୀଙ୍କ ସହ ବନ କର୍ମଚାରୀ ଯଦି ସୁସମ୍ପର୍କ ରଖିବେ ତେବେ ଏଥିରେ ଅନେକ ସୁଧାର ଆସିପାରିବ। ବିଶେଷକରି ସ୍ଥାନୀୟ ଅଧିବାସୀ କିମ୍ବା ଜଙ୍ଗଲ ଭିତରେ ରହିଯାଇଥିବା କିଛି ପରିବାର ଅନେକ ସମୟରେ ଜଙ୍ଗଲଜାତ ଦ୍ରବ୍ୟ ଆଣିବା, କେନ୍ଦୁପତ୍ର ତୋଳିବା, ରାସ୍ତା ସଫା କରିବା ଭଳି କାର୍ଯ୍ୟବେଳେ ଅସାବଧାନତାବଶତଃ ଜଳନ୍ତା ବିଡ଼ି/ସିଗାରେଟ୍ ଫିଙ୍ଗିଦିଅନ୍ତି। ଫଳରେ ଜଙ୍ଗଲରେ ନିଆଁ ଲାଗିଯାଇଥାଏ। ଏନେଇ ସେମାନଙ୍କୁ ସଚେତନ କରାଇବାକୁ ପଡ଼ିବ। ଯଦି ଜଙ୍ଗଲ ସମ୍ପଦ ନଷ୍ଟ ହୋଇଯିବ ତେବେ ଆଗାମୀ ଦିନରେ ସେମାନଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିବ ବୋଲି ବୁଝାଇବାକୁ ହେବ। ଏହାସହ ଜଙ୍ଗଲାଞ୍ଚଳ ନିକଟ ଗ୍ରାମବାସୀ ଧାନବିଲରେ ନିଆଁ ଲଗାଉଥିବା ନଜରକୁ ଆସୁଛି। ଏହାଦ୍ୱାରା ମଧ୍ୟ ଜଙ୍ଗଲ ନିଆଁ ବ୍ୟାପୁଛି। ଏସବୁକୁ ଯଦି ସରକାର ଏବେଠାରୁ ଗୁରୁତ୍ୱର ସହ ଗ୍ରହଣ ନ କରନ୍ତି ତେବେ ୨୦୨୧ ପରିସ୍ଥିତି ଓଡ଼ିଶାରେ ସୃଷ୍ଟି ନ ହେବ ବୋଲି କହିହେବନାହିଁ।

### ଘରେ ନିଆଁ ଲଗାଇ...

ନିଆଁକୁ ଲିଭାଇଥିଲେ। ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ଜଳିଯିବା ସହ ଭିତରେ ଶୋଇଥିବା ଶିଶୁକନ୍ୟା ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। କିନ୍ତୁ ତାଙ୍କର ସାଢ଼େ ୩ବର୍ଷର ପୁଅ ବାହାରେ ଖେଳୁଥିବାରୁ ବର୍ତ୍ତି ଯାଇଥିଲେ। ଏହି ଘଟଣାକୁ ନେଇ ବାଲିମୀ ଥାନାରେ ସୁଭଦ୍ରା ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୬୬/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ବାଲିମୀ ଥାନା ଅଧିକାରୀ ସଲିଳ କୁମାର ପ୍ରଧାନ ଘଟଣା ସ୍ଥଳକୁ ପୋଲିସ ସହ ଯାଇ ତଦନ୍ତ କରିବା ସହିତ ଏକ ବିଲମାଳରୁ ଅଭିଯୁକ୍ତ ବାବୁଲିଙ୍କୁ ଗିରଫ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।



ରୋଲର ମେଶିନ୍‌କୁ ଧକ୍କା ଦେଇଥିବା ହାଇୱା ଟ୍ରକ୍।

### ରାସ୍ତା କାମ ବେଳେ...

ମଝିରେ ୨ ଶ୍ରମିକ ଓ ଜଣେ ପୂର୍ତ୍ତ କର୍ମଚାରୀ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦେବଗଡ଼ ଜିଲା ବାରକୋଟ ଥାନା ରେତବ ଗ୍ରାମର ବାବୁଲି ଶବର (୪୭)ଙ୍କୁ ମୃତ ଘୋଷଣା କରିଥିଲେ। କାମାକ୍ଷାନଗର ଥାନା ରେକୁଲା ଗ୍ରାମର ପୂର୍ତ୍ତ ବିଭାଗ କର୍ମଚାରୀ କ୍ଷିରୋଦ ସାହୁ (୪୦)ଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ପାଲଲହଡ଼ା ଥାନା କୃତ୍ତିବାସପୁର ଗ୍ରାମର ବିଶ୍ୱନାଥ ମୁଣ୍ଡ (୩୨)ଙ୍କୁ କଟକ ବଡ଼ଡାକ୍ତର ଖାନା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଲୋକମାନେ କ୍ଷତିପୂରଣ ଦାବିରେ ରାସ୍ତାରେ ଟାୟାର ଜାଳି ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଫଳରେ ୫ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ିମୋଟର ଅଟକି ରହିଥିଲା। ଖବର ପାଇ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଉପଜିଲାପାଳ ଦିନମଣୀ ନାୟକ, ଥାନା ଅଧିକାରୀ ଆଶିଷ କୁମାର ଜେନା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ରେଡକ୍ରସ ପାଣ୍ଠିରୁ ପ୍ରାଥମିକ ଭାବେ ସମସ୍ତ ମୃତକଙ୍କୁ ୩୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବା ସହ ପୂର୍ତ୍ତ ବିଭାଗରେ କାର୍ଯ୍ୟରତ କ୍ଷୀରୋଦ ସାହୁଙ୍କ ପରିବାରର ଜଣଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

### ଶିବସେନାକୁ ପୁଣି...

ସମର୍ଥନ ମିଳିଛି। ବିଶ୍ୱବ୍ୟାପୀ ପ୍ରଶଂସକମାନେ କୁନାଲଙ୍କୁ ସମର୍ଥନ ଜଣାଇବା ସହ ବିପୁଳ ଅର୍ଥ ଦାନ କରିଛନ୍ତି। ସମ୍ଭାବ୍ୟ ଆଇନଗତ ଲଢ଼େଇ ପାଇଁ ପାଣ୍ଠି ସଂଗ୍ରହ ଆରମ୍ଭ କରିବାକୁ ସେମାନେ କୁନାଲଙ୍କୁ ପରାମର୍ଶ ଦେଇଛନ୍ତି। ସେମାନେ କମେଡିଆନ୍‌ଙ୍କ ସାହସ ଓ ପରିହାସକୁ ପ୍ରଶଂସା କରିବା ସହ ସ୍ୱାଧୀନ ଅଭିବ୍ୟକ୍ତି ପାଇଁ ତାହା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। କୁନାଲ ସାମ୍ବାଦିକତା ଭଳି ବ୍ୟଙ୍ଗ କରୁଥିବାରୁ ଫ୍ୟାନ୍‌ମାନେ ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ପ୍ରଶଂସକ ୪୦୦ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଦେଉଛନ୍ତି। ଅନ୍ତର୍ଜାତୀୟ ସ୍ତରରୁ ଡଲାର, ପାଉଣ୍ଡ ଆଦି ବିଦେଶୀ ମୁଦ୍ରାରେ ଦାନ ପହଞ୍ଚିବାରେ ଲାଗିଛି।

ବ୍ୟଙ୍ଗାତ୍ମକ ସଙ୍ଗୀତ ଗାନ କରି କୁନାଲ ଶିବସେନାରେ ବିଭାଜନ ପାଇଁ ଶିନ୍ଦେଙ୍କୁ 'ଦେଶଦ୍ରୋହୀ' କହିଥିଲେ। ଏଥିରେ ଉତ୍ତେଜିତ ଶିବସେନା କର୍ମୀମାନେ କମେଡି ପ୍ରଦର୍ଶିତ ହୋଇଥିବା ଦି ହାବିଟାଟ୍ କମେଡି କ୍ଲବ୍‌ରେ ଭଙ୍ଗାରୁଜା କରିବା ସହ ଧମକ ଦେଇଥିଲେ। ତାଙ୍କ ବିରୋଧରେ ମାନହାନି ଏବଂ ସର୍ବସାଧାରଣରେ ପରିହାସ କରିବାକୁ ମନ୍ତବ୍ୟ ଦେବା ଆଦି ବିଭିନ୍ନ ଅଭିଯୋଗରେ ମାମଲା ରୁଜୁ ହୋଇଛି। କୁନାଲ ଶିବସେନା ନେତାଙ୍କୁ ଟାର୍ଗେଟ କରିବା ପାଇଁ ଟଙ୍କା କିମ୍ବା ଅନ୍ୟ କୌଣସି ସହାୟତା ଗ୍ରହଣ କରିଥିଲେ କି ନାହିଁ, ପୋଲିସ ତାହା ଖୋଜି ବାହାର କରିବାକୁ ଉଦ୍ୟମ କରୁଛି। ଉକ୍ତ ବିବାଦୀୟ ଧାଡ଼ି ଲେଖିବାରେ କୁନାଲଙ୍କୁ କେହି ସହାୟତା କରିଥିଲା କି ନାହିଁ, ତାହାର ମଧ୍ୟ ଅନୁଧ୍ୟାନ କରାଯାଉଛି। ତଦନ୍ତ ସମୟରେ ତାଙ୍କ ଫୋନ୍ ଓ ଅନ୍ୟାନ୍ୟ ଉପକରଣଗୁଡ଼ିକର ମଧ୍ୟ ଯାଞ୍ଚ ହୋଇପାରେ।

କୁନାଲ ନୂଆ ଭିଡିଓରେ 'ହମ୍ ହୋଙ୍ଗେ କମ୍ୟାବ' ଗୀତକୁ ଭିନ୍ନ ଭର୍ସନରେ 'ହମ୍ ହୋଙ୍ଗେ କଙ୍ଗାଲ' ଗାଇଛନ୍ତି। ଏଥିରେ ଶିବସେନା କର୍ମୀମାନେ ଦି ହାବିଟାଟ୍ କ୍ଲବ୍‌ରେ ଭଙ୍ଗାରୁଜା କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଶିବସେନା ନେତାମାନଙ୍କୁ ସମାଲୋଚନା କରିବାକୁ ଯାଇ କୁନାଲ ନାଥୁରାମ ଗଡ୍‌ସେ ଏବଂ ଆତ୍ମଘୋଷିତ ଗଡ୍‌ମ୍ୟାନ୍ ଆଶାରାମଙ୍କ କଥା ଉଲ୍ଲେଖ କରିଛନ୍ତି।

ବିବାଦର ୨ ଦିନ ପରେ ଶିନ୍ଦେ ନୀରବତା ଭଙ୍ଗକରି କହିଛନ୍ତି, ବ୍ୟଙ୍ଗକୁ ମୁଁ ବୁଝୁଛି। ତେବେ ସବୁକିଛିର ସୀମା ରହିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ସବୁ କ୍ରିୟାର ପ୍ରତିକ୍ରିୟା ରହିଥାଏ କହି ଶିବସେନା କର୍ମୀମାନେ ଦି ହାବିଟାଟ୍ କମେଡି କ୍ଲବ୍‌ରେ ଭଙ୍ଗାରୁଜା କରିବା ଘଟଣାକୁ ସେ ସମର୍ଥନ କରିଛନ୍ତି। ଲୋକ ସଭାରେ ମଧ୍ୟ କୁନାଲଙ୍କ କମେଡି ବିବାଦକୁ ନେଇ ଶିବସେନା ସଦସ୍ୟମାନେ ହୋହଲ୍ଲା କରିଥିଲେ। ଷ୍ଟାଣ୍ଡଅପ୍ କମେଡିଆନ୍ ଘୃଣା ମନ୍ତବ୍ୟର ପ୍ରସାର କରିବା ସହ ସମାଜରେ ଉତ୍ତେଜନା ସୃଷ୍ଟି କରୁଛନ୍ତି। ଏଭଳି ପ୍ରଦର୍ଶନକୁ ବେଆଇନ ଘୋଷଣା କରାଯାଉ ବୋଲି ଶିବସେନା ସଦସ୍ୟ ଧୈର୍ଯ୍ୟଶୀଳ ମାନେ ମଙ୍ଗଳବାର ଦାବି କରିଛନ୍ତି।

### ମେଡିକାଲ କଲେଜରେ...

ଗମ୍ଭୀର ଅଭିଯୋଗ ଏବଂ ୪୫.୧ ପ୍ରତିଶତ ରାଗିଂଜନିତ ମୃତ୍ୟୁ ଅଭିଯୋଗ ରହିଛି। ମୋଟ ଛାତ୍ରୀଛାତ୍ର ସଂଖ୍ୟାକୁ ନେଇ ବିଚାର କଲେ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ତୁଳନାରେ ମେଡିକାଲ କଲେଜଗୁଡ଼ିକରେ ୩୦ଗୁଣ ଅଧିକ ରାଗିଂ ଘଟଣା ଘଟିଛି। ଭାରତରେ ୩ ବର୍ଷରେ କେବଳ ୩,୧୫୬ ରାଗିଂ ଅଭିଯୋଗ ନ୍ୟାଶନାଲ ଆଣ୍ଟି-ରାଗିଂ ହେଲ୍ପଲାଇନ ଜରିଆରେ ଦାଏର ହୋଇଥିବାବେଳେ ସିଧାସଳଖ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଏବଂ ପୋଲିସରେ ଅଭିଯୋଗ ସଂଖ୍ୟା ଯଥେଷ୍ଟ ଅଧିକ ବୋଲି ରିପୋର୍ଟରେ କୁହାଯାଇଛି।



ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ସସ୍ତ୍ରୀକ ମଙ୍ଗଳବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି) ।

## ଚାନ୍ଦିପୁରରେ କ୍ଷେପଣାସ୍ତ୍ର ପରୀକ୍ଷଣ ଆଜି | ସ୍ଥାନାନ୍ତର ହେବେ ୬ ଗାଁର ୩୨୦୦ ବାସିନ୍ଦା

**ବାଲେଶ୍ୱର,୨୫।୩ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ଚାନ୍ଦିପୁର ଆଇଟିଆର ଏଲ୍‌ସି-୩ କ୍ଷେପଣାସ୍ତ୍ର ଘାଟିରୁ ବୁଧବାର ହେବାକୁ ଥିବା କ୍ଷେପଣାସ୍ତ୍ର ପରୀକ୍ଷଣ ପରିଚାଳନା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏହି ପରୀକ୍ଷଣ ପାଇଁ ନିର୍ଦ୍ଧାରିତ ହୋଇଥିବା ସାଢ଼େ ୨ କି.ମି. ପରିଧି ଅଞ୍ଚଳର ଜନସାଧାରଣଙ୍କ ସ୍ଥାନାନ୍ତର ଓ ସୁରକ୍ଷା ନିମନ୍ତେ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ପି ରାଜ ପ୍ରସାଦ, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ ସିଂହ, ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ବାଲେଶ୍ୱର ଭାରପ୍ରାପ୍ତ ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଜୟଦେବକସବା ପାହି ଓ ସାହାଜାନଗର ପାହି ଅଞ୍ଚଳରୁ ୧୧୫୦, ଭୀମପୁର ପାହି ଓ ତୁଣ୍ଡରାପାହିରୁ ୯୧୫ ଏବଂ ଖଡୁପାହି, କୁସୁମୁଳୀରୁ ୧୧୩୫ ଲୋକ ମିଶି ମୋଟ୍ ୩୨ଶହ ବାସିନ୍ଦାଙ୍କୁ ସ୍ଥାନାନ୍ତର ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଛି। ଜୟଦେବକସବା ପାହି ଓ ସାହାଜାନନଗର ପାହି ଜନସାଧାରଣଙ୍କ ନିମନ୍ତେ ଜୟଦେବକସବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ଭୀମପୁର ଓ ତୁଣ୍ଡରା ପାହିର ଜନସାଧାରଣଙ୍କ ନିମନ୍ତେ ଭୀମପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ଖଡୁପାହି ଓ କୁସୁମୁଳୀ ପାହିର ଜନସାଧାରଣଙ୍କ ନିମନ୍ତେ ଖଡୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ଅସ୍ଥାୟୀ ଶିବିର ନିର୍ମାଣ କରାଯାଇଛି। ଏହି ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡ଼ିକରେ ସ୍ଥାନାନ୍ତରିତ ଲୋକଙ୍କ ସହଜତା ପାଇଁ ଶହେରୁ ଉର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଉକ୍ତ ଅଞ୍ଚଳଗୁଡ଼ିକରେ ଗତ ୨ ଦିନରୁ ଡାକବାଜିଯନ୍ତ୍ର ଦ୍ୱାରା ଜନସାଧାରଣଙ୍କୁ ବୁଧବାର ପୂର୍ବାହ୍ନ ୬ଟାରୁ ସ୍ଥାନାନ୍ତର ଓ କ୍ଷେପଣାସ୍ତ୍ର ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଶିବିରରେ ରହିବାକୁ ସୂଚନା ଦିଆଯାଇଛି। ଏହି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଜନସାଧାରଣଙ୍କ ନିମନ୍ତେ ଜଳଖିଆ ଏବଂ ମଧ୍ୟାହ୍ନଭୋଜନ ଆଇଟିଆର ପକ୍ଷରୁ ପ୍ରଦାନ କରାଯିବ। ଯୋଗ୍ୟ ହିତାଧିକାରୀଙ୍କ ପ୍ରାପ୍ୟ ଟଙ୍କା ପୂର୍ବାହ୍ନ ୧୧ଟା ସୁଦ୍ଧା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀଗଣ ।

## ବାସିଖାଦ୍ୟ ଖାଇ ୧୩ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

**ଖୋଲାନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କନ୍ୟାଶ୍ରମ**

**ଟିଟିଲାଗଡ଼,୨୫।୩(ଶରତ ମିଶ୍ର)**

ବାସିଖାଦ୍ୟ ଖାଇ ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ୍ ଅନ୍ତର୍ଗତ ଖୋଲାନଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କନ୍ୟାଶ୍ରମର ୧୩ଜଣ ଛାତ୍ରୀ ମଙ୍ଗଳବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କୁ ଖୋଲାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମୀନକେତନ କିଷାନ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ଉକ୍ତ କନ୍ୟାଶ୍ରମରେ ରବିବାର ଯେଉଁ ମିଲ୍ ଦିଆଯାଇଥିଲା ସେଥିରେ ମାଛ ତରକାରି ଥିଲା। ତେବେ ଖାଇବାର କିଛି ସମୟ ପରେ କେତେଜଣ ଛାତ୍ରୀଙ୍କ ପେଟ କାଟିବା ସହ ଝାଡ଼ାବାନ୍ତି ହୋଇଥିଲା। ସୋମବାର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ଅପରାହ୍ନରେ ୫ ଜଣଙ୍କୁ ଚିକିତ୍ସା କରାଯାଇଥିବା ବେଳେ ଜଣେ ଛାତ୍ରୀଙ୍କୁ ସାଲାଇନ୍ ଲାଗିଥିଲା । କିନ୍ତୁ ମଙ୍ଗଳବାର ଆଉ ୧୩ ଜଣ ଛାତ୍ରୀ ଗୁରୁତର ହେବାରୁ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କ'ଣ ଖାଇଥିଲ ବୋଲି ପଚାରିବାରୁ ଆକ୍ରାନ୍ତ ଛାତ୍ରୀମାନେ ମାଛ ଖାଇବା ପରେ ଝାଡ଼ାବାନ୍ତି ହୋଇଥିଲା ବୋଲି ଡାକ୍ତରଙ୍କୁ କହିଥିଲେ। ଖବର ପାଇ ଖୋଲାନ ସରପଞ୍ଚ ନରେଶ ଅଗ୍ରୱାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ତେବେ ଖାଇବାକୁ ଦିଆଯାଇଥିବା ମାଛ ବାସି ହୋଇଥିବାରୁ ଏଭଳି ଅଘଟଣ ଘଟିଲା ନା ଅନ୍ୟ କୌଣସି କାରଣ ପାଇଁ ହେଲା ତା'ର ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ସରପଞ୍ଚ ଅଗ୍ରୱାଲ କହିଛନ୍ତି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଟିଟିଲାଗଡ଼ ବିଡିଓ ମଧ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଓ ଅଭିଭାବକ ଦାବି କରିଛନ୍ତି।

## ହାଇକୋର୍ଟରେ ସିପାହି, କନ୍‌ଷ୍ଟେବଲ୍ ନିଯୁକ୍ତି ମାମଲା | ବୟସସୀମା ୩ ବର୍ଷ କୋହଳ

**କଟକ,୨୫।୩(କାର୍ତ୍ତିକ ସାହୁ)**

ଓଡ଼ିଶା ପୋଲିସରେ ସିପାହି, କନ୍‌ଷ୍ଟେବଲ୍ ପଦରେ ନିଯୁକ୍ତି ନିମନ୍ତେ ବୟସ ସୀମା ୩ ବର୍ଷ କୋହଳ କରାଯିବା ନେଇ ରାଜ୍ୟ ସରକାର ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଉଭୟ ପକ୍ଷ ଏହି ନିଷ୍ପତ୍ତିରେ ରାଜି ହେବା ପରେ ହାଇକୋର୍ଟ ମାମଲାର ଅନ୍ତ ଘଟାଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଏବଂ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ରାୟ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ପୋଲିସ୍‌ର ଓଏସ୍‌ପି, ଆଇଆର୍, ଏସ୍‌ଆଇଆର୍, ସ୍ପେଶାଲ୍ ସିକ୍ୟୁରିଟି ବାଟାଲିଅନ୍‌ରେ ୧୩୬୦ଟି ସିପାହି, କନ୍‌ଷ୍ଟେବଲ୍ ପଦବୀ ପୂରଣ ପାଇଁ ଷ୍ଟେଟ୍ ସିଲେକ୍ସନ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୪ ଜାନୁଆରୀ ପହିଲା ସୁଦ୍ଧା ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସସୀମା ୧୮ ଏବଂ ସର୍ବାଧିକ ବୟସ ସୀମା ୨୩ ବର୍ଷ ଧାର୍ଯ୍ୟ ହୋଇଥିଲା। ୨୦୧୮ରେ ଶେଷଥର ପାଇଁ କନ୍‌ଷ୍ଟେବଲ୍, ସିପାହି ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କୋଭିଡ୍ ପାଇଁ ଆଉ ଏହି ପଦବୀ ପୂରଣ ଲାଗି ବିଜ୍ଞପ୍ତି ପ୍ରକାଶ ନ ପାଇ ୬ ବର୍ଷ ପରେ ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫଳରେ ଅନେକ ପ୍ରାର୍ଥୀ ବୟସସୀମା କଟକଣା ପାଇଁ ଏହି ପଦବୀ ନିମନ୍ତେ ଆବେଦନ କରିପାରି ନ ଥିଲେ। ଫଳରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୨୦୨୪ ଡିସେମ୍ବର ୫ରେ ଏହି ମାମଲାର ରାୟ ପ୍ରକାଶ କରି ଉକ୍ତ ଆଶାୟୀ ପ୍ରାର୍ଥୀଙ୍କୁ ବୟସ ସୀମାରେ ୱାନ୍ ଟାଇମ୍ କୋହଳ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ବିରୋଧ କରି ରାଜ୍ୟ ସରକାର ରିଟ୍‌ରେ ହାଇକୋର୍ଟଙ୍କୁ ଆସିଥିଲେ।

## ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

**ଯୋଡ଼ା,୨୫।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଯୋଡ଼ା ଥାନା ଅଧୀନ ରଘୁଆଳ ସାହିର ଶ୍ରୀକାନ୍ତ ନାଏକ (୨୧)। ମଙ୍ଗଳବାର ସନ୍ଧ୍ୟା ୭ଟା ୩୦ରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଚମ୍ପୁଆ ଥାନା ଅନ୍ତର୍ଗତ ରଘୁଆଳ ସାହିର ଯୁବକ ଶ୍ରୀକାନ୍ତ ନାଏକ ନାରଦପୁର କଲେଜରେ ପଢୁଥିଲେ। ସେହି କଲେଜରେ ଯୋଡ଼ା ଅଞ୍ଚଳର ଉକ୍ତ ଯୁବତୀ ମଧ୍ୟ ପଢୁଥିଲେ। ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ଶ୍ରୀକାନ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ପରେ ବିବାହ କରିବା ପାଇଁ ମନା କରିବା ସହିତ ସେ ଅନ୍ୟତ୍ର ବିବାହ କରିଥିଲେ। ଖବର ଜାଣିବା ପରେ ଯୁବତୀ ଫେବୃଆରୀ ୨୫ରେ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଯୋଡ଼ା ଥାନାରେ ଏକ ମାମଲା (ନଂ. ୪୦/୨୦୨୫) ରୁଜୁ ହୋଇଛି।

## ଭୋଜି, ୩ ହଜାର ଟଙ୍କା ଦେଇ ଜାତିରେ ମିଶିଲେ ମହିଳା



ମହିଳାଙ୍କ ଶୁଦ୍ଧି କର୍ମ ଚାଲିଛି।

**ଏବେ ବି ବଞ୍ଚିଛି ଜାତିପ୍ରଥା**

**ସ୍ୱାମୀଙ୍କ ଦଶାହରେ ଶୁଦ୍ଧି କରାଯାଇ ମହିଳାଙ୍କୁ ଜାତିରେ ମିଶାଇଲା ପରଜା ସମାଜ**

**ନବରଙ୍ଗପୁର,୨୫।୩ (ସଦାଶିବ ପ୍ରହରାଜ)**

ନବରଙ୍ଗପୁରରେ ଏବେ ବି ବଞ୍ଚିରହିଛି ଜାତିପ୍ରଥା। ଅନ୍ୟତ୍ର ବିବାହ କରିବା ପରେ ଜାତିରୁ ବାହାର କରିଦିଆଯାଉଛି। ନିକଟରେ ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଅନ୍ୟ ଜାତିରେ ବିବାହ କରିବା ଅଭିଯୋଗରେ ଭତରା ସମାଜ ତାଙ୍କୁ ଓ ତାଙ୍କ ପରିବାରକୁ ୧୨ ବର୍ଷ ବାସନ୍ଦ କରିଥିଲେ। ଏବେ ଏହିଭଳି ଏକ ଘଟଣା ପୁଣି ଥରେ ନବରଙ୍ଗପୁର ଜିଲାରେ ଘଟିଛି। ନବରଙ୍ଗପୁର ସହର ଇଚ୍ଛାବତୀଗୁଡ଼ାର ଜଣେ ଯୁବତୀ ଅନ୍ୟ ଜାତିରେ ବିବାହ କରିବାରୁ ତାଙ୍କୁ ପରଜା ସମାଜ ଜାତିରୁ ବାହାର କରିଦେଇଥିଲା। ଏହା ମଧ୍ୟରେ ଉକ୍ତ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ଦଶାହରେ ବିଭିନ୍ନ ଦେବଦେବୀଙ୍କୁ ପୂଜାର୍ଚ୍ଚନା ପରେ ମହିଳାଙ୍କୁ ଶୁଦ୍ଧି କରାଯାଇଛି। ଜାତିରେ ମାନ୍ୟତା ଦେବା ପାଇଁ ତାଙ୍କୁ ଭୋଜି ଦେବାକୁ ପଡ଼ିଛି। ଏଭଳିକି ଜାତିରେ ମିଶିବା ପାଇଁ ୩ ହଜାର୧ ଟଙ୍କା ମଧ ଦେଇଥିବା ଜଣାପଡ଼ିଛି।

ଇଚ୍ଛାବତୀଗୁଡ଼ା ସାହିର ମଙ୍ଗଳଦେଇ ଜାନୀ ପୁଟପର୍ତ୍ତି ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ହସ୍ତଶିଳ୍ପ ଦୋକାନ କରିଥିବା ହରିୟାଣାର ସଚିନ ଭଦ୍ରାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ବିବାହ କରିଥିଲେ। ତେବେ ୧୦ ବର୍ଷ ହେବ ଉଭୟ ନବରଙ୍ଗପୁର ଆସି ଏକ ଭଡ଼ାଘରେ ରହିଲେ। ୧୫ ତାରିଖରେ ସଚିନ ଋଷିକେଶ ଯାଇଥିବାବେଳେ ସେଠାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳଦେଇ ଅନ୍ୟ ସମ୍ପ୍ରଦାୟରେ ବିବାହ କରିଥିବାରୁ ପରଜା ସମ୍ପ୍ରଦାୟରେ ତାଙ୍କୁ ସ୍ୱୀକୃତି ମିଳି ନ ଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ନିଜର ବୋଲି ଆଉ କେହି ନ ଥିବାରୁ ପୁଣି ନିଜ ସମ୍ପ୍ରଦାୟରେ କିଭଳି ସ୍ୱୀକୃତି ମିଳିବ ସେ ନେଇ ନବରଙ୍ଗପୁର ପରଜା ସମାଜ ବିକାଶ ପରିଷଦ ସହ କଥା ହୋଇଥିଲେ। ଏହାପରେ ତାଙ୍କ ଭଡ଼ାଘରେ ଦେବଦେବୀଙ୍କୁ ପୂଜା କରାଯାଇଥିଲା। ବୁଢ଼ାରାଜା, ଭଣ୍ଡାରଘରଣୀ, କଳା ଧରଣୀ ଓ ମୁଣ୍ଡା ଦେବତାଙ୍କୁ ପୂଜା କରାଗଲା। ମଙ୍ଗଳଦେଇଙ୍କୁ ପରଜା ସମାଜର ରୀତିନୀତି ଅନୁଯାୟୀ ଆମ୍ବଛାଲି, ଆମ୍ବଡାଳ, ଦୁବ, ଗଙ୍ଗାଜଳ, କ୍ଷୀର, ମହୁଲି ଆଦି ଡାଳି ପବିତ୍ର କଷା ପାଣିରେ ଶୁଦ୍ଧି କରାଗଲା। ଜାତିରେ ମିଶିବା ପାଇଁ ମଙ୍ଗଳଦେଇ ପରଜା ସମାଜକୁ ଏକ ଭୋଜି ଦେବା ସହ ୩ହଜାର ୧ ଟଙ୍କା ଦେଇଥିଲେ। ଏହାପରେ ମଙ୍ଗଳଦେଇଙ୍କୁ ପରଜା ସମାଜରେ ମଙ୍ଗଳବାରରୁ ମିଶାଯାଇଛି ବୋଲି ସଂଘ ସଭ୍ୟ ବନମାଳୀ ଚାଲାଣ, ସମାଜର ସଭାପତି ଭଗବାନ ଜାନୀ, ପରଜା ସମାଜର ଭାତ ନାୟକ, ସଦା ଜାନୀ କହିଛନ୍ତି।



"ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏ ସବୁକିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ। -ଶ୍ରୀଅରବିନ୍ଦ



# ହାନିଲାଭର ହିସାବ

ଯୁଦ୍ଧବିରତି ପରେ ଗାଜା ଉପରେ ପୁଣି ଇସ୍ରାଏଲ ଆକ୍ରମଣ କରିବା ଆରମ୍ଭ କରିଦେଇଛି। ୨୪ ମାର୍ଚ୍ଚରେ ଇସ୍ରାଏଲ ସେନା ଗାଜାରେ ବୋମାମାଡ଼ କରିବାରୁ ୬୧ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ଦକ୍ଷିଣ ଗାଜାର ଖାନ୍ ୟୁନିସ୍‌ସ୍ଥିତ ସର୍ବବୃହତ୍ ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଆଗକୁ ମଧ୍ୟପ୍ରାଚ୍ୟକୁ ଘୋର ବିପଦ ମାଡ଼ି ଆସୁଛି ବୋଲି ଆଶଙ୍କା କରାଗଲାଣି। ଇତିମଧ୍ୟରେ ଇସ୍ରାଏଲ ଓ ହମାସ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ବିରତି ପାଇଁ ଇଜିପ୍ଟ ପୁନଃ ପ୍ରସ୍ତାବ ଦେଇଛି। କିନ୍ତୁ ଏ ଦିଗରେ କିଭଳି ଅଗ୍ରଗତି ହେବ ତାହା ସମ୍ଭବତଃ ଆମେରିକା ଓ ଚାଇନା ଉପରେ ନିର୍ଭର କରୁଛି ବୋଲି ଆଲୋଚନା ହେଲାଣି। କାରଣ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଯୁଦ୍ଧବିରତି କରି ମଧ୍ୟପ୍ରାଚ୍ୟ ଉପରେ ନିଜର ହୁକୁମାତି ଜାହିର କରିବାକୁ ଲକ୍ଷ୍ୟ ରଖିଥିଲେ। ଏବେ ଇସ୍ରାଏଲ ପୁନଃ ଆକ୍ରମଣ କରିବା ପଛରେ ଟ୍ରମ୍ପଙ୍କ ସମ୍ପୂର୍ଣ୍ଣ ସମର୍ଥନ ରହିଛି। ଆମେରିକୀୟ ଇହୁଦୀମାନଙ୍କ ଲବି ଅତ୍ୟନ୍ତ ଶକ୍ତିଶାଳୀ ଓ ସେମାନେ ଧନୀ। ତାଙ୍କ ଚାପରେ ଜୋ ବାଇଡେନ୍‌ଙ୍କ ପ୍ରଶାସନ ପୂର୍ବରୁ ଇସ୍ରାଏଲ୍‌କୁ ସବୁପ୍ରକାର ସହଯୋଗ ଦେଇଆସୁଥିଲା। ଯେତେବେଳେ ପଟ୍ଟ ପରିବର୍ତ୍ତନ ହେବ ବୋଲି ସ୍ପଷ୍ଟ ବୁଝାପଡ଼ିଲା ସେତେବେଳେ ସେହି ଆମେରିକୀୟ ଇହୁଦୀମାନେ ଟ୍ରମ୍ପଙ୍କ ନିର୍ବାଚନରେ ଅର୍ଥ ଲଗାଇଲେ। ଏମିତିରେ ଟ୍ରମ୍ପ ଜଣେ ମୁସଲମାନ ବିରୋଧୀ ନେତା ଭାବେ ପୃଥିବୀରେ ଜଣାଶୁଣା। ତାଙ୍କ ଶାସନ ଆସିବା ମାତ୍ରକେ ୟୁକ୍ରେନ୍‌ରେ ଶାନ୍ତି ପାଇଁ ଚେଷ୍ଟାକରି ବନ୍ଧୁ ତଥା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ମାରାତ୍ମକ ଗାତରୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ଟ୍ରମ୍ପ ଅନ୍ୟପଟେ ଇସ୍ରାଏଲ୍‌କୁ ବିପୁଳ ସାମରିକ ସହଯୋଗ ଦେଇ ଯୁଦ୍ଧକୁ ବଢ଼ାଇବାରେ କାର୍ଯ୍ୟ କରିଚାଲିଛନ୍ତି। ଅନ୍ତର୍ଜାତୀୟ ରାଜନୀତିରେ ଆମେରିକାର ଭୂମିକା ଏକ ଆମୂଳଚୂଳ ପରିବର୍ତ୍ତନ କରୁଥିବା ଭଳି ମନେହୁଏ। ମନେରଖିବାକୁ ହେବ ଯେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ଜୋ ବାଇଡେନ୍‌ଙ୍କ ପ୍ରଶାସନ ଚେଷ୍ଟା କରିଥିଲା। ଲୋକଦେଖାଣିଆ ଭାବେ ସେହି ଚୁକ୍ତିକୁ ସମ୍ମାନ ଦିଆଯାଇ ସ୍ୱଳ୍ପ ସମୟ ପାଇଁ ଯୁଦ୍ଧ ବନ୍ଦ କରାଯାଇଥିଲା। କିଛି ସପ୍ତାହ ପୂର୍ବେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସିଧାସଳଖ ହମାସ୍‌କୁ ଧମକାଇ କହିଥିଲେ, ପ୍ରତ୍ୟେକଟି ଇସ୍ରାଏଲ୍ ପଣବନ୍ଦୀଙ୍କୁ ମୁକ୍ତ କର, ନଚେତ୍ ତୁମ ଉପରେ ନିଆଁ ବର୍ଷିବ। ଟ୍ରମ୍ପଙ୍କ ଏହି ଖେଳ ଚାଲିଥିଲା ବେଳେ ପୁଟିନ୍ ତାଙ୍କ ନାକ ପର୍ଯ୍ୟନ୍ତ ୟୁକ୍ରେନ୍ କାଦୁଅରେ ଫସିଯାଇଥିବା ବେଳେ ଚାଇନା ତା'ର ଭିନ୍ନ ଲକ୍ଷ୍ୟରେ ଆଗେଇଚାଲିଛି। ବିଶେଷକରି ମଧ୍ୟପ୍ରାଚ୍ୟରେ ଚାଇନାର ଭୂମିକା ଭବିଷ୍ୟତରେ ଏକ ପଠନୀୟ ବିଷୟବସ୍ତୁ ହେବ।

ଚାଇନା ମଧ୍ୟପ୍ରାଚ୍ୟରେ ହେଉଥିବା ସଂଘର୍ଷରେ ପକ୍ଷ ନ ରହି ସେଠାକାର ଅର୍ଥନୈତିକ ପରିମଣ୍ଡଳରୁ ଲାଭ ଉଠାଇବା ଲକ୍ଷ୍ୟରେ କାର୍ଯ୍ୟ ଜାରି ରଖିଛି। ବିଶ୍ୱବାସୀ ଜାଣିଛନ୍ତି ଯେ ମଧ୍ୟପ୍ରାଚ୍ୟ ବିଶେଷକରି ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ତୈଳ ସମୃଦ୍ଧ ଓ ସେଥିରୁ ମୁଖ୍ୟତଃ ଲାଭାଂଶ ଉଠାଇଥାଆନ୍ତି। ସେଥିପାଇଁ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସେଠାକାର ତୈଳ ସମ୍ପଦ ଉପରେ ତୀକ୍ଷ୍ଣ ନଜର ରଖିଥାଆନ୍ତି। କିନ୍ତୁ ଡିସେମ୍ବର ୨୦୨୪ରେ 'ୱେଷ୍ଟ ଏସିଆନ୍ ଆଣ୍ଡ୍ ଆଫ୍ରିକାନ୍ ଷ୍ଟଡିଜ୍' ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ଉପସାଗରୀୟ ଅଞ୍ଚଳ ଏବେ ଅଣ-ତୈଳ କ୍ଷେତ୍ର ଯଥା- କୃତ୍ରିମ ବୁଦ୍ଧିମତ୍ତା(ଏଆଇ), ନବୀକରଣୀୟ ଶକ୍ତି, ମାନୁଫାକ୍ଚରିଂ ଏବଂ ପର୍ଯ୍ୟଟନର ବିକାଶକୁ ଆଞ୍ଚଳିକ ଉନ୍ନତିର ପ୍ରମୁଖ ଚାବିକାଠି ବୋଲି ଧରିନେଲେଣି। ସମ୍ଭବତଃ ଏହି ଦିଗକୁ ଚାଇନା ଅନିଶାକରି ମଧ୍ୟପ୍ରାଚ୍ୟରେ ତା'ର ଉପସ୍ଥିତି ଜାହିର କରିବାରେ ଲାଗିପଡ଼ିଛି। ନିକଟ ଅତୀତରେ ଚାଇନା ଅତ୍ୟାଧୁନିକ ଏଆଇ 'ଡିପ୍‌ସିକ' ବିକଶିତ କରିବା ପରେ ତାହା ଆମେରିକାର ପ୍ରଯୁକ୍ତି ଦୁନିଆକୁ ବଡ଼ ଆହ୍ୱାନ ହୋଇଯାଇଛି। ଯେହେତୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଅଣ-ତୈଳ କ୍ଷେତ୍ରକୁ ବ୍ୟବହାରକରି ସମୃଦ୍ଧ ହେବାକୁ ଚାହୁଁଛନ୍ତି, ସ୍ୱାଭାବିକ ଭାବେ ସେମାନେ ଚାଇନା ମୁହାଁ ହେଉଥିବା ଲକ୍ଷ୍ୟ କରାଯାଉଛି। କାରଣ ଆଗାମୀ ସମୟ ପାରମ୍ପରିକ ଯୁଦ୍ଧଠାରୁ ଦୂରେଇଯାଇ ଏଆଇ ନିୟନ୍ତ୍ରିତ ଲଢ଼େଇ ଆଡ଼କୁ ଅଗ୍ରସର ହେଉଛି। ହୁଏତ ଚାଇନା ଏହି କଥାକୁ ଭଲ ଭାବେ ବୁଝି ପୃଥିବୀର ନୂତନ ବୃହତ୍ ଶକ୍ତି ବା ସୁପରପାୱାର ହେବା ପାଇଁ ନିଅାଁ ପକାଉଛି।

ଏହି ପରିପ୍ରେକ୍ଷୀରେ ଭୂରାଜନୈତିକ ଓ ଅର୍ଥନୈତିକ ସ୍ଥିତିକୁ ଦେଖିଲେ ଭାରତ ନିଜର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ଗୁରୁତ୍ୱ ହରାଇବସୁଛି। ଯେହେତୁ ଟ୍ରମ୍ପ ପ୍ରଶାସନ ଏବେ ଅଧିକ ଘରମୁହାଁ ହୋଇ ଆମେରିକାକୁ ପ୍ରାଧାନ୍ୟ ଦେଉଛି, ସେଥିପାଇଁ ତାଇୱାନ୍ ଓ ବାଂଲାଦେଶ ଭଳି କେତେକ ଦେଶ ଉପରୁ ତା'ର ଦୃଷ୍ଟି ଦୂରେଇଗଲାଣି। ସେହି ଶୂନ୍ୟସ୍ଥାନକୁ ଅତି ଶୀଘ୍ର ଚାଇନା ଦ୍ୱାରା ପୂରଣ କରିଦିଆଯିବାର ଲକ୍ଷ୍ୟ କରାଯାଉଛି। ଉଦାହରଣ ସ୍ୱରୂପ ବାଂଲାଦେଶରେ ଶେଖ୍ ହସିନାଙ୍କ ସରକାରକୁ ହଟାଇ ଆମେରିକାର ସମର୍ଥନ ମହମ୍ମଦ ୟୁନୁସ୍‌ଙ୍କ ପଛରେ ରହିଥିଲା। ସେହି ରାଜନୀତିକୁ କୌଣସି ଭାବେ ବୁଝିପାରି ନ ଥିବା ଭାରତର ଶାସନ ବ୍ୟବସ୍ଥା ଏବେ ସେଠାରେ ଆମେରିକା ବିଦାହୋଇ ଚାଇନା ପଶୁଥିବାର ଦେଖିବାକୁ ପାଉଛି। ଦିଲ୍ଲୀରେ ଶେଖ୍ ହସିନା ବସିଥିବା ବେଳେ ମହମ୍ମଦ ୟୁନୁସ୍‌ଙ୍କର ବେଜିଂ ସାଙ୍ଗରେ ଘନିଷ୍ଠତା ସ୍ପଷ୍ଟ ଭାବେ ବୃଦ୍ଧି ପାଉଛି। ଏଥିରୁ ବୁଝିବାକୁ ହେବ ଯେ ଭାରତର ଶାସନ ବ୍ୟବସ୍ଥା ଅନ୍ତର୍ଜାତୀୟ ରାଜନୀତିକୁ ବୁଝିବାରେ ଅକ୍ଷମ।

ଏଭଳି ପ୍ରଚ୍ଛଦପଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ପୋଡ୍‌କାଷ୍ଟରେ କହିଛନ୍ତି, ଚାଇନା ସହ ସମ୍ପର୍କକୁ ସ୍ୱାଭାବିକ କରିବା ଲାଗି ଚେଷ୍ଟା କରାଯାଉଛି। କିନ୍ତୁ ବାସ୍ତବ ସତ୍ୟ ହେଉଛି ଚାଇନା ଅନ୍ତର୍ଜାତୀୟ ରାଜନୀତିରେ ଯେଉଁ ସ୍ତରରେ ପହଞ୍ଚିଲାଣି ସେଠାରେ ଭାରତ ସହ ଘନିଷ୍ଠ ସମ୍ପର୍କ ସୃଷ୍ଟିକରିବା ପଛରେ ବ୍ୟବସାୟିକ ହାନିଲାଭର ହିସାବ ମୁଖ୍ୟ ଗୁରୁତ୍ୱ ଧାରଣ କରିବ। ସେଥିରେ ଭାରତ କେଉଁଭଳି ବୁଝାମଣା କରିପାରିବ ତାହା ଭବିଷ୍ୟତ ହିଁ କହିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 8 | | | | | | | |
| 6 | | | 2 | | 5 | 9 | 8 | |
| | | | | | | 6 | | 5 |
| | | | | | | 1 | | |
| 2 | | 8 | | | 1 | | 9 | |
| | | | | | | 7 | 3 | 4 |
| | | | 8 | | | | | |
| | 4 | | 3 | | | | | |
| 3 | | | | 9 | 2 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 8 | 7 | 3 | 5 | 4 | 6 | 2 |
| 4 | 7 | 2 | 8 | 6 | 1 | 3 | 5 | 9 |
| 6 | 3 | 5 | 4 | 9 | 2 | 8 | 7 | 1 |
| 7 | 4 | 3 | 2 | 1 | 6 | 5 | 9 | 8 |
| 2 | 9 | 6 | 3 | 5 | 8 | 1 | 4 | 7 |
| 5 | 8 | 1 | 9 | 4 | 7 | 6 | 2 | 3 |
| 8 | 5 | 9 | 1 | 2 | 4 | 7 | 3 | 6 |
| 3 | 6 | 7 | 5 | 8 | 9 | 2 | 1 | 4 |
| 1 | 2 | 4 | 6 | 7 | 3 | 9 | 8 | 5 |

ଗତକାଲିର ଉତ୍ତର

# ରାଜନେତାଙ୍କ ଲଣ୍ଠନ ଉପାଖ୍ୟାନ



କିଶୋର ଚନ୍ଦ୍ର ବେହେରା

ଅତ୍ୟାଧୁନିକ ବିଜ୍ଞାନ ଓ କାରିଗରି ବିଦ୍ୟା ଡିଜିଟାଲ ଯୁଗରେ ଅଲୋଡ଼ା ହୋଇପଡ଼ିଥିବା ଡିବିରି, ଲଣ୍ଠନ, ଚେମେଣି ଓ ମହମବତି ଏବେ ପୁଣି ଖୋଜା ପଡ଼ିଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ସମୟରେ ଏସବୁ ପାରମ୍ପରିକ ସାମଗ୍ରୀକୁ ଲୋକେ ପୁଣି ଏକତ୍ରିତ କରିଥାନ୍ତି। ଆଲୋକ ପ୍ରଦାନ କରୁଥିବା ଏକ ଉପକରଣ, ଯେଉଁଥିରେ ବତିର ଚାରିପଟେ ଏକ ଗୋଲ କାଚ ଲଗା ହୋଇଥାଏ ଏବଂ ତେଲ ରଖିବା ନିମନ୍ତେ ଏକ ଆଧାର ଥାଏ। ଯେଉଁ ସମୟରେ ଆମ ନିକଟରେ ବିଦ୍ୟୁତ୍ ଅପହଞ୍ଚ ଥିଲା ସେତେବେଳେ ଲୋକେ କିରୋସିନରେ ଡିବିରି ବତି ହେଉ କିମ୍ବା ଦିହୁଡି ଲଗାଇ ଅନ୍ଧାରକୁ ଦୂରେଇ ପାରୁଥିଲେ L ବହୁ ବର୍ଷ ଧରି ନିପଟ ମଫସଲ ଗ୍ରାମ କିମ୍ବା ଛୋଟ ଛୋଟ ସହରଗୁଡ଼ିକରେ ଆଲୋକୀକରଣ ବ୍ୟବସ୍ଥାର ଅଭାବ ଦେଖାଦେଇଥିଲା। ବସ୍ତିଗୁଡ଼ିକରେ ବସବାସ କରୁଥିବା ଲୋକେ ବିଭିନ୍ନ ଉପାୟରେ ଅନ୍ଧାରକୁ ଦୂର କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଥିଲେ। ଅପହଞ୍ଚ ଇଲାକା ତଥା ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଲୋକେ ରାତିର ଘନ ଅନ୍ଧକାର ଭିତରେ ମୁଣ୍ଡ ଗୁଞ୍ଜି ରହୁଥିଲେ। ଦିନରେ ସୂର୍ଯ୍ୟଙ୍କ ଆଲୁଅରେ ପେଟ ପାଟଣା ପାଇଁ ଖାଦ୍ୟ ଅନ୍ୱେଷଣ ହେଉ କିମ୍ବା ଚାଷ ଜମିରେ କାମ କରି ସନ୍ଧ୍ୟା ବେଳକୁ ଘରକୁ ଫେରି କ୍ଲାନ୍ତ ଶରୀରକୁ ବିଶ୍ରାମ ଦେବା ପାଇଁ ତତ୍ପର ହେଉଥିଲେ। ସଞ୍ଜ ନଇଁଲେ ଘରେ ଘରେ ପଡ଼ି ଯାଉଥିଲା ତାଟି କବାଟ। କିଛି ଲୋକ ଡିବିରି ବତିରେ ପାଠ ପଢ଼ିବା ହେଉ କି ରୋଷେଇ କରିଆସୁଥିଲେ। ଧୂଆଁରେ ଘର ଭର୍ତ୍ତି ହୋଇଯାଉଥିଲା। ସମୟ କ୍ରମେ ଗାଁ ଗଣ୍ଡାର କୁଶଳୀ କାରିଗର ଲୁହାରେ ତିଆରି ଚିମିଲି ସହିତ ଲଣ୍ଠନକୁ ତିଆରି କରି ଲୋକଙ୍କ ଆବଶ୍ୟକତା ମେଣ୍ଟାଇବାରେ ସମର୍ଥ ହୋଇଥିଲେ। ଲଣ୍ଠନ ବିଭିନ୍ନ ପ୍ରକାର ଯେମିତି କିରୋସିନ, ପେଟ୍ରୋମାକ୍ସ କିମ୍ବା ବିଦ୍ୟୁତ୍ ଚାଳିତ ଆଲୋକ ଉପକରଣ ହୋଇପାରେ। କିନ୍ତୁ ଓଡ଼ିଶାରେ ଲଣ୍ଠନ କହିଲେ ସାଧାରଣତଃ କିରୋସିନଚାଳିତ ଲଣ୍ଠନକୁ ବୁଝାଯାଏ। ଲଣ୍ଠନ ଭିତରେ ମହମବତି, କିରୋସିନ ସଳିତା, ପେଟ୍ରୋମାକ୍ସ ମେଣ୍ଟଲ କିମ୍ବା ବିଦ୍ୟୁତ୍ ବତି ଆଲୋକର ଉତ୍ସ ଭାବରେ ବ୍ୟବହାର ହୋଇଥାଏ। ଖୋଲା ଆଲୋକ ଉତ୍ସ ଯେମିତି ମହମବତି କିମ୍ବା ଡିବିରି ବତିରୁ ଅନେକ ପ୍ରକାରେ ଅଗ୍ନି ବିପତ୍ତି ହେବାର ସମ୍ଭାବନା ଥିବା ବେଳେ ଲଣ୍ଠନ ଏକ ନିରାପଦ ବତି ଭାବରେ ବ୍ୟବହାର କରାଯାଇଥାଏ। ପ୍ରକୃତରେ ଲଣ୍ଠନର ଉଦ୍ଭାବନ ନିରାପଦ ଆଲୋକ ପାଇବା ଉଦ୍ଦେଶ୍ୟରେ ହିଁ ହୋଇଥିଲା।



ଅଧିକନ୍ତୁ ଘର ବାହାରେ ଲଣ୍ଠନର ଆଲୋକ ଉପରେ ପବନର ପ୍ରଭାବ ବିଶେଷ ନ ଥାଏ।

ଅନ୍ଧାର ରାତିକୁ ଦୂର କରିବା ପାଇଁ ଯେଉଁ ଲଣ୍ଠନର ବ୍ୟବହାର ସମାଜରେ ବହୁଳ ପରିମାଣରେ ହେଉଥିଲା, ତାକୁ ନେଇ ଅନେକ କବି, ନାଟ୍ୟକାର, ଗୀତିକାର, ପ୍ରାବନ୍ଧିକ ଓ ଚିତ୍ରଶିଳ୍ପୀ ନିଜ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ରାତିରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ କିମ୍ବା ଦିନସାରା ଅକ୍ଳାନ୍ତ ପରିଶ୍ରମରୁ ନିଜକୁ ହାଲୁକା କରିବା ପାଇଁ ଯେଉଁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥାଏ ସେତେବେଳେ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ। କାଳକ୍ରମେ ଭାରତ ସରକାରଙ୍କ ନିର୍ବାଚନ ଆୟୁକ୍ତ ଏହାକୁ ରାଜନୈତିକ ଦଳର ଚିହ୍ନ ରୂପେ ସ୍ୱୀକୃତି ପ୍ରଦାନ କରିଥିଲେ। ୧୯୯୭ରେ ଜାତୀୟ ଜନତା ଦଳରୁ ଅଲଗା ହେବାପରେ ଲାଲୁ ପ୍ରସାଦ ଯାଦବ ବିହାରରେ ପ୍ରଥମ ଥର ପାଇଁ ରାଷ୍ଟ୍ରୀୟ ଜନତା ଦଳ ଗଠନ କରିଥିଲେ ଏବଂ ଏହାର ଦଳୀୟ ଚିହ୍ନ ଥିଲା ଲଣ୍ଠନ। ସେ ହିଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ଏହାପରେ ଲଗାତର ଏହି ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏପରି କି ଚାରା ଘୋଟାଲାରେ ଅଭିଯୁକ୍ତ ଥିବାବେଳେ ମଧ୍ୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସାଧାରଣ ନିର୍ବାଚନ, ରାଜ୍ୟ ବିଧାନସଭାର ନିର୍ବାଚନ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ପରସ୍ପର ରାଜନୈତିକ ଦଳ ପରସ୍ପରକୁ ଆକ୍ଷେପ ଓ ପ୍ରତିଆକ୍ଷେପ କରି ସମାଲୋଚନା କରିଥାନ୍ତି 'ଦିନବେଳେ ଲଣ୍ଠନ ଦେଖାଇବା' କଥା କାରଣ ସୂର୍ଯ୍ୟାଲୋକରେ ଲଣ୍ଠନ ଜଳିବା ଦ୍ୱାରା ନିଜର ଅସ୍ତିତ୍ୱ ହରାଇଥାଏ। ଦଳୀୟ ପ୍ରାର୍ଥୀଙ୍କ ପ୍ରତିଶ୍ରୁତି କିଛି ଜନତା ଜନାର୍ଦ୍ଦନ ମତଦାତାମାନେ ଏହାକୁ ଗ୍ରହଣ କରିଥିବା ବେଳେ କିଛି ଏହାକୁ ଅଗ୍ରାହ୍ୟ କରିଥାନ୍ତି। ଆମ ଦେଶରେ ୧୯୫୨ ମସିହା ପ୍ରଥମ ସାଧାରଣ ନିର୍ବାଚନଠାରୁ ଆରମ୍ଭ କରି ସଂପ୍ରତି ବିଧାନସଭା ନିର୍ବାଚନ ହେଉ କିମ୍ବା ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ଓ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ଶାସନ ନିର୍ବାଚନ ଭୋଟଦାନ କକ୍ଷରେ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ। ଭୋଟଦାନ କକ୍ଷରେ ଲଣ୍ଠନର ବ୍ୟବହାରକୁ ନେଇ ଅନେକ ଆଲୋଚନା ମଧ୍ୟରେ ପ୍ରଥମତଃ ଭୋଟଦାନ କକ୍ଷଟି ଅନ୍ଧକାର ଥିବାରୁ ଏହାକୁ ଆଲୋକିତ କରାଯାଏ; ଯାହାଫଳରେ ମତଦାତା ନିଜର ଜନପ୍ରତିନିଧି ଚିହ୍ନଟିକୁ ଜାଣିବା ପାଇଁ ସହଜ ହୋଇଥାଏ। ଦ୍ୱିତୀୟତଃ ଭାରତୀୟ ପରମ୍ପରାରେ ଦୀପର ଆଲୋକ ସତ୍ୟ, ଧର୍ମ ଓ ପରମ୍ପରାର ପ୍ରତୀକ ବୋଲି ବିଶ୍ୱାସ କରାଯାଇଥାଏ। ମତଦାତା ନିଜର ଭୋଟ ଖଣ୍ଡିକ କାହାକୁ ସାବ୍ୟସ୍ତ କଲେ କେବଳ ନିର୍ଜୀବ ଲଣ୍ଠନ ଦୀପ ହିଁ ଦେଖିଥାଏ, ତା' ବ୍ୟତିରେକ ଅନ୍ୟ କିଏ ଦେଖି ନ ଥାନ୍ତି।

ଯେଉଁ ଲଣ୍ଠନକୁ ସାକ୍ଷୀ ରଖି ସାଧାରଣ ଜନତାଟିଏ ନିଜର ମତ ସାବ୍ୟସ୍ତ କରିଥିଲା, ସେହି ଲଣ୍ଠନ ଏବେ ନିର୍ବାଚିତ ଜନପ୍ରତିନିଧିଙ୍କ ହାତରେ। ଏଭଳି ରୋଚକ ପରିସ୍ଥିତି ଦେଖିବାକୁ ମିଳୁଛି ଚଳିତବର୍ଷ ବଜେଟ ଅଧିବେଶନରେ। ଓଡ଼ିଶାବିରୋଧୀ ମନ୍ତବ୍ୟ ଦେଇଥିବା ବିଧାୟକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜୁ ଜନତା ଦଳ ଦାବି କରିଛି। ଏହାସହ ଅଭିନବ ଉପାୟରେ ଲଣ୍ଠନ ଧରି ମୁଖ୍ୟମନ୍ତ୍ରୀ କୁଆଡ଼େ ଗଲେ ବୋଲି ଖୋଜିଥିଲେ ବିଜେଡି ବିଧାୟକ। ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ପାଖରେ ଲଣ୍ଠନ ଧରି ଖୋଜିଥିଲେ ବିଜେଡି ବିଧାୟକ। ଏହାପରେ ବିଜେଡି ବିଧାୟକମାନେ ବିଧାନସଭାରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରି ପ୍ରତିବାଦ କରିଥିଲେ । ଯେଉଁଠି ରାତିର ଅନ୍ଧାରକୁ ଦୂର କରିବା ପାଇଁ ଲଣ୍ଠନର ଆବଶ୍ୟକତା ପଡ଼ିଥାଏ କିନ୍ତୁ ୨୪ଘଣ୍ଟା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବିଧାନସଭାରେ ଲଣ୍ଠନର ଆବଶ୍ୟକତା ପଡ଼ିଲା ଏହା ସାଧାରଣରେ ପ୍ରଶ୍ନବାଚୀ। ଏହାକୁ ନେଇ ଯୁବ ମତଦାତା ଗୋଷ୍ଠୀ କହନ୍ତି, ଆମେ ତ ଘରେ ଲଣ୍ଠନ ଦେଖିନାହୁଁ, ବାହାରକୁ ଗଲେ ହୋଟେଲ କିମ୍ବା ପାର୍କରେ ରଖାଯାଇଥିବାର ଦେଖିବାକୁ ମିଳୁଥିଲା, ସେ ଯାହାହେଉ ବର୍ତ୍ତମାନ ଗଣତନ୍ତ୍ର ମନ୍ଦିରରେ ଏହା ଦେଖିବାକୁ ମିଳିଲାଣି। ଏହାକୁ ନେଇ ରାଜନୈତିକ ଗବେଷକମାନେ ମତପ୍ରକାଶ କରିଛନ୍ତି ଗତ ୧୯ତମ ସାଧାରଣ ନିର୍ବାଚନ ଓ ୧୮ତମ ରାଜ୍ୟ ବିଧାନସଭା ନିର୍ବାଚନ ସମୟରେ ଭୋଟଦାନ କକ୍ଷରେ କିରୋସିନ ବ୍ୟବହୃତ ଲଣ୍ଠନ ବ୍ୟବହାର ନ କରି ବ୍ୟାଟେରିଜନିତ ଲଣ୍ଠନ ବ୍ୟବହାର ଏହାର ପରିଣାମ ବୋଲି ମତପୋଷଣ କରୁଛନ୍ତି। ଏଥିରୁ ସ୍ପଷ୍ଟ ହୋଇଗଲା କି ପରବର୍ତ୍ତୀ ପିଢ଼ି ପାଇଁ ଇତିହାସ ପାଲଟିବନି ପାରମ୍ପରିକ ଲଣ୍ଠନ।

ଅଧ୍ୟାପକ, ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ, ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

# ନୀରବଘାତକ



ବିଦ୍ୟାଧର ମହାରଣା

ଭାରତରେ ୧୪ କୋଟି ଲୋକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଧାରିତ ବାୟୁଗୁଣ ସୂଚକାଙ୍କର ୧୦ ଗୁଣ ପ୍ରଦୂଷିତ ବାୟୁ ସେବନ କରନ୍ତି, ଯାହା ଫଳରେ ପ୍ରତିବର୍ଷ ୨୦ ଲକ୍ଷ ଲୋକ ଅକାଳ ମୃତ୍ୟୁବରଣ କରନ୍ତି। ବାୟୁ ପ୍ରଦୂଷଣକୁ ସାଧାରଣତଃ ବାୟୁଗୁଣ ସୂଚକାଙ୍କ ହିସାବରେ ପ୍ରକାଶ କରାଯାଏ। ବାୟୁମଣ୍ଡଳରେ ଅତି କ୍ଷୁଦ୍ର କଣିକାର ଆକାରକୁ ୨.୫ ମାଇକ୍ରୋମିଟର କିମ୍ବା ୧୦ଆକାରରେ ପ୍ରକାଶ କରାଯାଏ, ଯାହାକୁ ପିଏମ୍ ୨.୫ ବା ପିଏମ୍୧୦ କୁହାଯାଏ। ଏକ ଘନମିଟର ବାୟୁରେ ମାଇକ୍ରୋଗ୍ରାମ ହିସାବରେ ବାୟୁ ପ୍ରଦୂଷଣ ପ୍ରକାଶ କରାଯାଏ। ଭାରତରେ ୨୦୨୪ ମସିହାରେ ହାରାହାରି ୫୦.୬ ମାଇକ୍ରୋଗ୍ରାମ କଣିକା ପ୍ରତି ଘନମିଟର ବାୟୁରେ ଥିଲା, ଯାହା ୨୦୨୩ ମସିହାର ୫୪.୪ ତୁଳନାରେ ସାମାନ୍ୟ କମ୍ ଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ସୂଚକାଙ୍କକୁ ୬ ଶ୍ରେଣୀରେ ବିଭକ୍ତ କରେ। ଯେଉଁ ସହର ବା ଦେଶରେ ଏହା ୫.୧ରୁ ୧୦ ମଧ୍ୟରେ ରହେ ତାହା ନିର୍ଦ୍ଧାରିତ ମାନଠାରୁ ୨-୨ ଗୁଣ ଅଧିକ ବୋଲି ବିବେଚନା କରାଯାଏ। ଏହି ମାନ ଯଦି ୫୦ରୁ ଅଧିକ ରହେ ତେବେ ତାକୁ ୧୦ ଗୁଣ ଅଧିକ ବୋଲି ବିଚାର କରାଯାଏ। ୨୦୨୫ ମସିହାରେ ମେଘାଳୟ ବିରନିହାଟରେ ଏହା ୧୨୮.୨, ଦିଲ୍ଲୀରେ ୧୦୮.୩ ଓ ଫରିଦାବାଦରେ ୧୦୧.୨ ରେକର୍ଡ କରାଯାଇଛି। ଭାରତରେ ୩୫% ସହରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଧାରିତ ମାନଠାରୁ ୧୦ ଗୁଣ ଅଧିକ ବାୟୁ ପ୍ରଦୂଷିତ ହେବାର ପ୍ରକାଶ କରାଯାଇଛି। ବାୟୁରେ ଅଧିକ ପିଏମ୍ ୨.୫ ଥିଲେ ହୃଦ୍‌ରୋଗ, ଆଜ୍‌ମା ଓ ଓଜନ କମି ଯାଏ। ଏପରି ପ୍ରଦୂଷିତ ବାୟୁ ଶ୍ୱାସନଳିରେ ପ୍ରବେଶ କରି ମୃତ୍ୟୁର କାରଣ ହେଉଛି। ଏପରି ନୀରବ ଘାତକ ଆମ ଦେଶର କିପ୍ରକାର ବିପଦ ଆଗକୁ ସୃଷ୍ଟି କରିବ ତାହା ସହଜରେ ଅନୁମେୟ।

ବାୟୁ ପ୍ରଦୂଷଣର ମୁଖ୍ୟ କାରଣଗୁଡ଼ିକ ହେଲା ଶିଳ୍ପ ଯୋଗୁ ବାୟୁମଣ୍ଡଳକୁ ତ୍ୟାଗ କରାଯାଉଥିବା ଅଙ୍ଗାରକାମ୍ଳ ବାଷ୍ପ, ରାସ୍ତାରେ ଚାଲୁଥିବା ଗାଡ଼ିମୋଟର ଯୋଗୁ ନିର୍ଗତ ହେଉଥିବା କାର୍ବନ ମନୋକ୍ସାଇଡ ଓ ଅଙ୍ଗାରକାମ୍ଳ ବାଷ୍ପ, ନିର୍ମାଣ ଯୋଗୁ ବାୟୁମଣ୍ଡଳକୁ ନିର୍ଗତ ଧୂଳିକଣା, ଅଳିଆ ଆବର୍ଜନା ପୋଡ଼ା, ବିଜୁଳି ଶକ୍ତି ପାଇଁ କୋଇଲା ଜାଳେଣି ଓ ରୋଷେଇ ଲାଗି ଜାଳେଣି। ବାୟୁ ପ୍ରଦୂଷଣ ଆମ ଶରୀରରେ ଶ୍ୱାସନଳିଜନିତ ରୋଗ, ହୃଦ୍‌ରୋଗ ଓ ଅକାଳ ମୃତ୍ୟୁ କରିଥାଏ। ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୁଅନ୍ତି ବୟସ୍କ ଓ ଶିଶୁ। ବାୟୁମଣ୍ଡଳରେ ଅମ୍ଳ ବୃଷ୍ଟି ଯୋଗୁ ଜଙ୍ଗଲ, ହ୍ରଦ, ମୃତ୍ତିକା ଓ ଜୈବବିବିଧତା ମଧ୍ୟ ପ୍ରଭାବିତ ହୁଏ, ଯାହାକି ପରିସଂସ୍ଥାରେ ଅସ୍ଥିରତା ସୃଷ୍ଟି କରେ। ସହରାଞ୍ଚଳରେ ବାୟୁପ୍ରଦୂଷଣ ରୋକିବା ପାଇଁ ବହୁ ଅର୍ଥ ବ୍ୟୟବରାଦ ଆବଶ୍ୟକ ପଡ଼େ। ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଭାରତରେ ୧୯୮୧ରେ ପ୍ରଣୀତ ହୋଇଥିଲେ ମଧ୍ୟ ଦୁର୍ବଳ କାର୍ଯ୍ୟକ୍ରମ ଯୋଗୁ ଏହା ସଫଳ ହେଲା ନାହିଁ। ୨୦୧୫ ରେ ଭାରତ ସରକାର ଆଇଆଇଟି କାନପୁର ସହାୟତାରେ ଜାତୀୟ ବାୟୁଗୁଣମାନ ସୂଚକାଙ୍କ ଆରମ୍ଭ କଲେ। ୨୦୧୯ ମସିହାରେ ଜାତୀୟ ନିର୍ମଳବାୟୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ମୋଟାମୋଟି ୨୦-୩୦% ପିଏମ୍ ୨.୫ ଓ ୧୦କୁ ୨୦୨୪ ସୁଦ୍ଧା ହ୍ରାସ କରିବାର ଲକ୍ଷ୍ୟଧାର୍ଯ୍ୟ କରାଗଲା। ଏହାକୁ ତୁଳନା କରିବା ପାଇଁ ୨୦୧୭କୁ ମୂଳ ବର୍ଷ ଧରାଗଲା। ଏହାକୁ ଭାରତର ୧୦୨ ଅଧିକ ପ୍ରଦୂଷିତ ସହରରେ କାର୍ଯ୍ୟକାରୀ କରିବାକୁ ସ୍ଥିର କରାଗଲା। ଏହା ବ୍ୟତୀତ ୧୬୦୦ କିଲୋମିଟର ଦୈର୍ଘ୍ୟ ଓ ୫ କିଲୋମିଟର ପ୍ରସ୍ଥବିଶିଷ୍ଟ ଆରାବଳୀ ପାର୍ବତ୍ୟ ଅଞ୍ଚଳ କଡ଼ରେ ଗୁଜରାଟଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ୧୩୦ କୋଟି ବୃକ୍ଷରୋପଣ କରି ଏକ ସବୁଜ ପ୍ରାଚୀର ନିର୍ମାଣ ୧୦ବର୍ଷରେ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଗଲା।



ଏପରି ଏକ ନୀରବଘାତକ ପଞ୍ଝାରୁ ରକ୍ଷା ପାଇବା ପାଇଁ ଉଭୟ ସରକାର ଓ ଜନସାଧାରଣ କେତେକ ବଳିଷ୍ଠ କାର୍ଯ୍ୟକ୍ରମ ସମ୍ପାଦନ କରିବା ଅତ୍ୟନ୍ତ ଜରୁରୀ ମନେହୁଏ। ପ୍ରଥମରେ ଶିଳ୍ପ ଓ ଯାନବାହନଗୁଡ଼ିକରୁ ବାୟୁ ପ୍ରଦୂଷଣକାରୀ ବାଷ୍ପ ନିର୍ଗମନକୁ ସୀମିତ କରିବା ପାଇଁ ନୀତି ଓ ନିୟନ୍ତ୍ରଣ ଆବଶ୍ୟକ। ଦ୍ୱିତୀୟରେ ବ୍ୟକ୍ତିଗତ ଗାଡ଼ିମୋଟର ପରିବର୍ତ୍ତେ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଏବଂ ବିଶେଷ କରି ବିଦ୍ୟୁତ୍ ଚାଳିତ ଗାଡ଼ିରେ ଯାତାୟାତ କରିବାକୁ ସମସ୍ତଙ୍କୁ ଅନୁରୋଧ କରିବା ଜରୁରୀ। ତୃତୀୟରେ ଜୀବାଶ୍ମ ଆଧାରିତ ଶକ୍ତି ପରିବର୍ତ୍ତେ ନବୀକରଣ ଯୋଗ୍ୟ ଶକ୍ତି ହିସାବରେ ସୌର ଶକ୍ତି, ପବନ ଶକ୍ତି ଓ ହାଇଡ୍ରୋ ପାୱାର ବ୍ୟବହାର କଲେ ବାୟୁ ପ୍ରଦୂଷଣ ଯଥେଷ୍ଟ ହ୍ରାସ ପାଇବ। ଚତୁର୍ଥରେ ସହରାଞ୍ଚଳରେ ଯଥେଷ୍ଟ ବୃକ୍ଷରୋପଣ ସହିତ ପାର୍କ, ଜଳାଶୟ ଇତ୍ୟାଦି ରଖାଗଲେ ଅଙ୍ଗାରକ ପୃଥକୀକରଣ ହୋଇ ବାୟୁ ପ୍ରଦୂଷଣ ହ୍ରାସ ପାଇବ। ପଞ୍ଚମରେ ଗୃହ ଓ ରାସ୍ତା ନିର୍ମାଣ ସମୟରେ ଧୂଳିକଣା ଯେପରି ବାୟୁମଣ୍ଡଳକୁ ନ ବ୍ୟାପେ ସେଥିପ୍ରତି ଯତ୍ନବାନ ହେବା ସହିତ ଅଳିଆ ଆବର୍ଜନା ନ ପୋଡି ଏଗୁଡ଼ିକ ନିରାପଦ ସ୍ଥାନକୁ ଉଠାଇନେବା ପ୍ରୟୋଜନ। ଘରେ ରୋଷେଇ ପାଇଁ ଧୂମହୀନ ଚୁଲା କିମ୍ବା ଗ୍ୟାସ୍ ଚୁଲା ବ୍ୟବହାରକୁ ବାଧ୍ୟତାମୂଳକ କରିବା ଆବଶ୍ୟକ। ବୟସ୍କ ବ୍ୟକ୍ତି ଓ ରୋଗୀମାନେ ରାସ୍ତାରେ ଚାଲିବା ବେଳେ ସୁରକ୍ଷିତ ମାସ୍କ ବ୍ୟବହାର କଲେ ବହୁ ଉପକାର ପାଇବେ ଓ ପ୍ରଦୂଷଣଜନିତ ରୋଗରୁ ମୁକ୍ତି ପାଇବେ। ଷଷ୍ଠରେ ଜଙ୍ଗଲ ନିଆଁ ଲିଭାଇବା ପାଇଁ ସାମୂହିକ ବ୍ୟବସ୍ଥା ଓ ଫସଲ ଅବଶେଷ ପୋଡିବା ବନ୍ଦ ପାଇଁ ଆଇନ ପ୍ରଣୟନ କରିବାକୁ ହେବ। ଯେତେଦୂର ସମ୍ଭବ ଆମକୁ ଅଧିକ ସଂଖ୍ୟକ ବୃକ୍ଷରୋପଣ କରିବାକୁ ହେବ। ବୃକ୍ଷ ବାୟୁମଣ୍ଡଳରୁ ବିଷାକ୍ତ ବାଷ୍ପ ଶୋଷଣ କରି ଅମ୍ଳଜାନ ଯୋଗ କରେ। ଏହା ମଧ୍ୟ ଧୂଳିକଣାଗୁଡ଼ିକ ଶୋଷଣ କରିବା ଯୋଗୁ ଆମେ ବାୟୁ ପ୍ରଦୂଷଣରୁ ରକ୍ଷା ପାଉ। ସାଧାରତଃ ବୃକ୍ଷ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ , ସଲ୍‌ଫର ଡାଇ ଅକ୍ସାଇଡ, ନାଇଟ୍ରୋଜେନ ଡାଇ ଅକ୍ସାଇଡ ଓ ଓଜୋନ ଗ୍ୟାସ୍ ଶୋଷିଦେଇ ବାୟୁକୁ ପ୍ରଦୂଷଣମୁକ୍ତ କରେ। ଗଛର ବକ୍କଳ ଓ ପତ୍ର ବାୟୁମଣ୍ଡଳର ଧୂଳିକଣିକା ଗ୍ରହଣ କରି ବାୟୁକୁ କଳାଧୂଆଁ ମୁକ୍ତ କରେ। ଏହା ବ୍ୟତୀତ ଗଛ ପ୍ରଚୁର ଅମ୍ଳଜାନ ତ୍ୟାଗ କରେ। ଗଛର ଛାୟା ଯୋଗୁ ପରିବେଶ ଶୀତଳ ରହେ। ନିମ, ବର ଓ ଓସ୍ତ ଗଛ ବାୟୁମଣ୍ଡଳକୁ ପ୍ରଚୁର ଅମ୍ଳଜାନ ତ୍ୟାଗ କରନ୍ତି। ଏହି କାରଣରୁ ବୃକ୍ଷରୋପଣ ଏକ ମହତ୍ କାର୍ଯ୍ୟ ହିସାବରେ ପରିଗଣିତ। ପରିଶେଷରେ ଗୋଷ୍ଠୀ ସମ୍ପ୍ରଦାୟଙ୍କୁ ବାୟୁ ପ୍ରଦୂଷଣର ଉତ୍ସ, ପ୍ରଭାବ ଓ ନିରାକରଣ ବ୍ୟବସ୍ଥା ସମ୍ବନ୍ଧରେ ସଚେତନତା ସୃଷ୍ଟି ସହିତ ଶିକ୍ଷା ଓ ସହାୟତା ଦିଆଯିବା ଆବଶ୍ୟକ। ନିଜ ଗୃହ ଚାରିପାଖ ପରିଷ୍କାର ରଖିବା ସହିତ ମିଳିମିଶି ସର୍ବସାଧାରଣ ଯାନ କିମ୍ବା ସମୂହ ଭାବରେ ଯାତାୟାତ କରିବା ପାଇଁ ଉତ୍ସାହିତ କରିବା ଉଚିତ। ମନେରଖିବାକୁ ହେବ ଯେ ବାୟୁପ୍ରଦୂଷଣ ରୋକିବା ପାଇଁ ସରକାରୀ, ବେସରକାରୀ ଓ ବ୍ୟକ୍ତିଗତ ସ୍ତରରେ ଏକୀଭୂତ କାର୍ଯ୍ୟକ୍ରମ କେବଳ ଏପରି ଏକ ନୀରବଘାତକକୁ ପ୍ରତିହତ କରିବାରେ ସମର୍ଥ ।

କଳିଙ୍ଗନଗର, ଘାଟିକିଆ, ଭୁବନେଶ୍ୱର
ମୋ: ୯୪୩୭୦୭୧୧୯୦

## ଏଇ ଭାରତରେ

ଅତ୍ୟାଧୁନିକ ଜୀବନଶୈଳୀରେ ଜଳର ବ୍ୟବହାର ବୃଦ୍ଧି ଯୋଗୁ ପ୍ରତିଦିନ ଅତ୍ୟଧିକ ଜଳ ନଷ୍ଟ ହେଉଛି, ଯାହା ଆଗାମୀ ସମୟ ପାଇଁ ଶୁଭଙ୍କର ନୁହେଁ। ଏବେ ଗୋଟିଏ ପରିବାରରେ ପ୍ରତିଦିନ ହାରାହାରି ୫୦ ଲିଟର ପାଣି ନଷ୍ଟ ହେଉଛି ଏବଂ ଏହାକୁ ରୋକିବା ପାଇଁ ଦିଲ୍ଲୀର ୧୮ ବର୍ଷୀୟା ମନ୍ନତ କୌର ତିଆରି କରିଛନ୍ତି ଏକ ଗ୍ରେୱାଟର ରିସାଇକ୍ଲିଂ ସିଷ୍ଟମ। ତାଙ୍କର ଏହି ରିସାଇକ୍ଲିଂ ସିଷ୍ଟମ ଷ୍ଟକହୋମ ଜୁନିୟର ୱାଟର ପ୍ରାଇଜ (୨୦୨୪) ପାଇଛି। ଏହି ସିଷ୍ଟମରେ ଗାଧୁଆ, ରୋଷେଇରେ ବ୍ୟବହୃତ ୫୦% ପାଣି ବଞ୍ଚାଇପାରୁଛି। ମନ୍ନତଙ୍କୁ ଯେତେବେଳେ ୧୦ ବର୍ଷ ବୟସ ହୋଇଥିଲା ସେତେବେଳେ ଜଳ ସଙ୍କଟ ଦୂର କରିବା ଲାଗି ସେ ନଷ୍ଟ ହେଉଥିବା ଜଳର ପୁନଃ ଉପଯୋଗ ଉପାୟ ସମ୍ପର୍କରେ ଚିନ୍ତା କରିଥିଲେ। ମନ୍ନତଙ୍କ ଦ୍ୱାରା ନିର୍ମିତ ଗ୍ରେୱାଟର ରିସାଇକ୍ଲିଂ ସିଷ୍ଟମର ଫିଲଟର ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ। ସେଥିରେ ସେ ଅଙ୍ଗାର, ଲେମ୍ବୁ ଚୋପା ଓ କିଛି ଷ୍ଟୋନ୍ ବ୍ୟବହାର କରିଛନ୍ତି। ପାଣି ଫିଲ୍‌ଟର ହେବା ପରେ ତାହାକୁ ବଗିଚା କିମ୍ବା ଗାଡ଼ି ଧୁଆ କାମରେ ବ୍ୟବହାର କରାଯାଉଛି। ଏହା ଯୋଗୁ ମାସକୁ ୫୦୦୦ ଲିଟର ପିଇବା ପାଣି ମଧ୍ୟ ବଞ୍ଚିପାରୁଛି। ମନ୍ନତ ତିଆରି କରିଥିବା ପ୍ରଥମ ରିସାଇକ୍ଲିଂ ସିଷ୍ଟମଟିକୁ ଆଇଆଇଟି ମାଡ୍ରାସ କମ୍ପିଟିଶନରେ ଭାଗ ନେବା ପରେ ସେଠାକର ପ୍ରଫେସର ଇନ୍ଦୁମତି ନାମ୍ବି ତାଙ୍କୁ ମାର୍ଗଦର୍ଶନ କରିଥିଲେ, ଯାହାଫଳରେ ଏହାର ଏକ ବିକଶିତ ମଡେଲ ସେ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ମାର୍ଚ୍ଚ ୧୯୭୬

- ଖଗାରିଆରେ ଏକ ଯାତ୍ରୀବାହୀ ବସ୍ ଖାଲକୁ ଖସିପଡ଼ିବାରୁ ୧୦ ଯାତ୍ରୀଙ୍କ ମୃତ୍ୟୁ।
- ମଧ୍ୟପ୍ରଦେଶ ବିଧାନସଭାର କଂଗ୍ରେସ ସଭ୍ୟ କହ୍ନୟାଲାଲ୍ ନାଗୋରୀଙ୍କ ନିର୍ବାଚନକୁ ସୁପ୍ରିମ୍‌କୋର୍ଟ ସିଦ୍ଧ ଘୋଷଣା କରିଛନ୍ତି।
- ଜାତୀୟକରଣ କରାଯାଇଥିବା କୋଇଲା ଖଣିଗୁଡ଼ିକ ଶ୍ରମିକମାନଙ୍କ କଲ୍ୟାଣ ନିମିତ୍ତ ୧୧ କୋଟିର ଏକ ନୂତନ ଯୋଜନା ପ୍ରସ୍ତୁତ।

## ଚିରନ୍ତନୀ

ଚାଲିଛି ଏକା ବିପଥେ ପଥେ
ନାହିଁରେ ସାହା ସାଥୀ,
ଚାଲିଛି ଏକା ନ ମାନି ଖରା
ବରଷା ଦିନ ରାତି।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ରହ୍ମଗିରି ଥାନାରେ ଅବ୍ୟବସ୍ଥା

ମହାଶୟ,

ପୁରୀ ଜିଲାର ବ୍ରହ୍ମଗିରି ଥାନା ଏକ ବୃହତ୍ ଗ୍ରାମାଞ୍ଚଳ ଥାନା ଏବଂ ପୁରୀ-ସାତପଡ଼ା ରାସ୍ତାର ମଧ୍ୟବର୍ତ୍ତୀ ସ୍ଥଳରେ ଅଛି। ଏହି ଅଞ୍ଚଳରେ ପ୍ରଭୁ ଶ୍ରୀ ଅଲାରନାଥଙ୍କ ଉପସ୍ଥିତି କାରଣରୁ ଆଇନ ଶୃଙ୍ଖଳା ଦୃଷ୍ଟିରୁ ଏହି ପୋଲିସ ଷ୍ଟେଶନର ଯଥେଷ୍ଟ ଗୁରୁତ୍ୱ ରହିଛି। ତେବେ ଦୁଃଖର ବିଷୟ ଯେ ପ୍ରତିଦିନ ଦିବା ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଏତେ ବଡ଼ ଥାନା କର୍ମଚାରୀ ଶୂନ୍ୟ ହୋଇ ଖାଇଗୋଡ଼ଉଛି ଏବଂ ଜଣେ ମାତ୍ର ସିପାହି (ଓପି) ଗେଟ୍ ପାଖେ ଜଗି କାହାକୁ ଥାନା ଭିତରକୁ ଯିବାକୁ ଦେଉନାହାନ୍ତି। ଯେତେ ଯେତେ ନୂଆ ଇନ୍ସପେକ୍ଟର, ଆଇଆଇସି ଏହି ଥାନାରେ ଯୋଗ ଦେଉଛନ୍ତି, ସେମାନେ ସଦାସର୍ବଦା କ୍ୱାର୍ଟରରେ ଅବସ୍ଥାନ କରୁଛନ୍ତି ବୋଲି ଅଧସ୍ତନ କର୍ମଚାରୀଙ୍କଠୁ ସୂଚନା ମିଳୁଛି। କ୍ୱଚିତ୍ ଜମାଦାର ଜଣେ ଗେଟ୍ ପାଖେ ରହି ଦରଖାସ୍ତ ରଖିଲେ ବି ସମାଧାନ ଓ କାର୍ଯ୍ୟାନୁଷ୍ଠାନ ଜିରୋ।

-ଦୁର୍ଗା ପ୍ରସାଦ ତ୍ରିପାଠୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସକାଳେ ଖୋଲୁନି ଅଙ୍ଗନୱାଡ଼ି କେନ୍ଦ୍ର

ଭଣ୍ଡାରିପୋଖରୀ,୨୫।୩
(ରାଜେନ୍ଦ୍ର ଶତପଥୀ)

ସକାଳୁଆ ପାଠପଢ଼ା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଥିଲେ ବି ଭଣ୍ଡାରିପୋଖରୀ ବ୍ଲକର ବୟାବନାପୁର ପଞ୍ଚାୟତ ହଳଦିଗଡିଆ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଉ ନ ଥିବା ଅଭିଯୋଗ ହୋଇଛି। ଗ୍ରୀଷ୍ମପ୍ରବାହ ପାଇଁ ଏବେ ସକାଳ ୬ଟା ୩୦ରେ ଖୋଲିବାକୁ ନିର୍ଦ୍ଦେଶ ରହିଛି। ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଏହି ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇ ନ ଥିବାରୁ ଗ୍ରାମବାସୀ ସରପଞ୍ଚଙ୍କୁ ଜଣାଇଥିଲେ। ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ ମହିଳା ଓ ଶିଶୁ ବିକାଶ ଅଧିକାରିଣୀଙ୍କୁ ଜଣାଇବା ପରେ ସୁପରଭାଇଜର ଯାଇ ଅଙ୍ଗନୱାଡି କେନ୍ଦ୍ର ଖୋଲାଇଥିଲେ। ଅଙ୍ଗନୱାଡି କର୍ମୀ ଅଭ୍ୟାସଗତ ଭାବେ ଏଭଳି କାର୍ଯ୍ୟ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ବୁଧବାର ଏହାର ତଦନ୍ତ ହେବ ବୋଲି ସିଡିପିଓ ରୀତାରାଣୀ ମାଝୀ କହିଛନ୍ତି।

# ଶ୍ରୀରାମ ବିଜୟା ଦଶମୀ ପାଇଁ ଗଣଦୌଡ଼

ଧାମନଗର,୨୫।୩ (ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)

ଶ୍ରୀରାମ ବିଜୟା ଦଶମୀ ପାଇଁ ମଙ୍ଗଳବାର ଧାମନଗରରେ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ ସକାଳ ୭ଟାରେ ଏନ୍‌ଏସି ଅଧୀନ ଜୟନଗରସ୍ଥିତ ହନୁମାନ ମନ୍ଦିରଠାରୁ ଗଣଦୌଡ଼ ବାହାରି ଧାମନଗର ବଜାର ପରିକ୍ରମା କରି ଡାକ୍ତରଖାନାସ୍ଥିତ ମେଳଣ ପଡ଼ିଆଠାରେ ଶେଷ ହୋଇଥିଲା। 'ଜୟ ଶ୍ରୀରାମ' ଧ୍ୱନିରେ ଧାମନଗର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଭାରତ ମାତା କୀ ଜୟ , ବନ୍ଦେ ମାତରମ ନାରା ଲୋକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା।

ହନୁମାନଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଗଣଦୌଡ଼କୁ ଶ୍ରୀରାମ ମହାଯଜ୍ଞ ସମିତିର ସଦସ୍ୟମାନେ ଶୁଭାରମ୍ଭ କରିଥିଲେ। ସମିତି ପକ୍ଷରୁ ଆୟୋଜିତ ଗଣଦୌଡ଼ରେ ରାଷ୍ଟ୍ରର ଅଖଣ୍ଡତା, ମାତୃଭୂମିର ସେବା ଓ ରାଷ୍ଟ୍ରବାଦର ଉଦ୍ଦେଶ୍ୟ ନେଇ ବିଭିନ୍ନ ସଙ୍ଗଠନ, ଛାତ୍ର, ସାମାଜିକ ସଙ୍ଗଠନର କର୍ମକର୍ତ୍ତା, କ୍ରୀଡ଼ାବିତ୍, ବିଭିନ୍ନ କ୍ଲବ୍‌ର ସଦସ୍ୟ ସାମିଲ ହୋଇଥିଲେ। ଶ୍ରୀରାମ ମହାଯଜ୍ଞ ସମିତିର କାର୍ଯ୍ୟକାରିଣୀ ସଦସ୍ୟ କୈଳାସ ମହାପାତ୍ର, ସରୋଜ ମହାପାତ୍ର, ଶରତ ମହାନ୍ତି, ମନୋରଞ୍ଜନ ମଲ୍ଲିକ, ଅଶୋକ ପୁହାଣ, ଅରବିନ୍ଦ ପତି, ହେମନ୍ତ ପାଢ଼ୀ, ପ୍ରମୋଦ ସୂତାର, ଚତୁର୍ଭୁଜ ନାୟକ, ରାମଚନ୍ଦ୍ର ମିଶ୍ର, ହରେକୃଷ୍ଣ ପାଢ଼ୀ, ଦୀପ୍ତିରଞ୍ଜନ ଜେନା, ଅଜୟ ବଳ, ବିଜୟ କୁମାର ରାମ, ବିପିନ ବିହାରୀ ପଣ୍ଡା, ସଞ୍ଜୟ ସ୍ୱାଇଁ, ରଣଜିତ ମହାନ୍ତି, ଅଶୋକ ଦାସ ପ୍ରମୁଖ ହାତରେ ଗେରୁଆ ପତାକା ଓ ମୁଣ୍ଡରେ ଜୟ ଶ୍ରୀରାମ ପଟି ବାନ୍ଧି ଗଣଦୌଡ଼ରେ ସାମିଲ ଥିଲେ। ଲକ୍ଷ୍ମୀଧର ପାଣିଗ୍ରାହୀ, କବିତାରାଣୀ ରାୟ, ସ୍ୱପ୍ନାରାଣୀ ବେହୁରିଆ, ଗୀତାଞ୍ଜଳି ସାହୁ, କୃଷ୍ଣଚନ୍ଦ୍ର ଜେନା, ଦିଲୀପ ସାମଲ, ରଞ୍ଜିତ ସାହୁ, ରାଜୀବ ମାଝୀ, ଶ୍ରୀକାନ୍ତ ଦାସ, ଶ୍ରୀକାନ୍ତ ଜେନା, ବାମଦେବ ଜେନା, ବନମାଳୀ ଜେନା, ରବୀନ୍ଦ୍ର ବେହେରା, ଅଜୟ ମଲିକ, ରାକେଶ ପତି, ନାରଣ ସାହାଣୀ, ପ୍ରମୋଦ ବେହେରା, ସୁରେନ୍ଦ୍ର ସାହୁ, ମହେଶ୍ୱର ଜେନା, ସୁଜିତ ସାହୁ ପ୍ରମୁଖ ହଜାର ହଜାର ଶ୍ରୀରାମ ଭକ୍ତ ଏଥିରେ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସମିତି ପକ୍ଷରୁ ଗୋପୂଜନ, ସାଧୁସନ୍ଥ ପୂଜନ ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ବଜାରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଓ ଆଇଆଇସି ଗୋପାଳକୃଷ୍ଣ ଜେନାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲା।


ଗଣଦୌଡ଼ରେ ସାମିଲ ଯୁବଗୋଷ୍ଠୀ ଓ ଅନ୍ୟମାନେ।

# ଧାନକିଣାରେ ଚାଷୀଙ୍କୁ ଶୋଷଣ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା ଚେତାବନୀ

ଭଦ୍ରକ,୨୫।୩ (ସନାତନ ରାଉତ)

ଭଦ୍ରକ ଜିଲାରେ ଧାନ କିଣାରେ ସରକାରୀ କର୍ମଚାରୀମାନେ ବିଭିନ୍ନ ଉପାୟରେ ଚାଷୀଙ୍କୁ ଶୋଷଣ କରୁଥିବା ଆଗରପଢ଼ା ଥାନା ଅଧୀନ ବଡ଼ବର୍ଜ୍ଜକିୟାଁ ଗ୍ରାମର ସୂଚନା ଅଧିକାର କର୍ମୀ ରମେଶ ଚନ୍ଦ୍ର ମଲ୍ଲିକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହାର ଠିକ୍ ଭାବେ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବେ ବୋଲି ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଚେତାବନୀ ଦେଇଛନ୍ତି।

ଜିଲା ଯୋଗାଣ ଅଧିକାରୀଙ୍କ ଚିଠି ସଂଖ୍ୟା ୬୭୯ (୧୨।୨।୨୦୨୪) ମୁତାବକ ୨୦୧୮-୧୯ରୁ ସରକାରୀ ମଣ୍ଡିରେ ଏପର୍ଯ୍ୟନ୍ତ ପ୍ରାପ୍ୟ ପାଇ ନ ଥିବା ତିହିଡ଼ିର ଭାଗବତ ଦାସ, ଭଦ୍ରକ ବ୍ଲକ ଅର୍ଣ୍ଣପାଳର ଉମେଶ ଚନ୍ଦ୍ର ପଣ୍ଡା, ଅର୍ଜ୍ଜୁନ ଚରଣ ସାହୁ, ଗୁଜିଦରଡ଼ାର ବିଦ୍ୟାଧର ପରିଡ଼ା, ବାସୁଦେବପୁରର ସୁକାନ୍ତି କର ଓ ବନ୍ତ ବ୍ଲକ ବଡ଼ସନ୍ଦାଡ଼ୋ ଗ୍ରାମର ବାବୁଲି ପ୍ରଧାନ ମୋଟ ୬ଜଣ ଚାଷୀଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ କରାଯିବାକୁ ସେ ଦାବି କରିଛନ୍ତି। ୨୦୧୮-୧୯ରେ ମଣ୍ଡିରେ ଧାନ ବିକ୍ରି କରିଥିଲେ ବି ପ୍ରଶାସନିକ ସ୍ତରରେ ଆଭ୍ୟନ୍ତରୀଣ ସମସ୍ୟା ପାଇଁ ସେମାନେ ପ୍ରାପ୍ୟ ପାଇ ନ ଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଚେକ୍ ଯୋଗେ ଅର୍ଥ ଦେବାକୁ ବିଭାଗ ପକ୍ଷରୁ କୁହାଯାଇଥିଲା। କିନ୍ତୁ ୫ ବର୍ଷ ପରେ ବି ସେମାନଙ୍କୁ ପ୍ରାପ୍ୟ ମିଳିନାହିଁ। ସେହିପରି ଚଳିତବର୍ଷ ଖରିଫ ଧାନ କିଣାରେ ସ୍ୱଚ୍ଛତା ପାଇଁ ସିସିଟିଭି ତଦାରଖ କରୁଥିବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତାର ଅଡିଟ କରିବା, ବନ୍ତ ବ୍ଲକ କାଦବାରଙ୍ଗ ସମିତିରେ ଧାନକିଣାରେ କଟ୍‌ନି ଛଟ୍‌ନି ନେଇ ହୋଇଥିବା ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ, ବଡ଼ବର୍ଜ୍ଜକିୟାଁ ପଞ୍ଚାୟତରେ ନୂତନ ମଣ୍ଡି ଖୋଲିବା ଆଦି ବିଭିନ୍ନ ଦାବି ସେ ଉପସ୍ଥାପନ କରିଛନ୍ତି। ଅଭିଯୋଗର ନକଲ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଖାଦ୍ୟ ଯୋଗାଣ ମନ୍ତ୍ରୀ ଓ ଭଣ୍ଡାରିପୋଖରୀ ବିଧାୟକଙ୍କୁ ପଠାଇଥିବା ସେ କହିଛନ୍ତି।

# ଉତ୍କଳଜ୍ୟୋତି ଗୟାଧରଙ୍କ ସ୍ମୃତି ସମାରୋହ


ସର୍ବୋଦୟ ସଙ୍ଗଠକ ଆଦିତ୍ୟ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ,୨୫।୩ (ସନାତନ ରାଉତ)

ବିପଥଗାମୀ ଯୁବଗୋଷ୍ଠୀଙ୍କୁ ସୁସାମାଜିକ କରାଇବା ପାଇଁ ଆନୁଷ୍ଠାନିକ ଶିକ୍ଷା ସହ ନୈତିକତା ଓ ସଂସ୍କାର ଶିକ୍ଷା ପ୍ରଦାନ ଆବଶ୍ୟକ। ଏଥିପାଇଁ ମା'ବାପା, ଗୁରୁଜୀ ଏବଂ ସଚେତନ ନାଗରିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସ୍ୱାଧୀନତା ସଂଗ୍ରାମୀ ଉତ୍କଳଜ୍ୟୋତି ସ୍ୱର୍ଗତ ଗୟାଧର ବାରିକଙ୍କ ୧୫ତମ ସ୍ମୃତି ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଗୟାଧର ସ୍ମୃତି ସଂସଦ ଆନୁକୂଲ୍ୟରେ ଭଦ୍ରକ ଜିଲା ସଂସ୍କୃତି ଭବନରେ ଆୟୋଜିତ ଏହି ସମାରୋହରେ ଅନୁଷ୍ଠାନର ସ୍ଥାୟୀ ସଭାପତି ଡ. ଭାଗବତ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ଦିଲୀପ ରାଉତରାଏ ସ୍ମୃତିସଭାକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଗାନ୍ଧୀବାଦୀ, ସର୍ବୋଦୟ ସଙ୍ଗଠକ ଆଦିତ୍ୟ ପଟ୍ଟନାୟକ, ମୁଖ୍ୟବକ୍ତା ଆଧ୍ୟାତ୍ମିକ ପ୍ରବଚକ ବିରେନ୍ଦ୍ର କୁମାର ପଣ୍ଡା, ବିଶିଷ୍ଟ ବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବ୍ରଜମୋହନ ମିଶ୍ର ଏବଂ ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଗୟାଧର ପଣ୍ଡା ମଞ୍ଚ ଆହ୍ୱାନ, ରୋଟାରିଆନ ଅତିଶ୍ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ନାସିର ବକ୍ସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ ସଂସଦର ସମ୍ପାଦକ ଉପେନ୍ଦ୍ର କୁମାର ବାରିକ। ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ଧନ୍ୟବାଦ ଦେଇଥିଲେ। ତ୍ୟାଗଭୂମିର ସଭାପତି ଅଜୟ ନାୟକ, ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ, ତ୍ରୈଲୋଚନ ଜେନା, ଏସ୍.ଏମ୍. ଫାରୁକ, ଲଲାଟେନ୍ଦୁ ମହାନ୍ତି, କୈଳାସ ମହାପାତ୍ର, ଶାନ୍ତନୁ ରାଉତ, ପବିତ୍ର ପାଣିଗ୍ରାହୀ, ବିଦ୍ୟାଧର ସାହୁ, ବାସୁଦେବ ବାରିକ୍, ସୁଧାକର ରାଉତ, ପବନ ଶର୍ମା, ଶିବଚରଣ ଖାମୁରାଇ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ବାରିକଙ୍କ ପରିବାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାଇପ୍ ଫାଟି ରାସ୍ତାରେ ପାଣି

## ପାନୀୟଜଳ ପାଇପାରୁନାହାନ୍ତି ଲୋକେ

ଧୁଷୁରୀ, ୨୫।୩ (ଦୀପ୍ତି ରଞ୍ଜନ ନାୟକ)

ଗୋଟିଏ ପଟେ ପାଇପ୍ ଫାଟି ପାଣି ନଷ୍ଟ ହେଉଛି। ଅନ୍ୟପଟେ ଲୋକେ ପାନୀୟଜଳ ପାଇପାରୁ ନାହାନ୍ତି। ପାଇପ୍‌ରୁ ପାଣି ବାହାରି ରାସ୍ତାରେ ଲହଡ଼ି ଭାଙ୍ଗିଲାଣି। ହେଲେ କାହାରି ନଜର ପଡୁନି କି ମରାମତି କରାଯାଉ ନାହିଁ।

ଚାନ୍ଦବାଲି ବ୍ଲକର ମଠଡିହ ଛକ ନିକଟରେ ୩୫ ନଂ. ରାଜ୍ୟ ରାଜପଥଠାରେ ଏପରି ଦେଖିବାକୁ ମିଳିଛି। ଓଳଗ ଜଳ ପ୍ରକଳ୍ପରୁ ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ଏହି ସ୍ଥାନରେ ପାଇପ୍ ଫାଟି ନଷ୍ଟ ହେଉଛି। ପାଇପ୍ ଫାଟିବାକୁ ୧୦ ଦିନରୁ ଅଧିକ ଦିନ ହୋଇଥିଲେ ବି ଏହାର ମରାମତି କରାଯାଉ ନାହିଁ। ଫଳରେ କୁଳେଇପଦା, ସାଠିବାଙ୍କୁଡ଼ା, ଅମୃତମଣୋହି ଆଦି ଗ୍ରାମର କେତେକ ଲୋକ ପାନୀୟ ଜଳ ପାଇପାରୁ ନାହାନ୍ତି। ପାଇପ୍ ଫାଟି ପାଣି ବାହାରୁଥିଲେ ବି ବିଭାଗୀୟ ଅଧିକାରୀଙ୍କ ନଜର ନ ପଡ଼ିବାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷେ ସକାଳେ ଓ ସନ୍ଧ୍ୟାରେ ରାସ୍ତା ଉପରେ ପାଣି ଚାଲୁଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳୁଆ ସ୍କୁଲ ଚାଲିଥିବାରୁ ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ୟା ଉପୁଜୁଛି। ଆଖଣ୍ଡଳମଣି ପୀଠ ଆରଡ଼ିକୁ ଯାତାୟାତ କରୁଥିବା ଛୋଟବଡ଼ ଗାଡ଼ିର ଛିଟିକା ପାଣି ମଧ୍ୟ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପୂର୍ବରୁ ଏହି ସ୍ଥାନରେ ପାଇପ୍ ଫାଟିଥିଲା ଓ ୨ ବର୍ଷ ଯାଏ ମରାମତି କାର୍ଯ୍ୟ ହୋଇ ନ ଥିଲା। ପ୍ରାୟ ୨ ମାସ ତଳେ ବିଭାଗୀୟ ଜେଇଙ୍କ ତତ୍ତ୍ୱାବଧାନରେ ମରାମତି ହୋଇଥିଲା। ପୁନର୍ବାର ସେହି ସ୍ଥାନରେ ପାଇପ୍ ଫାଟିଥିବା ବେଳେ ମରାମତି ନ ହେବା ସାଧାରଣରେ ସମାଲୋଚନାକୁ ଖୋରାକ ଯୋଗାଇଛି। ଏଠାରେ ଫାଟିଥିବା ପାଇପ୍‌ର ସ୍ଥାୟୀ ମରାମତି କରା ନ ଗଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ସ୍ଥାନୀୟ ଲୋକେ। ଏ ସମ୍ପର୍କରେ ବିଭାଗୀୟ ଜେଇ ସନାତନ ସିଂଙ୍କୁ ପଚାରିବାରୁ ସେ ଅବଗତ ନାହାନ୍ତି, ବୁଧବାର ଉକ୍ତ ସ୍ଥାନ ଦେଖି ମରାମତି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।


ଆଖଣ୍ଡଳମଣି-ଭଦ୍ରକ ରାଜ୍ୟ ରାଜପଥରେ ପାଇପ୍ ଫାଟି ଜମିଥିବା ପାଣି।

# ମିଥ୍ୟା ମାମଲାରେ ଫସାଯାଇଛି କହିଲେ ଅଭିଯୁକ୍ତ

## ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ଚାନ୍ଦବାଲି,୨୫।୩ (କିଷାନ ପାତ୍ର)

ବାଂଶଡ଼ା ଥାନା ଅଧୀନ ଚଡ଼ଦିଆ ଅଞ୍ଚଳରେ କୁକୁଡ଼ା କିଣିବା ବାହାନାରେ ଜଣେ ମହିଳାଙ୍କ ଘରକୁ ଯାଇ ତାଙ୍କୁ ଟଣା ଘୋଷରା କରିବା ସହ ବଳାତ୍କାର ଉଦ୍ୟମ ନେଇ ଗତ ୨୩ ତାରିଖ ରାତିରେ ଥାନାରେ ଅଭିଯୋଗ ହୋଇଥିଲା। ମହିଳା ଜଣକ ଅଭିଯୋଗରେ ଦର୍ଶାଇଥିଲେ, ସେ ଘରେ ଏକା ଥିବା ସମୟରେ ଗ୍ରାମର ଜଣେ ବ୍ୟକ୍ତି କୁକୁଡ଼ା କିଣିବା ବାହାନାରେ ତାଙ୍କ ଘରକୁ ଯାଇଥିଲେ। ତାଙ୍କ ସ୍ୱାମୀ ଘରେ ନ ଥିବା ଜାଣିବା ପରେ କୁକୁଡ଼ା ମୂଲ ଚାଲ କରିବାକୁ ଘର ଭିତରକୁ ଯାଇ ତାଙ୍କୁ ଟଣାଘୋଷରା କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ସେ ଜୋରରେ ପାଟି କରିବାରୁ ବ୍ୟକ୍ତି ଜଣକ ସେଠାରୁ ଦୌଡ଼ି ପଳାଇଯାଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୦୯/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

ଅପରପକ୍ଷେ ସୋମବାର ସନ୍ଧ୍ୟାରେ ଅଭିଯୁକ୍ତ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗକୁ ଅସ୍ୱୀକାର କରିବା ସହ ତାଙ୍କୁ ବଦ୍‌ନାମ କରିବାକୁ କିଛି ଲୋକ ଚକ୍ରାନ୍ତ କରି ମିଥ୍ୟା ମାମଲା କରିଛନ୍ତି ବୋଲି କହିଛନ୍ତି। ସେ କୁକୁଡ଼ା କିଣିବାକୁ ଯାଇଥିଲେ। କୁକୁଡ଼ା ବାବଦରେ ମହିଳାଙ୍କୁ ୫୦୦ ଟଙ୍କା ଦେଇଥିଲେ। କିନ୍ତୁ କୁକୁଡ଼ା ରୋଗା ଥିବାରୁ ୨୦୦ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଏହାକୁ ନେଇ କଥା କଟାକଟି ହେବାରୁ ସେ କୁକୁଡ଼ା ଫେରାଇ ନିଜ ଘରକୁ ଫେରି ଆସିଥିଲେ। ତାଙ୍କ ଉପରେ ରାଗ ରଖି ଏଭଳି ମିଛ ଅଭିଯୋଗ କରାଯାଇଛି। ପୋଲିସ ତଦନ୍ତ କଲେ ସତ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ବନପାଳ ସମ୍ବର୍ଦ୍ଧିତ


ଭୁବନେଶ୍ୱରଠାରେ ଅନୁଷ୍ଠିତ ସମାରୋହରେ ବନପାଳ ଲକ୍ଷ୍ମୀଧର ବାରିକ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାସୁଦେବପୁର,୨୫।୩
(ନାରାୟଣ ପ୍ରସାଦ ବାରିକ୍)

ବିଶ୍ୱ ବନ ଦିବସ ଅବସରରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ସମାରୋହରେ କେନ୍ଦ୍ରାପଡ଼ା ଜିଲା ରାଜନଗର ଲୁଣା ଜଙ୍ଗଲ କନିକା ବନ୍ୟପ୍ରାଣୀ ବନାଞ୍ଚଳ ଡାଙ୍ଗମାଳରେ କାର୍ଯ୍ୟରତ ବନପାଳ ଲକ୍ଷ୍ମୀଧର ବାରିକ୍‌ଙ୍କୁ ଶ୍ରେଷ୍ଠ ବନପାଳ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଲକ୍ଷ୍ମୀଧରଙ୍କ ଘର ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ଗୁଆଗାଁ ଗ୍ରାମର ୧୮ ନଂ. ୱାର୍ଡରେ। ସମାରୋହରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଭାଗର ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କଠାରୁ ଲକ୍ଷ୍ମୀଧର ମାନପତ୍ର, ପଦକ ଓ ଅର୍ଥରାଶି ଗ୍ରହଣ କରିଥିଲେ। ଏନେଇ ଲକ୍ଷ୍ମୀଧର ଖୁସିବ୍ୟକ୍ତ କରିବା ସହ ଏହି ସଫଳତାର ଶ୍ରେୟ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଓ ଏସିଏଫ୍ ମାନସ କୁମାର ଦାସଙ୍କୁ ଦେଇଛନ୍ତି। ଗତ ୨ ବର୍ଷ ଧରି ସେମାନଙ୍କ ପ୍ରେରଣାରେ ବନ୍ୟପ୍ରାଣୀ ସୁରକ୍ଷା, ବନ ଜଙ୍ଗଲ ସୃଷ୍ଟି, ଚାରାରୋପଣ ଆଦି କ୍ଷେତ୍ରରେ ଲକ୍ଷ୍ମୀଧର ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ।

# ମାସେ ପରେ ପୂରଣ ହେଲା ଥାନାଧିକାରୀ ପଦବୀ

ବାସୁଦେବପୁର/ସାବରଙ୍ଗ,୨୫।୩
(ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)

ବାସୁଦେବପୁର ବ୍ଲକର ନାୟକାଣିଡିହୀ ଥାନାରେ ନୂତନ ଥାନାଧିକାରୀ ଭାବେ ଇନ୍ସପେକ୍ଟର ରାଜଲକ୍ଷ୍ମୀ ନାୟକ ସୋମବାର ସନ୍ଧ୍ୟାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବତନ ଥାନାଧିକାରୀ ସଲଖନ ମୁର୍ମୁ ଅନ୍ୟତ୍ର ବଦଳି ହୋଇଯିବା ପରେ ମାସାଧିକ କାଳ ଏହି ପଦବୀ ଫାଙ୍କା ପଡ଼ିଥିଲା। ମାସେ ପରେ ଏହି ପଦବୀ ପୂରଣ ହୋଇଛି। ନୂତନ ଥାନାଧିକାରୀ ପୂର୍ବରୁ ମହିଳା ଓ ଶିଶୁ ଅପରାଧ ବିରୋଧ ଶାଖା ଭୁବନେଶ୍ୱରରେ କାର୍ଯ୍ୟରତ ଥିଲେ। ଏହି ଥାନା ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ, ଗୋଚାଲାଣ, କୋଇଲା ଚୋରା ଚାଲାଣ ରୋକିବା, ନିଶା କାରବାର ରୋକିବା ତାଙ୍କର ପ୍ରାଥମିକ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ଏଥିନିମନ୍ତେ ସେ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି।

# ୩୧ରେ ଶ୍ରୀରାମ ମହାଯଜ୍ଞ ସମିତିର ଗଣଦୌଡ଼

ଚାନ୍ଦବାଲି/ଘଣ୍ଟେଶ୍ୱର,୨୫।୩
(କିଷାନ ପାତ୍ର/ ବିପିନ ଦାଶ)

ଚାନ୍ଦବାଲି ବ୍ଲକର ଘଣ୍ଟେଶ୍ୱର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଆସନ୍ତା ୩୧ ତାରିଖରେ ଗଣଦୌଡ଼ ଅନୁଷ୍ଠିତ ହେବ। ମଙ୍ଗଳବାର ସନ୍ଧ୍ୟା ୭ଟାରେ ଘଣ୍ଟେଶ୍ୱର ବଜାରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମିତି ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ସକାଳ ୮ଟାରେ ମହିମାମଣି ପଡ଼ିଆରୁ ଗଣଦୌଡ଼ ବାହାରି ନୂଆସାହି ଗ୍ରାମ ପର୍ଯ୍ୟନ୍ତ ଯିବ। ୨ ତାରିଖରେ ୧୦୦୮ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା, ୩ରୁ ୫ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ସଭାପତି କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି। ସମ୍ପାଦକ ଲୋକନାଥ କର, ମୁକ୍ତିକାନ୍ତ ନାୟକ, ଇତିରଞ୍ଜନ ଦାସ, ସିଦ୍ଧାର୍ଥ ଶଙ୍କର ବାରିକ, ଗଣେଶ ଦାସ, ସୁରେନ୍ଦ୍ର ମହାଳିକ, ବିକ୍ରମ କେଶରୀ ଦାସ, ବସନ୍ତ ନାୟକ, ପ୍ରେମାନନ୍ଦ ଦାସ, ହରିଶ ଚନ୍ଦ୍ର ମହାଳିକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# 'କଳା କ୍ଷେତ୍ରରେ ଆଗରପଡ଼ାର ସ୍ୱତନ୍ତ୍ର ପରିଚୟ ରହିଛି'

## ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୭ମ ସନ୍ଧ୍ୟା

ବନ୍ତ,୨୫।୩ (ହରିନାରାୟଣ ମହାନ୍ତି)

ଆଗରପଡ଼ା ମାଟି ବୀରପୁରୁଷ ଓ କଳା ସଂସ୍କୃତିର ମାଟି। ଏହି ମାଟିରେ ନବ ଉତ୍କଳର ନିର୍ମାତା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଜନ୍ମଗ୍ରହଣ କରି ଗୌରବମୟ ଇତିହାସ ରଚନା କରିଥିବା ବେଳେ ଏଠାକାର ପ୍ରତ୍ୟେକ ଲୋକଙ୍କ ପାଖରେ ଜାତି ପ୍ରେମର ବହ୍ନି ଭରି ରହିଛି। ଏଥିସହ କଳା କ୍ଷେତ୍ରରେ ଏ ମାଟିର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ବନ୍ତ ବ୍ଲକର ଆଗରପଡ଼ା ହେମପଦ୍ମ ଗାଲାକ୍ସିଠାରେ ଚାଲିଥିବା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୭ମ ସନ୍ଧ୍ୟାରେ ଚଳଚ୍ଚିତ୍ର ଅଭିନେତ୍ରୀ, ବାସ୍ତୁବିତ୍ ତଥା ଉଦ୍ୟୋଗପତି କାନ୍ତା ସିଂ ଉଦ୍‌ଘାଟକ ଭାବେ ଯୋଗଦେଇ କହିଥିଲେ। କମିଟି ସଭାପତି ଆଇନଜୀବୀ ମନୋଜ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ମନ୍ଦିରା ସ୍କୁଲ ଅଫ୍ ଡ୍ୟାନ୍ସ ଏକାଡେମୀର ଅଧ୍ୟକ୍ଷା ଶ୍ୱେତପଦ୍ମା ଦାସବେହେରା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଞ୍ଜନା ମିଶ୍ର, ଉପଦେଷ୍ଟା କମିଟିର ସୁବୋଧ କୁମାର ସାହୁ ଓ ନାରାୟଣ ଚନ୍ଦ୍ର ଲେଙ୍କା ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ମନ୍ଦିରା ସ୍କୁଲ ଅଫ୍ ଡ୍ୟାନ୍ସ ଏକାଡେମୀର ଅଧ୍ୟକ୍ଷା ଶ୍ୱେତପଦ୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟି ସମ୍ପାଦକ ହେମନ୍ତ ସିଂହ ସ୍ୱାଗତ ଭାଷଣ ଓ ସନ୍ତୋଷ ପୁହାଣ ଧନ୍ୟବାଦ ଦେଇଥିଲେ। ଶେଷରେ ଅଭିନେତ୍ରୀ କାନ୍ତା ସିଂ ଚଳଚ୍ଚିତ୍ରର ସଂଳାପ ଓ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲେ। ପରେ ମନ୍ଦିରା ନୃତ୍ୟଶିଳ୍ପୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରଞ୍ଜିତ କୁମାର ପାଲ୍, ପଦ୍ମନାଭ ସେଠୀ, ସୁଦର୍ଶନ ସିଂହ, ସନ୍ତୋଷ ନାୟକ, ନମିତା ବେହେରା, ଚିତ୍ତରଞ୍ଜନ ଦାସ, ମାମୁନି ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ମନ୍ଦିରା ସ୍କୁଲ ଅଫ୍ ଡ୍ୟାନ୍ସ ଏକାଡେମୀ ଅଧ୍ୟକ୍ଷାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ଅନ୍ଧାରରେ ବୁଡ଼ିରହୁଛି ତିହିଡ଼ି ବଜାର

- ବଜାରରେ ଗୋଟେ ମାତ୍ର ହାଇମାଷ୍ଟ ଲାଇଟ
- ଉଚ୍ଛେଦ ଦୋକାନ ସହ ଚାଲିଯାଇଛି ଆଲୁଅ

ତିହିଡ଼ି,୨୫।୩ (ସଞ୍ଜିତ ବଳ)

ସନ୍ଧ୍ୟା ହେବା ପରେ ତିହିଡ଼ି ବଜାର ଅନ୍ଧାରରେ ବୁଡ଼ିଯାଉଛି। ବଜାରର ଉଭୟ ପାର୍ଶ୍ୱରୁ ଉଚ୍ଛେଦ କରାଯିବା ପରେ ଦୋକାନ ସହ ଆଲୁଅ ବି ଚାଲିଯାଇଛି। ତିହିଡ଼ି ଥାନାଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗୋଟିଏ ମାତ୍ର ହାଇମାଷ୍ଟ ଲାଇଟପୋଷ୍ଟ ରହିଛି। ଏହାର ଆଲୋକ ସମଗ୍ର ବଜାରକୁ ଆଲୋକିତ କରିବା ପାଇଁ ଯଥେଷ୍ଟ ହୋଇପାରୁ ନାହିଁ। ଅପରପକ୍ଷେ ବଜାରର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଲାଇଟପୋଷ୍ଟ ଥିଲେ ମଧ୍ୟ ତାହା ଅଚଳ ହୋଇପଡ଼ିଥିବା ଜଣାପଡ଼ିଛି।

ଭଦ୍ରକ ଜିଲାରେ ଅନ୍ୟତମ ବ୍ୟସ୍ତବହୁଳ ବଜାର ଭାବେ ତିହିଡ଼ି ବଜାର ପରିଗଣିତ। ବଜାରର ମଧ୍ୟଭାଗରେ ବ୍ୟାଙ୍କ, ଡାକ୍ତରଖାନା, ଗୋଟିଏ ପାର୍ଶ୍ୱରେ ଥାନା ଓ ଅନ୍ୟ ପାର୍ଶ୍ୱରେ ବ୍ଲକ କାର୍ଯ୍ୟାଳୟ ରହିଛି। ଏହାବ୍ୟତୀତ ତିହିଡ଼ି ସଦର ମହକୁମାରେ ତହସିଲ, ସବ୍‌ରେଜେଷ୍ଟ୍ରି ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ପ୍ରତିଦିନ ବହୁ ଲୋକ ବଜାରକୁ ଆସିଥାନ୍ତି। ଏହି ପରିପ୍ରେକ୍ଷୀରେ ସକାଳୁ ରାତି ଯାଏ ବଜାରରେ ଗହଳି ଚହଳି ଲାଗି ରହିଥାଏ। ଏହି ଗହଳି ଭିତରେ ବହୁ ମହିଳା ମଧ୍ୟ ସାମିଲ ଥାନ୍ତି। ବଜାରର ୨ପାର୍ଶ୍ୱରେ ଦୋକାନ ଥିବାବେଳେ ଦୋକାନ ଆଲୋକ ବଜାରକୁ ସମ୍ପୂର୍ଣ୍ଣ ରୂପେ ଆଲୋକିତ କରୁଥିଲା। ମାତ୍ର ଦୋକାନ ସବୁ ଉଚ୍ଛେଦ ହେବା ପରେ ରାସ୍ତାର ଉଭୟ ପାର୍ଶ୍ୱ ବେଶ୍ ପ୍ରଶସ୍ତ ହୋଇଯାଇଥିଲେ ମଧ୍ୟ ବଜାର ସାରା ଅନ୍ଧାର ଛାଇଯାଇଛି। ବଜାରରେ ସେମିତି ଆଲୋକୀକରଣ ବ୍ୟବସ୍ଥା କରାଯାଇ ନାହିଁ। କେବଳ ଡାକବଙ୍ଗଳା ସାମ୍ନା ରାସ୍ତା ପାର୍ଶ୍ୱରେ ଏକ ହାଇମାଷ୍ଟ ଲାଇଟ ଲାଗିଛି। ଡାକ୍ତରଖାନା ଭିତରେ ଏବଂ ସାମ୍ନାରେ ଏହି ଲାଇଟ ଲାଗିଥିଲେ ମଧ୍ୟ ଏହାର ଆଲୋକ କେବଳ ଡାକ୍ତରଖାନା ପରିସରରେ ସୀମିତ ରହୁଛି। ରାସ୍ତାପାର୍ଶ୍ୱରେ କିଛି ଲାଇଟପୋଷ୍ଟ ଥିଲେ ବି ତାହା ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ନିକଟରେ ତିହିଡ଼ି ବଜାରରୁ ୨ଟି ବାଇକ୍ ଚୋରି ହୋଇଥିଲା। ଏହାବ୍ୟତୀତ ବଜାରରେ ବିଭିନ୍ନ ସମୟରେ ଆପରାଧିକ କାର୍ଯ୍ୟ ମଧ୍ୟ ଘଟିଥାଏ। ବଜାରରେ ଏହି ଅନ୍ଧାରର ସୁଯୋଗ ନେଇ ଅଧିକ ଅପରାଧ ଘଟିବା ଆଶଙ୍କା ଉପୁଜିଛି। ଅନ୍ୟପଟେ ଉଚ୍ଛେଦ ପରେ ପରେ ବର୍ଷା ହୋଇଥିବାରୁ ରାସ୍ତାପାର୍ଶ୍ୱ କାଦୁଅ ହୋଇଯାଇଛି। ଫଳରେ ବୟସ୍କ ଲୋକେ ଦୁର୍ଦ୍ଦଶାରେ ପଡୁଛନ୍ତି। ଏହି ପରିପ୍ରେକ୍ଷୀରେ ବଜାରକୁ ଆଲୋକୀକରଣ ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ବାରିକଙ୍କୁ ପଚାରିବାରୁ ସ୍ଥିତି ଅନୁଧ୍ୟାନ କରିବା ପରେ ଆଲୋକୀକରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



## ସଂକ୍ଷେପରେ

### ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ

ଢେଙ୍କିକୋଟ,୨୫।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ପଞ୍ଚାୟତ ସଙ୍କୀର୍ତ୍ତନ ମଣ୍ଡଳୀ ଗ୍ରାମବାସୀଙ୍କ ଉଦ୍ୟମରେ ୯୩ ତମ ବାର୍ଷିକ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ନାମଯଜ୍ଞରେ ମୟୂରଭଞ୍ଜ ଖୁଣ୍ଟା ବ୍ଲକ୍ ଦେଉଳା, ଖୁଣ୍ଟା ବ୍ଲକ୍ କନ୍ଦଳିଆ, ଠାକୁରମୁଣ୍ଡା ବ୍ଲକ୍‌ର ବାଉଁଶଡ଼ିହା ଓ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍‌ର କୁପଣ୍ଡି, ଖିରେଇଟାଙ୍ଗିରି ପଞ୍ଚାୟତ ନୂଆଗାଁ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ନାମଯଜ୍ଞରେ ଅଂଶଗ୍ରହଣ କରିଛନ୍ତି। ଢେଙ୍କିକୋଟ୍ ସଙ୍କୀର୍ତ୍ତନ ମଣ୍ଡଳୀ ଓ ୨୪ପ୍ରହର ନାମଯଜ୍ଞ କମିଟିର ଉପଦେଷ୍ଟା ମଣ୍ଡଳୀ, କୁଳମଣି ମଣ୍ଡଳ, ଅଲେଖ ଚନ୍ଦ୍ର ସିଂହ, ଦୈତାରୀ ନାୟକ, ଅନାଦି ଚରଣ ସିଂହ, ଅନିରୁଦ୍ଧ ନାୟକ ସମେତ କମିଟିର ମୁଖ୍ୟ ତଥା ସଭାପତି ଅବନି ମହାପାତ୍ର, ହୃଷିକେଶ ମହାପାତ୍ର, ସନାତନ ନାୟକ, ପ୍ରଭାକର ନାୟକ, ବନମାଳୀ ନାୟକ, ଜିତେନ୍ଦ୍ର ନାୟକ, ଅକ୍ଷୟ ମହାପାତ୍ର ପ୍ରମୁଖ ସହଯୋଗ କରୁଛନ୍ତି।

### ୨୮ରୁ ରାମଚରିତ ମାନସ ପାରାୟଣ ମହୋତ୍ସବ

କେନ୍ଦୁଝର,୨୫।୩(ଦୀପକ ମିଶ୍ର)

କେନ୍ଦୁଝର ସହରସ୍ଥିତ ସାମନ୍ତରାୟପୁର ଶାସନ ଶ୍ରୀଶ୍ରୀ ବାଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମାର୍ଚ୍ଚ ୨୮ରୁ ଏପ୍ରିଲ ୬ ପର୍ଯ୍ୟନ୍ତ ରାମଚରିତ ମାନସ ପାରାୟଣ ମହୋତ୍ସବ ଅନୁଷ୍ଠିତ ହେବ। ୨୮ରୁ ଅଧିବାସ ଓ ଅଙ୍କୁରାରୋପଣ, ୨୯ରେ କଳସ ଯାତ୍ରା ଓ ସୂର୍ଯ୍ୟପୂଜା, ୩୦ରୁ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟ ପୂଜା ସହ ପ୍ରଭୁଙ୍କ ଷୋହଳ ପୂଜା ବ୍ୟତୀତ ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ଓ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିବା ବ୍ରତୀ ସୁକାନ୍ତି ମଞ୍ଜରୀ ମିଶ୍ର ଓ ନବଘନ ମିଶ୍ର କହିଛନ୍ତି। ବାସନ୍ତୀ ଦୁର୍ଗା ପୂଜା ଅବସରରେ ବାଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସପ୍ତଶତୀ ଚଣ୍ଡୀପାଠ କରାଯିବ ବୋଲି ମନ୍ଦିର କମିଟିର ଉପଦେଷ୍ଟା ମୋହିନୀ ମୋହନ ମିଶ୍ର ପ୍ରକାଶ କରିଛନ୍ତି।

### ବିଜୁଳି, ଅଂଶୁଘାତରୁ ରକ୍ଷା ନେଇ ସଚେତନତା

କେନ୍ଦୁଝର,୨୫।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ବିଜୁଳି ଓ ଅଂଶୁଘାତରୁ ରକ୍ଷା ପାଇବା ନିମନ୍ତେ ମଙ୍ଗଳବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ଲଳିତ ରଞ୍ଜନ ସାହୁ ଯୋଗଦେଇ ବିଜୁଳି କବଳରୁ କିପରି ରକ୍ଷା ପାଇବେ ସେ ସମ୍ପର୍କରେ ଏକ ପାୱାର ପଏଣ୍ଟ ମାଧମରେ ଶିକ୍ଷା ପ୍ରଦାନ କରିବା ଶହ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ. ବିଷ୍ଣୁ ଚରଣ ଦାସ କାଳବୈଶାଖୀ ଓ ଅଂଶୁଘାତରୁ କିପରି ରକ୍ଷା ପାଇବେ ସେ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଉତ୍ସବରେ ଶତାଧିକ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ +୨ ଜାତୀୟ ସେବା ଯୋଜନା ଅଧିକାରିଣୀ ତଥା ଇତିହାସ ବିଭାଗ ମୁଖ୍ୟା ପ୍ରଫେସର ସୁସ୍ମିତା ମଞ୍ଜରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାମ ନିମ୍ନମାନର

## ସୂଚନା ଫଳକ ନାହିଁ, ବାଲି-ଗୋଡ଼ି ପରିମାଣ ଠିକ୍ ରହୁନି

କେନ୍ଦୁଝର,୨୫।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ କେନ୍ଦୁଝର ସହର ନିକଟସ୍ଥ ହଳଦିଆଟାଙ୍ଗିରିରୁ ଖୋଲପା ରାସ୍ତା କାମ ନିମ୍ନମାନର ହେଉଛି। ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ରାସ୍ତା କାମ ହେଉଥିବା ବେଳେ ତରବରିଆ ଭାବରେ କାମ ହେଉଛି। ରୋଲିଂ ଠିକ୍ ହେଉ ନ ଥିବା ବେଳେ ମୋରମ ଓ ମାଟି ପରିମାଣ କମ୍ ଥିବା ସ୍ଥାନୀୟ ଲୋକେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ରାସ୍ତା କାମ ପାଇଁ ଟେଣ୍ଡର ହୋଇ ଜଣେ ଠିକାଦାରଙ୍କ ନାମରେ କାର୍ଯ୍ୟାଦେଶ ହୋଇଥିଲା। କାମ ନ ହୋଇ ଅବଧି ସରିଯିବା ପରେ ଏବେ ଅନ୍ୟ ଜଣେ ଠିକାଦାର କାମ ଆରମ୍ଭ କରିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ତେବେ କାମରେ ବିଳମ୍ବ ଯୋଗୁ ବ୍ୟୟ ଅଟକଳ ବଢ଼ିଯାଇଥିବା ବେଳେ ଏ ନେଇ ଅବହେଳାକରି କାମ କରି ନ ଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହୋଇ ଅନ୍ୟ ଜଣେ ଠିକାଦାରଙ୍କୁ କାମ ଦିଆଯିବାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଠିକ୍ ମାନର ମୋରମ ଓ ମାଟି ବ୍ୟବହାର ହେଉନାହିଁ। ରୋଲିଂ କରାଯାଉ ନ ଥିବାରୁ ରାସ୍ତା ଦବିବା ଆଶଙ୍କା ରହୁଛି। ଅଲଣାପଦା ନିକଟ ଅଙ୍ଗନୱାଡି କେନ୍ଦ୍ର ନିକଟରେ ବିନା ଡାଇଭର୍ସନରେ କଲଭର୍ଟ କାମ ଚାଲିଥିବାରୁ ଲୋକେ ଯାତାୟାତରେ ନାନା ଅସୁବିଧା ଭୋଗୁଛନ୍ତି। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ସବୁ କାମ ଚାଲୁଥିବା ବେଳେ କଂକ୍ରିଟ୍ କାମ ନିମ୍ନମାନର ହେଉଛି। ଚିପ୍ସ, ସିମେଣ୍ଟ ଓ ବାଲିର ଠିକ୍ ଅନୁପାତରେ ବ୍ୟବହାର କରାଯାଉନାହିଁ। ନିମ୍ନମାନର ଲୁହାଛଡ଼ ବ୍ୟବହାର ହେଉଥିବା ଅଭିଯୋଗ କରିଛନ୍ତି। ରାସ୍ତାରେ ପାଣି ସିଞ୍ଚନ ହେଉ ନ ଥିବାରୁ ଧୂଳି ଉଡୁଛି। ପାଣି ଅଭାବରୁ କଂକ୍ରିଟ୍ କାମ ଠିକ୍ ଭାବରେ ହେଉ ନ ଥିବାରୁ ସେସବୁର ସ୍ଥାୟିତ୍ୱକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଏକାଧିକ କାମ ତଦାରଖ ଦାୟିତ୍ୱ ଦିଆଯାଇଥିବାରୁ କାମ ନିୟମିତ ନିରୀକ୍ଷଣ ହୋଇପାରୁନାହିଁ। ସେହିପରି ଜିଲ୍ଲା ମୁଖ୍ୟାଳୟ ନିକଟରେ ଏଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତା କାମ ହେଉଥିବା ବେଳେ ବରିଷ୍ଠ ଅଧିକାରୀ ତଦାରଖ କରୁ ନ ଥିବାରୁ କାମ ଠିକ୍ ଭାବରେ ହୋଇ ପାରୁନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟ ପାଖରେ କାମ କିଏ କରୁଛି ଏବଂ କାମର ସୂଚନା ନେଇ କୌଣସି ଫଳକ ଲାଗି ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ବରିଷ୍ଠ ଆଇନଜୀବୀ ଜ୍ୟୋତିରତ୍ନ ମହାନ୍ତ କହିଛନ୍ତି, ଡିଏମ୍ଏଫ୍ ଅନୁଦାନରେ ଏହି କାମ ହେବାକୁ ଥିବା ବେଳେ ଦୀର୍ଘ ବର୍ଷ କାମ ନ ହୋଇ ପଡ଼ିରହିଲା। ଏବେ କାମ ଆରମ୍ଭ ହୋଇଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ କାମର ମାନ ଠିକ୍ ହେଉନାହିଁ। କନିଷ୍ଠ ଯନ୍ତ୍ରୀ ସ୍ମୃତିରଞ୍ଜନ ବେହେରା କହିଛନ୍ତି, ଅଭିଯୋଗ ମିଳିବା ପରେ ସେ ଯାଇ କାମ ଦେଖିଛନ୍ତି । ଠିକାଦାରଙ୍କୁ ତାଗିଦା କରାଯାଇଛି । ପୂର୍ବ ଠିକାଦାର କାମ ନ କରିବାକୁ ନୋଟିସ କରାଯାଇଛି। ନୂଆ ଠିକାଦାରଙ୍କ ଜରିଆରେ କାମ ଚାଲିଛି।



ହଳଦିଆଟାଙ୍ଗିରିରୁ ଖୋଲପା ରାସ୍ତାରେ ନିର୍ମାଣାଧୀନ କଲଭର୍ଟ।

# କାର୍ ଧକ୍କାରେ ମା'ପୁଅ ଗୁରୁତର

ହାଟଡ଼ିହୀ/ ଛେନାପଦି,୨୫।୩
(ଶୁଭକାନ୍ତ ନାୟକ/ ନିରାକାର ପରିଡ଼ା)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥର ହାଟଡ଼ିହୀ ବ୍ଲକ୍ ଅଣାଛକ ନିକଟସ୍ଥ ହଳଦୀ ଫ୍ୟାକ୍ଟ୍ରି ନିକଟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି। ଏକ କାର୍ ଧକ୍କାରେ ମା'ପୁଅ ଗୁରୁତର ହୋଇଛନ୍ତି। କାର୍ ଜବତ କରିବା ସହ ଚାଳକ ସେକ୍ ଜାହିରୁଦ୍ଦିନଙ୍କୁ ଅଟକ ରଖି ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଅକରୁଆ ପଞ୍ଚାୟତ ଘୋଷରାପଦା ଗାଁର ବର୍ଷାରାଣୀ ଜେନା (୪୯) ଏବଂ ତାଙ୍କ ପୁଅ କାହ୍ନା ଜେନା (୨୩) ସାଇକେଲ ଯୋଗେ ବ୍ୟାଙ୍କକୁ ଯାଉଥିଲେ। ସାମ୍ନା ପଟୁ ଦ୍ରୁତଗତିରେ ଆସୁଥିବା ଏକ କାର୍ (ଓଡ଼ି ୦୧ ଏଜେ ୧୬୭୫) ତାଙ୍କ ସାଇକେଲକୁ ଧକ୍କାଦେଇଥିଲା। ଫଳରେ ସାଇକେଲରୁ ମା'ପୁଅ ଛିଟିକି ପଡ଼ିଥିଲେ। କାର୍‌ଟି ଧକ୍କାଦେଇ ରାସ୍ତାକଡ଼ ନୟନଯୋରୀକୁ ପଶିଯାଇଥିଲା। ନନ୍ଦିପଦା ପୋଲିସ ହାଟଡିହୀ ଅଗ୍ନିଶମ ବାହିନୀ ପହଞ୍ଚି କାର୍‌କୁ ବାହାର କରିଥିଲେ। ଉଭୟ ମା'ପୁଅଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ପୋଲିସ ହସ୍ତକ୍ଷେପ ପରେ ବ୍ୟବଚ୍ଛେଦ ହେଲା

## ବାଲ୍‌ଟିରେ ବୁଡ଼ି ଶିଶୁ ମୃତ୍ୟୁ ଘଟଣା

ପାଟଣା,୨୫।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ କେନ୍ଦେଇପଶି ପଞ୍ଚାୟତ ସିଳିଦା ଗ୍ରାମ ବେହେରା ସାହିରେ ସୋମବାର ପାଣି ବାଲିଟ୍‌ରେ ବୁଡ଼ି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ବ୍ୟବଚ୍ଛେଦ ନ କରି ମୃତଦେହ ନେଇଯାଇଥିବାବେଳେ ପୋଲିସ ହସ୍ତକ୍ଷେପ ପରେ ମଙ୍ଗଳବାର ବ୍ୟବଚ୍ଛେଦ ହୋଇଛି। ପ୍ରକାଶ ଯେ, ଗ୍ରାମର ଜିତେନ୍ଦ୍ର ବେହେରାଙ୍କ ଦେଢ଼ ବର୍ଷର ଶିଶୁପୁତ୍ର ଅଭିଜିତ୍ ପାଣି ବାଲ୍‌ଟିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୃତଦେହ ଜବରଦସ୍ତ ଘରକୁ ନେଇ ଯାଇଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭେନ୍ଦୁ ସାଗର କୁମାର ନାଏକ ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କୁ ଜଣାଇଥିଲେ। ତୁରୁମୁଙ୍ଗା ପୋଲିସ ବୁଝାଶୁଝା କରି ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ତୁରୁମୁଙ୍ଗା ଥାନାରେ (ନଂ. ୯/୨୫)ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଓଡ଼ିଶା ଦିବସ ପ୍ରସ୍ତୁତି



ବୈଠକରେ ଉପସ୍ଥିତ ଉପଜିଲାପାଳ ଉମାକାନ୍ତ ପରିଡ଼ା ଓ ଅନ୍ୟମାନେ।

ଚମ୍ପୁଆ,୨୫।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲ୍ଲା ଚମ୍ପୁଆ ଧରଣୀଧର ନଗର ଭବନଠାରେ ଏପ୍ରିଲ ୧ରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ତହସିଲଦାର ସଜତ ମାର୍କେ, ଏସିଏଫ୍ ଅକ୍ଷୟ ଛତ୍ରିୟା, ଏବିଡିଓ ରୁନୁ ହାଁସଦା, ଡ଼ ଧର୍ମପଦ ଦାସ ମହାପାତ୍ର, ଏବିଓ ନରେନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ବିଦ୍ୟାଳୟ ପ୍ରମୁଖ ସ୍ଥାନୀୟ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ସଂଗଠନ ଓ ସ୍ଥାନୀୟ କର୍ମଚାରୀ ଯୋଗ ଦେଇଥିଲେ। ଓଡ଼ିଶା ଦିବସକୁ ଆଡ଼ମ୍ବର ସହ ପାଳନ ପାଇଁ ପୂର୍ବରୁ ପ୍ରଚଳିତ ବିଭିନ୍ନ କାର୍ଯ୍ୟକ୍ରମକୁ ପୁନରାବୃତି କରାଯିବା ସହିତ ଚଳିତ ଗ୍ରୀଷ୍ମକୁ ଆଖି ଆଗରେ ରଖି ଦିନ ସାରା ହେବାକୁ ଥିବା କାର୍ଯ୍ୟକ୍ରମକୁ ଦିନ ୧ ଘଟିକା ମଧ୍ୟରେ ଶେଷ କରିବାକୁ ପ୍ରସ୍ତାବ ପାରିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୂଚାର ରୂପେ ପରିଚାଳନା ପାଇଁ ଶିକ୍ଷା ବିଭାଗକୁ ପରାମର୍ଶ ପ୍ରଦାନ କରାଯିବା ସହିତ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ପ୍ରତିଯୋଗୀଙ୍କୁ ସୁଯୋଗ ଦେବା ପାଇଁ ଉପଜିଲାପାଳ ପରିଡା ସୂଚନା ଦେଇଥିଲେ। ଅନୁଷ୍ଠିତ ହେବାକୁ ଥିବା ସାହିତ୍ୟ ଆସରରେ ବ୍ୟାଙ୍ଗାତ୍ମକ କବିତା ପାଠକୁ ସ୍ଥାନ ଦେବା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା। ଓଡ଼ିଆ ଜାତିର ଗୌରବ ପାଇଁ ଅନୁଷ୍ଠିତ ହେବାକୁ ଥିବା ଗଣଦୌଡରେ ସବୁ ବର୍ଗର ଲୋକଙ୍କୁ ସାମିଲ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଭାରପ୍ରାପ୍ତ ସୂଚନା ଲୋକସମ୍ପର୍କ ଅଧିକାରୀ ବିଜୟ ନାଏକ ଏହି ପରିଚାଳନା କରିଥିବା ବେଳେ ପ୍ରକାଶ ଚନ୍ଦ୍ର କୁଣ୍ଡୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ମୁସଲିମ ଯୁବ ସମାଜ ପକ୍ଷରୁ ଇଫତାର ପାର୍ଟି

କେନ୍ଦୁଝର,୨୫।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜାମା ମସଜିଦରେ ସୋମବାର ସନ୍ଧ୍ୟାରେ ମୁସଲିମ ଯୁବ ସମାଜ ପକ୍ଷରୁ ରମଜାନ ମାସ ଅବସରରେ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ କୈଳାଶ ଚନ୍ଦ୍ର ପଣ୍ଡା, କେନ୍ଦୁଝର ଗଡ଼ ପୌରପାଳିକାର ଉପାଧକ୍ଷ ବରଦା ପ୍ରସନ୍ନ ଦାସ, କିରଣବାଳା ନାୟକ, ବିଶ୍ୱଜିତ୍ ତ୍ରିପାଠୀ(ମିଲୁ), ମୁନା ଶର୍ମା, ମନସୁର୍ ଆଲାମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମସଜିଦରେ ସମୂହ ନମାଜ ପାଠ କରିଥିଲେ। ସାକିର ହୁସେନ, ଏମ୍‌ଡି ଇଗ୍ରିସ, ସୈଫୁଲ ଇସଲାମ, ଫାୟାଦା ହୁସେନ, ଏମଡି ଚାନ୍ଦା ପ୍ରମୁଖ ପରିଚାଳନା କରିଥିଲେ।

# ଅଗ୍ନିବୀର ଯୋଜନାରେ ଆର୍ମୀ ନିଯୁକ୍ତି ପଞ୍ଜୀକରଣ ଆରମ୍ଭ

କେନ୍ଦୁଝର,୨୫।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର, ଅନୁଗୁଳ, ବରଗଡ, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲାର ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଅଗ୍ନିପଥ ଯୋଜନା ମାଧ୍ୟମରେ ଭାରତୀୟ ସ୍ଥଳସେନା ନିଯୁକ୍ତି ପଞ୍ଜୀକରଣ ଆରମ୍ଭ ହୋଇଛି। ଆର୍ମୀ ନିଯୁକ୍ତି ପଞ୍ଜୀକରଣ ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇ ଏପ୍ରିଲ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥି ନିମନ୍ତେ ପ୍ରାର୍ଥୀଙ୍କୁ ୨୫୦ ଟଙ୍କା ଫି ଦେୟ ଦେବାକୁ ପଡ଼ିବ। ମାନଦଣ୍ଡ, ଶିକ୍ଷାଗତ୍ ଯୋଗ୍ୟତା ଏବଂ ଅନ୍‌ଲାଇନ ପରୀକ୍ଷା ଅନୁସାରେ ପ୍ରାର୍ଥୀମାନେ ନିଯୁକ୍ତି ପାଇବେ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଆବେଦନ କରିବା ପାଇଁ ଅନଲାଇନ ରେଜିଷ୍ଟ୍ରେସନ ବାଧ୍ୟତାମୂଳକ ଅଟେ। ଅନଲାଇନ ରେଜିଷ୍ଟ୍ରେସନ ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଆର୍ମୀ ନିଯୁକ୍ତି ରାଲି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ପ୍ରାର୍ଥୀଙ୍କ ପଞ୍ଜିକୃତ ଇ ମେଲରେ ପ୍ରବେଶ ପତ୍ର ପ୍ରେରଣ କରାଯିବ ବୋଲି ସମ୍ବଲପୁର ଏଆରଓ ଜଣାଇଛନ୍ତି।

# ଫିଲିଂ ଷ୍ଟେଶନରେ ଲଟେରି ଉଠାଣ




ବିଜେତାଙ୍କୁ ଅତିଥି ପୁରସ୍କୃତ ସମାଗ୍ରୀ ପ୍ରଦାନ କରୁଛନ୍ତି।

ଢେଙ୍କିକୋଟ,୨୫।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲ୍ଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ. ମସିଣାବିଲାଠାରେ ଥିବା ମା' ଗୌରୀ ଫିଲିଂ ଷ୍ଟେଶନର ଏକ ବର୍ଷ ପୂର୍ତ୍ତି ଅବସରରେ ଲଟେରି ଉଠାଣ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଡ଼ମସିଣାବିଲା ପଞ୍ଚାୟତର ସମିତିସଭ୍ୟ ରଣଜିତ ମହାନ୍ତ, ସମ୍ମାନୀୟ ଅତିଥିଭାବେ ଢେଙ୍କିକୋଟର ସମାଜିକକର୍ମୀ ତଥା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଅବସରପ୍ରାପ୍ତ ବରିଷ୍ଠ ଶାଖା ପରିଚାଳକ କୁଳମଣି ମଣ୍ଡଳ ଏବଂ ଖୋର୍ଦ୍ଧା ଡିଭିଜନ ରେଲୱେ ଡାକ୍ତରଖାନାର ଡା. ମନୋରଞ୍ଜନ ସିଂହ ଓ ସାମାଜିକକର୍ମୀ ଧନେଶ୍ୱର ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପ୍ରାଇଜ ଭାବେ ପଇଡାପାଟଣା ପଞ୍ଚାୟତ ଖୁଣ୍ଟାପଡା ଗ୍ରାମର ସୁଜିତ କୁମାର ପଣ୍ଡା ଏକ ଏସି, ଦ୍ୱିତୀୟ ପ୍ରାଇଜ ଢେଙ୍କିକୋଟ ଦଳେଇ ସାହିର ରଶ୍ମିରଞ୍ଜନ ଦଳେଇ ୪ଜି ମୋବାଇଲ ସେଟ୍, ତୃତୀୟ ପ୍ରାଇଜ ଢେଙ୍କିକୋଟ ପଞ୍ଚାୟତ ଟିଂକିରା ଗ୍ରାମର ତୋରୁଣ କୁମାର ନାଏକ ୨୨ଇଞ୍ଚର ଏଲ୍‌ଇଡି ଟିଭି, ୪ର୍ଥ ପ୍ରାଇଜ ଜଗତସିଂହପୁର ମୋବାଇଲ୍, ୫ମ ପ୍ରାଇଜ ଧାନ ହାଁସଦା ଏକ ଗ୍ରାଇଣ୍ଡର ପାଇଥିଲେ। ଫିଲିଂ ଷ୍ଟେଶନର ମାଲିକ ନିବେଦିତା ନାୟକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ମିଳିଲା ୬୩.୩୨ଲକ୍ଷ



ବିପନ୍ନଙ୍କୁ ପଲିଥିନ ଦିଆଯାଉଛି।

ବାରିପଦା,୨୫।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କାଳବୈଶାଖୀ ପ୍ରଭାବରେ ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ବାଙ୍ଗିରିପୋଷି ଓ ବିଶୋଇ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦିନିକିଆ ଜିଲା ଗସ୍ତରେ ଆସି କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିବା ସହ ବିପନ୍ନ ପରିବାରକୁ ତ୍ୱରିତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମଙ୍ଗଳବାର ସୁଦ୍ଧା ବାଙ୍ଗିରିପୋଷି ଓ ବିଶୋଇ ବ୍ଲକର କ୍ଷତିଗ୍ରସ୍ତମାନଙ୍କୁ ମୋଟ ୬୩ ଲକ୍ଷ ୩୨ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜିଲା ଜରୁରୀକାଳୀନ ବିଭାଗ ସୂଚନା ଦେଇଛି।

କାଳବୈଶାଖୀ ତାଣ୍ଡବରେ ବିଶୋଇ ବ୍ଲକର ୨ଟି ଓ ବାଙ୍ଗରିପୋଷି ବ୍ଲକର ୧୨ଟି ଗ୍ରାମ ପଞ୍ଚାୟତକୁ ମିଶାଇ ମୋଟ ୧୪ଟି ପଞ୍ଚାୟତର ୫୨ଟି ଗ୍ରାମ ଅନ୍ତର୍ଗତ ୧୪୩୨୬ ଲୋକ ପ୍ରଭାବିତ ହୋଇଛନ୍ତି। ୨୪ଟି ରିଲିଫ କ୍ୟାମ୍ପରେ ୪ ଦିନ ଧରି ୨୪୩୫୩ ଲୋକଙ୍କୁ ଦୁଇଓଳି ରନ୍ଧା ଖାଦ୍ୟ ଓ ସକାଳେ ଚୂଡାଗୁଡ ପ୍ରଦାନ କରାଯାଇଛି।

## ବାଙ୍ଗିରିପୋଷି ଓ ବିଶୋଇ ବ୍ଲକ

ସେହିପରି ଶିଶୁମାନଙ୍କ ପାଇଁ ବେବି ଫୁଡ୍ ପ୍ରଦାନ କରାଯାଉଥିବା ବେଳେ ୧୫ଟି ମେଡିକାଲ ଟିମ୍ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିୟୋଜିତ ରହିଛନ୍ତି। ପ୍ରଶାସନ ପକ୍ଷରୁ ମୋଟ ୧୧୪୧୫ଟି ପଲିଥିନ ବଣ୍ଟନ କରାଯାଇଛି। ପ୍ରାଥମିକ ସର୍ଭେ ଅନୁଯାୟୀ ଉଭୟ ବ୍ଲକର ୧୩୬୦ କଚ୍ଚା ଘର ସମ୍ପୂର୍ଣ୍ଣ ଭାଙ୍ଗିଥିବା ବେଳେ, ୧୨ଟି ଅର୍ଦ୍ଧ ଭଗ୍ନ ଓ ୨୦୧୭୨ଟି ଘର ଆଂଶିକ ଭାବେ ଭାଙ୍ଗିଥିବା ସୂଚନା ମିଳିଛି। ୫୫୨ଟି ଗୁହାଳ ଘର ଭାଙ୍ଗିଛି। ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିବା ଘର ପିଛା ୧ଲକ୍ଷ ୨୦ହଜାର ଓ ବାସନକୁସନ ଏବଂ ଲୁଗାପଟା ପାଇଁ ୨୫୦୦ଟଙ୍କା ଲେଖାଏ ମୋଟ ୫୦୦୦, ଅର୍ଦ୍ଧଭଗ୍ନ ୧୨ଟି ଘରକୁ ୧ ଲକ୍ଷ ୨୦ହଜାର, ଆଂଶିକ ପକ୍କା ଘର ଭାଙ୍ଗିଥିବା ପରିବାରକୁ ୬୫୦୦ ଓ କଚ୍ଚା ଘରକୁ ୪୦୦୦, ଗୁହାଳ ଘରକୁ ୩୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି । ମଙ୍ଗଳବାର ଅପରାହ୍ନ ସୁଦ୍ଧା ବାଙ୍ଗିରିପୋଷି ବ୍ଲକରେ ମୋଟ ୧୭ ଲକ୍ଷ ୨୪ ହଜାର ଓ ବିଶୋଇ ବ୍ଲକରେ ୪୬ ଲକ୍ଷ ୮ହଜାର ଟଙ୍କା କ୍ଷତିଗ୍ରସ୍ତଙ୍କୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ସେହିପରି ଦୁଇଟି ବ୍ଲକରେ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ୨୮୫ ହେକ୍ଟର ଫସଲ ନଷ୍ଟ ହୋଇଛି। ଫସଲ କ୍ଷୟକ୍ଷତି ନିମନ୍ତ ୯ ଲକ୍ଷ ୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ଉଦ୍ୟାନ ବିଭାଗର କ୍ଷୟକ୍ଷତି ପାଇଁ ୨୬ ଲକ୍ଷ ୨୩ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଛି। ସରକାରୀ ଜାଗାରେ ଘର କରିଥିବା ପରିବାରକୁ ସହାୟତା ଯୋଗାଇ ଦେବାରେ ବାଧା ଉପୁଜିଛି । ସ୍ଥାୟୀ ଠିକଣା କିମ୍ବା ଜମିପଟ୍ଟା ନ ଥିବାରୁ ପ୍ରଭାବିତ ପରିବାରକୁ ସରକାରୀ ସହାୟତା ଯୋଗାଇବାରେ ପ୍ରଶାସନ ଅଡୁଆରେ ପଡିଛି। ବିପନ୍ନ ପରିବାରକୁ ପୁନର୍ବାର ଥଇଥାନ ହେବା ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି। ସେହିପରି ବିଭିନ୍ନ ତହସିଲର ରାଜସ୍ୱ ନୀରିକ୍ଷକ, ଅମିନ ଓ କର୍ମଚାରୀମାନଙ୍କୁ ନେଇ ଟିମ ଗଠନ କରାଯାଇ କ୍ଷୟକ୍ଷତିର ଆକଳନ କରାଯାଉଛି। ଖୁବଶୀଘ୍ର ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ମିଳିବ ବୋଲି ପ୍ରଶାସନ ସୂଚନା ଦେଇଛି।

# ବଡ଼ବିଲ, ଯୋଡ଼ାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

## ଇଦୁଲ ଫିତର, ଶ୍ରୀରାମ ନବମୀ ପାଇଁ ପୋଲିସ ସଜାଗ

ବଡ଼ବିଲ/ଯୋଡ଼ା, ୨୫।୩
(ଦେବପ୍ରିୟ ରଣା/ମାନସ ମହାନ୍ତ)

ଇଦୁଲଫିତର ଏବଂ ଶ୍ରୀରାମ ନବମୀ ଉତ୍ସବ ପାଳନକୁ ନେଇ କେନ୍ଦୁଝର ଜିଲା ବଡ଼ବିଲ, ଯୋଡ଼ା ଥାନା ଅଞ୍ଚଳର ବିଭିନ୍ନ ରାସ୍ତାଦେଇ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଫ୍ଲାଗମାର୍ଚ୍ଚ କରିଛି। ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ଏହି ଫ୍ଲାଗ ମାର୍ଚ୍ଚ କରିଥିବା ଜଣାପଡ଼ିଛି।

ବଡବିଲ ଥାନା ଆଇଆଇସି ଅଶୋକ ନାୟକଙ୍କ ନେତୃତ୍ୱରେ ପୋଲିସ ସହରର ବିଭିନ୍ନ ସମ୍ବେଦନଶୀଳ ରାସ୍ତା ଦେଇ ଫ୍ଲାଗମାର୍ଚ୍ଚ କରିଥିବା ଦେଖିବାକୁ ମିଳିଛି। ଫ୍ଲାଗ୍ ମାର୍ଚ୍ଚରେ ସାଇରନ ବଜାଇ ପୋଲିସ ବାଇକ ମଧ୍ୟ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ମାର୍ଚ୍ଚ ୩୧ ତାରିଖରେ ଇଦୁଲ ଫିତର ଏବଂ ଅପ୍ରେଲ ୬ ରେ ଶ୍ରୀରାମ ନବମୀ ଉତ୍ସବ ସର୍ବତ୍ର ପାଳନ ହେଉଛି। ବିଗତ ଦିନରେ ପୋଲିସ ପକ୍ଷରୁ ଉଭୟ ଧର୍ମାବଲମ୍ବୀଙ୍କୁ ନେଇ ଥାନାରେ ଶାନ୍ତି କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ବଡ଼ବିଲରେ ଶାନ୍ତି ଶୃଙ୍ଖଳା ରକ୍ଷା ସହିତ ଭାଇଚାରା ବଜାଇ ରଖିବାକୁ ବଡବିଲ ଥାନା ଆଇଆଇସି ଅଶୋକ ନାୟକ ନିବେଦନ କରିଛନ୍ତି। ଫ୍ଲାଗ୍ ମାର୍ଚ୍ଚ ବଡବିଲ ଥାନାରୁ ବାହାରି ମଦନାଛକ, ଅଟଳ ଛକ, ସୁଭାଷ ବୋଷ ଛକ, ଗୁରୁଦ୍ୱାରା ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ବାଟା ଛକ, ଡାକବଙ୍ଗଳା ଛକ, ନ୍ୟୁ ମାର୍କେଟ ଛକ, ପୁରୁଣା ପୌର କାର୍ଯ୍ୟାଳୟ ଛକ, ସେଣ୍ଟମେରିଜ ସ୍କୁଲ ଛକ, ହରିହରମନ୍ଦିର ଛକ, ଆଜାଦ୍ ବସ୍ତି ଛକ, ମହେଶ ଗ୍ୟାରେଜ ଛକ, ପିଏଚ୍‌ଡି ମହାରଣା ସାହିଛକ ଦେଇ ପୁଣି ବଡ଼ବିଲ ଥାନାକୁ ଫେରିଥିଲା।

ସେହିପରି ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ ଏବଂ ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଡ଼ା ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଚାରି ପ୍ଲାଟୁନ ଫୋର୍ସ, ପୋଲିସ କର୍ମଚାରୀ ସାମିଲ ହୋଇ ଇଦ୍‌ଉଲଫିତର ଅବସରରେ ସହରରେ ଶାନ୍ତିଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସହରର ବସ୍ତି ଓ ବଜାର ଅଞ୍ଚଳର ବିଭିନ୍ନ ୱାର୍ଡରେ ଫ୍ଲାଗମାର୍ଚ୍ଚକୁ ବଳବତ୍ତର କରାଯାଇଛି।



ବଡବିଲ ବାଇପାସ୍ ରୋଡରେ ଥାନା ଆଇଆଇସି ଅଶୋକ ନାୟକଙ୍କ ନେତୃତ୍ୱରେ ପୋଲିସ ଫ୍ଲାଗମାର୍ଚ୍ଚ କରୁଛି।

## ସଂକ୍ଷେପରେ

### ବିଦ୍ୟାଳୟ ପରିସରରୁ ନାଗ ଉଦ୍ଧାର

ନୀଳଗିରି, ୨୫।୩(ପ୍ରଶାନ୍ତ ବିଶ୍ୱାଳ)– ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ ୧୧ ନମ୍ବର ୱାର୍ଡ ଷ୍ଟେଶନ ସାହି ପ୍ରାଥମିକ ବିଦ୍ୟାଳୟ ଶୌଚାଳୟରୁ ଏକ ବିରଳ ପ୍ରଜାତିର ୬ ଫୁଟ୍ ଲମ୍ବର ଏକ ନାଗ ଉଦ୍ଧାର କରାଯାଇଛି। ମଙ୍ଗଳବାର ଅପରାହ୍ନ ୩ଟା ବେଳେ ୨ଟି ନାଗ ଉକ୍ତ ବିଦ୍ୟାଳୟ ପଛ ପାଖରେ ଥିବା ଡ୍ରେନ୍‌ରେ ଖେଳୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ନୀଳଗିରି ବନବିଭାଗ ଅଧିକାରିଣୀ ଆଇଶା ଆକ୍ତର ନିଶାଙ୍କୁ ଖବର ଦେଇଥିଲେ ମଧ୍ୟ ଠିକ୍ ସମୟରେ ପହଞ୍ଚି ପାରି ନ ଥିଲେ। ସାପ ଧରାଳି ହରେକୃଷ୍ଣ ରାଉତ ବିଳମ୍ବରେ ପହଞ୍ଚିଥିଲେ। ଡ୍ରେନ୍ ଭିତରୁ ସାପ ଦୁଇଟି ବାହାରି ସେଥିରୁ ଗୋଟିଏ ସାପ ଶୌଚାଳୟରେ ରହିଯାଇଥିଲା ବେଳେ ଅନ୍ୟ ସାପଟି ନିକଟ ଗ୍ରାମବାସୀଙ୍କ ବାଡ଼ି ଭିତରେ ପଶିଯାଇଥିଲା। ପରେ ଶୌଚାଳୟରୁ ଗୋଟିଏ ସାପକୁ ଉଦ୍ଧାର କରାଯାଇ ନୀଳଗିରି ବନ ବିଭାଗ ଅଫିସକୁ ଅଣାଯାଇ ଜିମା ଦିଆଯାଇଥିଲା। ପରେ ବନବିଭାଗ ପକ୍ଷରୁ ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାଦଦେଶ ଜଙ୍ଗଲରେ ଉକ୍ତ ସାପକୁ ଛାଡ଼ି ଦିଆଯାଇଛି।

### ୧୫ଦିନ ଧରି ପଡ଼ିରହିଛି ଜବତ ମୋରମ ବୋଝେଇ ଡମ୍ଫର

ଔପଦା, ୨୫।୩(ଧରିତ୍ରୀ ପଣ୍ଡା): ବାଲେଶ୍ୱର ଜିଲା ଔପଦା ପାହାଡ଼ିଆ ଅଞ୍ଚଳରେ ଦୀର୍ଘବର୍ଷ ଧରି ଖଣିଖାଦାନ ନିଲାମ ବନ୍ଦ ଥିବା ବେଳେ ୧୫ଦିନ ଧରି ମୋରମ ଭର୍ତ୍ତି ୨ ଡମ୍ଫର ଜବତ ହୋଇ ଔପଦା ଥାନାରେ ରହିଛି। ଗତ ୧୦ ତାରିଖରେ ଔପଦା ପୋଲିସ ହାତରେ ୨ଟି ମୋରମ ଭର୍ତ୍ତି ଡମ୍ଫର ଧରାପଡ଼ିଥିଲା। ୧୫ ଦିନ ହେଲା ଏହି ଗାଡ଼ିକୁ କାହିଁକି ଛଡ଼ାଯାଉନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଔପଦା ଥାନା ରାଇରାମଚନ୍ଦ୍ରପୁର ପଞ୍ଚାୟତ ପାହାଡ଼ ନିକଟ ମହିଁଷାଡ଼ାଳି ଅଞ୍ଚଳରୁ ୨ଟି ଡମ୍ଫର ମୋରମ ନେଇ ଯାଉଥିବା ବେଳେ ଜିଲା ମାଇନ୍ସ ବିଭାଗଠାରୁ ସୂଚନା ପାଇ ଗାଡ଼ି ଧରାଯାଇଥିବା ପୋଲିସଠାରୁ ସୂଚନା ମିଳିଛି। ଜଣକ ବ୍ୟକ୍ତିଗତ ଜମିରୁ ମୋରମ ତଡ଼ା ଯାଇ ନିର୍ମାଣାଧୀନ କେନାଲ କାମ ପାଇଁ ଯାଉଥିବା ବେଳେ କେଉଁ କାରଣରୁ ଧରାଗଲା ପୁଣି ୧୫ ଦିନ ଧରି ଗାଡ଼ି ଅଟକ ରହିବା ନେଇ ସାଧାରଣରେ ନାନା ଚର୍ଚ୍ଚା ହେଉଛି। ମାଇନ୍ସ ବିଭାଗ ପକ୍ଷରୁ ଜବତ ମୋରମ ଗାଡ଼ିରୁ ଜରିମାନା ଆଦାୟ ପରେ ଛଡ଼ାଯିବ ବୋଲି ପୋଲିସ କହିଛି।

ଜବତ ମୋରମ ଗାଡ଼ି ସମ୍ପର୍କରେ ଜିଲା ମାଇନ୍ସ ବିଭାଗ ଅଧିକାରିଣୀ ସନ୍ତୋଷୀ ସେଠୀଙ୍କୁ ପଚାରିବାରୁ ମୋରମ ନେଉଥିବା ସଂସ୍ଥାକୁ ଜରିମାନା ଦେବା ପାଇଁ କୁହାଯାଇଛି। ଜବତ ଗାଡି ଏକ ମାସ ପର୍ଯ୍ୟନ୍ତ ଅଟକ ରହିପାରିବ ବୋଲି ଅଧିକାରିଣୀ କହିଛନ୍ତି।

ଥାନା ଅଧିକାରୀ ପ୍ରମୋଦ କୁମାର ଦାସ ଜବତ ଗାଡି ସମ୍ପର୍କରେ କହିଛନ୍ତି, ମାଇନ୍ସ ବିଭାଗଠାରୁ ସୂଚନା ପାଇ ୨ଟି ମୋରମ ବୋଝେଇ ଗାଡ଼ିକୁ ଧରାଯାଇଛି। ୨ ଗାଡ଼ି ମଧ୍ୟରୁ ଗୋଟିଏ ଗାଡିକୁ ମୁଚାଲିକାରେ ଛଡ଼ାଯାଇଥିବା ବେଳେ ଗାଡ଼ିଠାରୁ ଜରିମାନା ଆଦାୟ କରିବା ବିଭାଗର ଦାୟିତ୍ୱ। ଅଭିଯୋଗ କଲେ ମାମଲା ରୁଜୁ ହେବ ବୋଲି ସେ କହିଛନ୍ତି।

### ଦିବ୍ୟାଙ୍ଗ ଶ୍ରମିକଙ୍କୁ ମାଡ଼ ନ୍ୟାୟ ପାଇଁ ଖଇରା ଥାନାର ଦ୍ୱାରସ୍ଥ

ଖଇରା, ୨୫।୩(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ମଳିହା(ବଣସାହି) ଗ୍ରାମର ଶ୍ରମିକ ଭାବେ କାମ କରୁଥିବା ଦିବ୍ୟାଙ୍ଗ ଗୌତମ ବେହେରାଙ୍କୁ ଜଣେ ଶିକ୍ଷୟିତ୍ରୀ ସାମାନ୍ୟ କଥାକୁ ନେଇ ନିସ୍ଥୁକ ମାଡ଼ ମାରିବା ନେଇ ଗୌତମ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ଏଏସ୍‌ଆଇ ଘଟଣାକୁ ରଫାଦଫା କରି ଚପାଇ ଦେବାକୁ ଉଦ୍ୟମ କରୁଥିବା ବେହେରାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ଗୌତମ ୧୯ତାରିଖରେ ମଳିହା ଚାରିଘେରିଆ ଗ୍ରାମର ପ୍ରତାପ ବେହେରାଙ୍କ ଘରକୁ କାମ କରିବାକୁ ଯାଇଥିଲେ। କାମ କରୁଥିବା ବେଳେ ଉକ୍ତ ଗ୍ରାମର ଜଣେ ଶିକ୍ଷୟିତ୍ରୀ ତାଙ୍କ ସ୍ୱାମୀଙ୍କ ନିର୍ଦ୍ଦେଶରେ ଏକ ବାଉଁଶ ଠେଙ୍ଗା ଆଣି ନିସ୍ଥୁକ ମାଡ ମାରିଥିଲେ। ପରେ ଚିକିତ୍ସା ପାଇଁ ଗୌତମଙ୍କୁ ଖଇରା ଡାକ୍ତରଖାନାକୁ ନିଆଯାଇଥିଲା। ଆଇଆଇସି ସୁଚନ୍ଦ୍ର ମହାଳିକଙ୍କୁ ଯୋଗାଯୋଗ କରିବାରେ ଏ ବିଷୟ ବୁଝୁଥିବା ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ମଣ୍ଡିରେ ପଡ଼ିରହିଛି ଧାନ

**ଚାଷୀ ଅସନ୍ତୁଷ୍ଟ**

ଜଳେଶ୍ୱର, ୨୫।୩(ନବୀନ ସାହୁ)



ଚାଷୀମାନେ ମଣ୍ଡିରେ ପଡିଥିବା ଗଜା ହୋଇଥିବା ଧାନକୁ ଦେଖାଉଛନ୍ତି।

ଓଡ଼ିଶା ସରକାରଙ୍କ ତରଫରୁ ଖରିଫ ଧାନ କିଣା ପ୍ରକ୍ରିୟା ପାଇଁ ଧାନମଣ୍ଡି ବ୍ୟବସ୍ଥା ଥିଲା ଏବଂ ଧାନକିଣାର ଶେଷ ତାରିଖ ମାର୍ଚ୍ଚ ୩୧ ବୋଲି ଘୋଷଣା ହୋଇଛି। ପୁରୁଣା ଧାନ ଯାଇ ନୂଆ ଧାନ ରବି ଋତୁ ଚାଷ ଧାନ କିଣା ପାଇଁ କୃଷକମାନେ ଫର୍ମ ଆବେଦନ କରୁଛନ୍ତି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଓଲମରା ସେବା ସମବାୟ ସମିତି ଅଧୀନରେ ସର୍ଦ୍ଧାରବନ୍ଧ, ଓଲମରା, ମାକିଡିଆ ପଞ୍ଚାୟତର ପଞ୍ଜୀକୃତ ହୋଇଥିବା ୩୦୯ଜଣ ଚାଷୀଙ୍କ ମଧ୍ୟରୁ ୨୮୫ ଚାଷୀ ମଣ୍ଡିରେ ଧାନ ଦେଇଥିଲେ। ସେମାନଙ୍କ ଧାନ କିଣାସରିଛି। ଆଉ କିଛି ଚାଷୀଙ୍କ ଟାର୍ଗେଟ ଅନୁଯାୟୀ ଧାନ କିଣାଯାଇ ନ ଥିବା ବେଳେ ୧୦ ଚାଷୀଙ୍କ ଧାନ ୨୦ଦିନ ଧରି ମଣ୍ଡିରେ ଖୋଲାଆକାଶ ତଳେ ପଡ଼ିରହିଛି। କାଳବୈଶାଖୀ ବର୍ଷାରେ ୩୦୦କୁଇଣ୍ଟାଲ ଧାନ ପଡିରହିଛି। ଏନେଇ ଚାଷୀ ସୁଧୀର ମହାନ୍ତ, ଶକ୍ତିପଦ ମହାନ୍ତ, ସତ୍ୟନାରାୟଣ ହଡ଼, ସୂର୍ଯ୍ୟକାନ୍ତ ଦାସ, ନିତ୍ୟାନନ୍ଦ ବେହେରା, ବାସୁଦେବ ସାହୁ, ବାବୁରାମ ମହାନ୍ତ, ଜଲା ମୁର୍ମୁ, ବିମଳ ମହାନ୍ତ, ଚିରଞ୍ଜନ ମହାନ୍ତ, ମାନସ ରଞ୍ଜନ ବେହେରା, ସୁମନ୍ତସୁନ୍ଦର ବେହେରା, ମୁଟୁରା ଭୋଳ ଓ ପ୍ରବୀର ଖୁଣ୍ଟିଆ ପ୍ରମୁଖ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଛି। ଧାନ ନ ନେଲେ ଆତ୍ମାହୂତି ଦେବୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ଏନେଇ ସମବାୟ ସମିତି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଆମକୁ ଧାନର ଟାର୍ଗେଟ ଆସିଲା ନାହିଁ ସେଥିପାଇଁ ଆମେ ଚାଷୀର ଧାନ ନେଇପାରିଲୁ ନାହିଁ ଓ ସେମାନଙ୍କର ଟୋକନର ଅବଧି ସମୟ ସରିଗଲା। ଏ ବାବଦରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତି କରିଛନ୍ତି। ଏନେଇ ଚାଷୀମାନେ ଜିଲାପାଳଙ୍କୁ ମଧ୍ୟ ଅବଗତି କରିଛନ୍ତି। ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ପଚାରିବାରୁ ସେ ଏ ବିଷୟରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ।

## ଲୋକ ମହୋତ୍ସବ, ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ଉଦ୍‌ଘାଟିତ

ଜଳେଶ୍ୱର, ୨୫।୩(ନବୀନ ସାହୁ):

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାୟାରାମଚନ୍ଦ୍ରପୁର ପଞ୍ଚାୟତ ଜମାଲପୁର ଖେଳ ପଡ଼ିଆରେ ଲୋକ ମହୋତ୍ସବ ସହ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ବେଶ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱରର ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ଖଗେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ମଞ୍ଚରେ ମୁଖ୍ୟଅତିଥି ଭାବେ ପୁରୀ ଗୋବର୍ଦ୍ଧନ ମଠର ପ୍ରବଚକ ତଥା ଜଗନ୍ନାଥ ସଂସ୍କୃତିର ଗବେଷକ ପଣ୍ଡିତ ମାତୃପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଅନ୍ୟତମ ଅତିଥି ଭାବେ କଂଗ୍ରେସ ନେତା ସଞ୍ଜୀବ ଗିରି, ଯୁବନେତା କନିଷ୍କ ବୋଧିସତ୍ୱ ଦାସ ପ୍ରମୁଖ ମଞ୍ଚାସୀନ ହୋଇ ଜଗନ୍ନାଥ ଦର୍ଶନ ଉପରେ ବକ୍ତବ୍ୟ ଦେଇଥିଲେ। ସମିତିସଭ୍ୟ ତଥା ପଣ୍ଡିତ ମନିନ୍ଦ୍ର ଧର ମଞ୍ଚ ଆହ୍ୱାନ କରିଥିବା ବେଳେ ଜଳେଶ୍ୱର ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ପ୍ରବଚକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଓ ମହେଶ୍ୱର ତ୍ରିପାଠୀ ପ୍ରବଚନ ଦେଇଥିଲେ। କଣ୍ଠଶିଳ୍ପୀ ଦେବସ୍ମିତା ଆଚାର୍ଯ୍ୟ ଏବଂ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରିଥିଲେ। ପୂର୍ବାହ୍ନରେ ସୁବର୍ଣ୍ଣରେଖା ନଦୀରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଶ୍ରୀ ଶ୍ରୀ ମହାପ୍ରଭୁଙ୍କ ଆଜ୍ଞାମାଳକୁ ମାଳଗଡ଼ିଆ ଛକ ନିକଟରୁ ସ୍ୱାଗତ କରାଯାଇ ଏକ ଶୋଭାଯାତ୍ରାରେ ମହୋତ୍ସବ ପଡିଆ ଯାଏ ନିଆଯାଇଥିଲା। ଶୋଭାଯାତ୍ରାରେ କଳାହାଣ୍ଡିର କଙ୍ଗାପା, ଯୋଡ଼ିଶଙ୍ଖ, ଦୁଲଦୁଲି ବାଜା, ଆଦିବାସୀ ନୃତ୍ୟ ସାମିଲ ହୋଇଥିଲା। ବରିଷ୍ଠ ବିଜେଡି ନେତା ମଧୁସୂଦନ ସେନାପତି, ପ୍ରବୀର କୁମାର ଦାସ, ସରପଞ୍ଚ ଶୁଭସ୍ମିତା ଦାସ, ଅଶୋକ କୁମାର ପରିଡ଼ା, ରାମଚନ୍ଦ୍ର ଜେନା, ରାଜୀବ ପରିଡ଼ା, ମନୋଜ ପରିଡ଼ା, ରବୀନ୍ଦ୍ର ନନ୍ଦୀ, ସପନ ଦାସ, ବିଦ୍ୟୁଭୂଷଣ କାନୁନଗୋ, ଅଧିର ପ୍ରମାଣିକ, ନରୋତ୍ତମ ସେଠୀ, ନନୀଗୋପାଳ ଦାସ ପ୍ରମୁଖ ପରିଚାଳନା କରିଥିଲେ।




ଉଦ୍‌ଘାଟନୀ ଉତ୍ସବରେ ଅତିଥିଗଣ।

## କଇଁଛ ସୁରକ୍ଷା ସଚେତନତା ରଥ ଗଡ଼ିଲା

ବାଲେଶ୍ୱର, ୨୫।୩(ବାଞ୍ଛାନିଧି ଦେ):



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରଠାରେ ନେଟଫିସ ଏମ୍‌ପିଇଡିଏ ପକ୍ଷରୁ ମଙ୍ଗଳବାର କଇଁଛଙ୍କ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମତ୍ସ୍ୟଜୀବୀଙ୍କୁ ବର୍ଗାକାର ଜାଲ ଓ ଟିଇଡ଼ି ଜାଲ ବହୁଳ ଭାବେ ବ୍ୟବହାର କରିବା ଉଦ୍ଦେଶ୍ୟରେ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଥିଲା। ଏହି ରଥକୁ ମୁଖ୍ୟଅତିଥି ଏସ୍‌ଏଫ୍‌ଟିଏ ରବିନାରାୟଣ ଦାସ ମଙ୍ଗରାଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ନେଟଫିସ ଏମପିଇଡିଏ ପାରାଦ୍ୱୀପ ବନ୍ଦର ପ୍ରାଧୀକରଣ ଏବଂ ବାହାବଳପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ରରେ ବର୍ଗାକାର ଜାଲ ବ୍ୟବହାର କଲେ ଏଥିରେ କେବଳ ବଡ଼ ମାଛ ଧରାପଡ଼ିବେ ଓ ଛୋଟ ମାଛ ସହିତ ଜାଆଁଳ ଜାଲରେ ପଡ଼ି ନଷ୍ଟ ହେବାର ସମ୍ଭାବନ କ୍ଷୀଣ ଅଟେ। ଅପରପକ୍ଷରେ ମତ୍ସ୍ୟଜୀବୀମାନେ ଟିଇଡ଼ି ଜାଲ ବ୍ୟବହାର କଲେ ବିରଳ କଇଁଛଗୁଡ଼ିକ ଜାଲରେ ପଡ଼ି ମଧ୍ୟ ସୁରକ୍ଷିତ ଭାବେ ବାହାରିଯିବେ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାହାବଳପୁର ମତ୍ସ୍ୟଜୀବୀ ସଂଘ ସଭାପତି ବିକାଶ ଚନ୍ଦ୍ର ଦାସ, ସମ୍ପାଦକ ଗୋରାଚାନ୍ଦ ଜେନାଙ୍କ ସମେତ ବୋଟ୍ ମାଲିକ ଓ ବହୁ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ। ନେଟଫିସ ଏମଇଡିଏର ଏସ୍‌ଡ଼ିସି ପ୍ରମୋଦ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩୦ରେ ଜିଲାସ୍ତରୀୟ ନିଯୁକ୍ତି ମେଳା

ବାଲେଶ୍ୱର,୨୫।୩(ବାଞ୍ଛାନିଧି ଦେ)– ବାଲେଶ୍ୱର ଜିଲା ବାମପଦାସ୍ଥିତ ନୋସି ବିଜିନେସ୍ ପାର୍କଠାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆସନ୍ତା ୩୦ ତାରିଖରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି ମେଳା ଆସନ୍ତା ୨୮ ତାରିଖରେ ହେବ ବୋଲି ସ୍ଥିର ହୋଇଥିଲା। ମାତ୍ର ଏହା ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ ବୋଲି ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବ ସୂଚନ ମୁତାବକ ଏହି ନିଯୁକ୍ତି ମେଳାର ସ୍ଥାନ, ସମୟ ଏବଂ ପଞ୍ଜିକରଣ ବ୍ୟବସ୍ଥା ଅପରିବର୍ତ୍ତିତ ରହିଛି। ଯେଉଁ ପ୍ରାର୍ଥୀମାନେ ସେମାନଙ୍କ ପଞ୍ଜିକରଣ ଶେଷ କରିସାରିଛନ୍ତି ସେମାନଙ୍କର ପଞ୍ଜିକରଣ ବୈଧ ରହିବ ଏବଂ ସେମାନଙ୍କ ତରଫରୁ ନୂତନ ପଞ୍ଜିକରଣର ଆବଶ୍ୟକତା ନାହିଁ ବୋଲି ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ବିଭାଗ ପକ୍ଷରୁ କୁହାଯାଇଛି।

## ନାବାଳିକା ଅପହରଣ ଘଟଣାରେ ଅଭିଯୁକ୍ତ ଗିରଫ

ସୋର, ୨୫।୩(ଜନ୍ମେଜୟ ମିଶ୍ର):

ସୋର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁସାରେ ଏହି ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୨୩ ତାରିଖରେ ଷଠୀ ଗ୍ରାମର କିଶୋର ସେଠୀ ଅପହରଣ କରିନେଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୨୩୪/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ସୋମବାର ବିଳମ୍ବିତ ରାତିରେ ଭଦ୍ରକ ରେଳଷ୍ଟେଶନରେ ଉଭୟ ବସିଥିବା ଖବରପାଇ ପୋଲିସ ସେଠାରୁ ଉଭୟଙ୍କୁ ସୋର ଥାନାକୁ ଉଠାଇ ଆଣିଥିଲା। ମଙ୍ଗଳବାର ସକାଳେ ପୋଲିସ କିଶୋରଙ୍କୁ ଗିରଫ କରି ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରିଛି। ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ବାରୁଣୀ ସ୍ନାନ ପାଇଁ ଚଳଚଞ୍ଚଳ କଷାଫଳ ବାରୁଣୀ ଘାଟ



ବେଳାଭୂମିରେ ସ୍ଥିତି ଅନୁଧ୍ୟାନ କରାଯାଉଛି।

ଲଙ୍ଗଳେଶ୍ୱର, ୨୫।୩(କମଳାକାନ୍ତ ଦାସ)

ବାରୁଣୀ ସ୍ନାନ ପାଇଁ ଚଳଚଞ୍ଚଳ ହୋଇଉଠିଛି ବାଲେଶ୍ୱର ଜିଲା ସାରଙ୍ଗ ଦେବ ବେଳାଭୂମି କଷାଫଳ ବାରୁଣୀ ଘାଟ। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବାରୁଣୀ ମେଳା ଏବଂ ଶ୍ରଦ୍ଧାଳୁମାନଙ୍କ ସ୍ନାନ ଏବଂ ବୁଡ଼ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ବାରୁଣୀଘାଟରେ ବୁଡ଼ ପକାଇବାକୁ ଆସୁଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ସାରଙ୍ଗଦେବଙ୍କ ଦର୍ଶନ କରିବା ସହିତ ଜଗନ୍ନାଥଙ୍କ ଦର୍ଶନ ମଧ୍ୟ କରିଥାନ୍ତି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟରେ ଲକ୍ଷାଧିକ ଶ୍ରଦ୍ଧାଳୁ ଏଠାରେ ବୁଡ଼ ପକାଇବାକୁ ଆସନ୍ତି। ତେବେ ଚଳିତବର୍ଷ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଅନୁମାନ କରାଯାଇଛି। ଶ୍ରଦ୍ଧାଳୁମାନଙ୍କ ପାଇଁ ବିଶ୍ରାମାଗାର, ପାନୀୟଜଳ, ଶୌଚାଳୟ ଆଦି ବ୍ୟବସ୍ଥା କରାଯିବା ସହ କିଭଳି ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇପାରିବ ସେନେଇ ବସ୍ତା ଏସଡିପିଓ ମାନସ ଦେଓ, କଷାଫଳ ସରପଞ୍ଚଙ୍କ ପ୍ରତିନିଧି ମୁକୁନ୍ଦ ଆଦେକ, ସମିତିସଭ୍ୟ ପ୍ରିୟରଞ୍ଜନ ପୃଷ୍ଟିଙ୍କ ସମେତ ପ୍ରଶାସନିକ ଅଧିକାରୀ ମଙ୍ଗଳବାର ବେଳାଭୂମି ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

### ଶିଡିରୁ ଖସି ଶିଶୁ ଗୁରୁତର

ସୋର, ୨୫।୩(ଜନ୍ମେଜୟ ମିଶ୍ର): ସୋର ଥାନା ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମରେ ଖେଳୁଥିବା ବେଳେ ଘର ଶିଡ଼ିରୁ ପଡି ଜଣେ ୬ ବର୍ଷର ଶିଶୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

ଏହି ଗ୍ରାମର ଶ୍ରୀକାନ୍ତ ଧଳଙ୍କ ୬ ବର୍ଷର ପୁଅ ଶ୍ରେୟାଂଶୁ ଧଳ ମଙ୍ଗଳବାର ପୂର୍ବାହ୍ନରେ ଘରେ ଖେଳୁଥିବା ବେଳେ ସିଡ଼ି ଉପରକୁ ଚଢିଯାଇ ଓହ୍ଲାଉଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେ ତଳକୁ ଖସିପଡ଼ିଥିଲେ। ଫଳରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବାଲେଶ୍ୱର ସ୍ଥାନାନ୍ତରିତ କରିଛନ୍ତି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



ପୁରସ୍କାର ସହ କୃତୀ ଛାତ୍ରୀଛାତ୍ରମାନେ।

ଝାରପୋଖରିଆ, ୨୫।୩ (ସୁଧିର କୁମାର ମହାନ୍ତ):

ସାରସକଣା ବ୍ଲକ ପଡ଼ାଶିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାରସକଣା ସାଧନ କେନ୍ଦ୍ରର ସଂଯୋଜକ (ସିଆର୍‌ସିସି) ସୁବ୍ରତ କୁମାର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଉଲାଲ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ସହକାରୀ ଶିକ୍ଷକ ସତ୍ୟଜିତ୍ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିରୋଷ୍ଟୀ ମହାନ୍ତ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ବିଜୟୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରୁସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ଏହି ବିଦ୍ୟାଳୟରେ ଉନ୍ନତମାନର ଶିକ୍ଷା ପ୍ରଦାନ କରି ଅବସର ଗ୍ରହଣ କରିଥିବା ଶିକ୍ଷକ ରାଧାନାଥ ମହାନ୍ତ, ସୁଶାନ୍ତ କୁମାର ଘୋଷ ଓ ଏକାଦଶୀ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ବିଶ୍ୱଜିତ ପାତ୍ର, ହିମାଂଶୁ ମିଶ୍ର, ମନ୍ଦାକିନୀ ମହାନ୍ତ ପରିଚାଳନା କରିଥିଲେ। ପୂଜାରିଣୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟଙ୍କ ସହିତ ଅଭିଭାବକ, ଗ୍ରାମବାସୀ ପରୁଚାଳନାରେ ସହଯୋଗ କରିଥିଲେ।

## ଜଗନ୍ନାଥମୟ ପତିରାଜପୁର ମେଳା ପଡ଼ିଆ

**ଜଗନ୍ନାଥଙ୍କ ୧୧ ବେଶ ଦେଖିଲେ, ମହିମା ଶୁଣିଲେ ଭକ୍ତ**

ଖଇରା, ୨୫।୩(ଉତ୍କଳବନ୍ଧୁ ପଣ୍ଡା):



ଆଧ୍ୟାତ୍ମିକ ଆଲୋଚନାରେ ଉପସ୍ଥିତ ଥିବା ବଡପଣ୍ଡା, ଦଇତାପତି ଓ ଚାରଣ ଗୋଷ୍ଠୀର କର୍ମକର୍ତ୍ତା।

ବାଲେଶ୍ୱର ଜିଲା ଖଇରା ବ୍ଲକର ଐତିହାସିକ ମେଳା ପଡିଆରେ ୨ ଦିନିଆ ଜଗନ୍ନାଥ କଥାମୃତ ଶିକ୍ଷା ଶିବିର, ଆଧ୍ୟାତ୍ମିକ ପ୍ରବଚନ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥଙ୍କ ୧୧ବେଶ ପ୍ରଦର୍ଶନ ସହ ଆଧ୍ୟାତ୍ମିକ ଆଲୋଚନା ଓ ପ୍ରବଚନ ତଥା ପିଲାମାନଙ୍କ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟରେ ମେଳାପଡିଆ ଜଗନ୍ନାଥମୟ ହୋଇଉଠିଛି। ସୋମବାର ସକାଳେ ରମଣି ରଞ୍ଜନ ନାୟକ ଓ ଶିବପ୍ରସାଦ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ପତିରାଜପୁର ମେଳା ମଣ୍ଡପରେ ଆୟୋଜିତ ଆଧ୍ୟାତ୍ମିକ ଆଲୋଚନାରେ ପୁରୀ ଶ୍ରୀମନ୍ଦିର ଅଙ୍ଗସେବକ ଲୋକନାଥ ବଡପଣ୍ଡା, ଗଣେଶ୍ୱର ଦାସମହାପାତ୍ର ଓ ଗୋପୀନାଥ ମହାପାତ୍ର ଯୋଗଦେଇ ଜଗନ୍ନାଥ ତତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସେହିଭଳି ମୂରଲୀଧର ଦାସ, ବିଶିଷ୍ଟ ପାଲା ଗାୟକ ହରିହର ପାଣିଗ୍ରାହୀ, ଅଧ୍ୟାପିକା ଡ. ଆଭାରାଣୀ ବଳ, ଚାରଣ ଗୋଷ୍ଠୀ ପତିରାଜପୁର ଶାଖାର ସଭାପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ପତ୍ରୀ ଓ ବୁଦ୍ଧିରାମ ପାଣିଗ୍ରାହୀ, ସମ୍ପାଦକ ନିର୍ମଳ କୁମାର ପଣ୍ଡା ପ୍ରମୁଖ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଛନ୍ତି । ଆଜି ବି ଜଗନ୍ନାଥ ଅମୀମାଂସିତ ଓ ଅସମାହିତ ପ୍ରଶ୍ନ ହୋଇ ରହିଛନ୍ତି ବୋଲି ପ୍ରକାଶ କରିଥିଲେ। ମଙ୍ଗଳବାର ସକାଳେ ପଣ୍ଡିତ ଗୌରଚନ୍ଦ୍ର ପାଠୀ, ପରମାନନ୍ଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠିତ ହୋଇଥିଲା।

### ନିଯୁକ୍ତି ମେଳା ପାଇଁ ବୈଠକ

ଗୋପବନ୍ଧୁ ନଗର, ୨୫।୩ ( ଶାନ୍ତନୁ କୁମାର ମଲ୍ଲୁଆଳ ):

ଗୋପବନ୍ଧୁ ନଗର ବ୍ଲକ ସଭା ଗୃହ ପରିସରରେ 'ପ୍ରୟାସ' ନାମକ ଏକ ତାଲିମ ସଂସ୍ଥା ତରଫରୁ ବିଡିଓ ପୃଥ୍ୱୀରାଜ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସରପଞ୍ଚ, ସମିତି ସଭ୍ୟ, ବ୍ଲକ କର୍ମଚାରୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟଭାନୁ ସର୍ଦାର ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଭାରେ ଅନିସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଉଭୟ ପୁଅ ଝିଅଙ୍କୁ ୧୮ରୁ ୩୫ ବର୍ଷ ଭିତରେ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ସେମାନଙ୍କୁ ବିଭିନ୍ନ ପ୍ରକାର ସ୍କିଲ ଡେଭେଲପମେଣ୍ଟ ତାଲିମ ବାରିପଦାରେ ପ୍ରଦାନ କରାଯିବ। ତାଲିମ ସମୟରେ ସେମାନଙ୍କର ଖାଇବା ଓ ରହିବା ମାଗଣା ରହିବ। ତାଲିମ ୩ ମାସ ପରେ ସେମାନଙ୍କୁ ରାଜ୍ୟର ବିଭନ୍ନ କମ୍ପାନୀ ମାନଙ୍କରେ ନିଶ୍ଚିନ୍ତ ନିଯୁକ୍ତି ଦିଆଯିବ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୨୫।୩ (ମାନସ ମହାନ୍ତି):

ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅନ୍ତର୍ଗତ ପଣ୍ଡୁପାଣି ଗ୍ରାମ୍ୟ ରାସ୍ତାରେ ଚଢ଼ାଉ କରି ଏକ ନମ୍ବର ବିହୀନ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ସୋମବାର ଅପରାହ୍ନରେ ତିରିଙ୍ଗ ତହସିଲଦାର ପୋଲିସ ସହାୟତାରେ ଜବତ କରିଥିବା ଜଣାପଡ଼ିଛି। ଏଥିସହ ଟ୍ରାକ୍ଟର ମାଲିକ ଏବଂ ଚାଳକଙ୍କୁ ଗିରଫ କରାଯାଇଛି। ଗିରଫ ମାଲିକ ତିରିଙ୍ଗ ଥାନା ଅନ୍ତର୍ଗତ ପୋଡ଼ା ଗ୍ରାମର ଅଜୟ ସିଂହ ଗଡ଼ସରା ଏବଂ ଚାଳକ ବିକ୍ରମ ଗଡ଼ସରାଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୪୧/୨୫ ) ରୁଜୁ ହୋଇଛି।

## ହରିମଣ୍ଡପରେ ହରିନାମ

ଝାରପୋଖରୀଆ,୨୫।୩ (ସୁଧିର କୁମାର ମହାନ୍ତ):

ସାରସକଣା ବ୍ଲକ ଅଧୀନ ଝାରପୋଖରୀଆ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ ହରିମଣ୍ଡପ ପରିସରରେ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଅଷ୍ଟପ୍ରହର ହରିନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୈଷ୍ଣବ ମହାରାଜ ଅନନ୍ତ ପ୍ରସାଦ ଦାଶଙ୍କ ପୌରହିତ୍ୟରେ ଗ୍ରାମବାସୀଙ୍କ ଦ୍ୱାରା ଗ୍ରାମ ପୁଷ୍କରିଣୀରୁ ଘଟୋତ୍ତଳନ କରାଯାଇଥିଲା। ପରେ ଆୟୋଜିତ ନାମ ଯଜ୍ଞରେ ପଶ୍ଚିମବଙ୍ଗ, ଝାଡଖଣ୍ଡର ସଙ୍କୀର୍ତ୍ତନଦଳଗୁଡ଼କୁ ନେଇ ନାମାରମ୍ଭ କରାଯାଇଥିଲା। ଦୁଇଦିନଧରି ଚାଲିଥିବା ନାମ ଯଜ୍ଞରେ ଦୈନନ୍ଦିନ ଶତାଧିକ ଭକ୍ତ ଉପସ୍ଥିତ ହୋଇ ହରିନାମ ଶ୍ରବଣ ରୂପକ ରସାମୃତ ପାନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଦୁଇଦିନ ବ୍ୟାପି ପ୍ରସାଦ ସେବନର ଆୟୋଜନ କରାଯାଇଥିଲା।

## ସଂକ୍ଷେପରେ

### 'କଶ୍ମୀରର ଅଧିକୃତ ଅଞ୍ଚଳକୁ ଖାଲି କର'

#### ୟୁଏନ୍ଏସ୍‌ସିରେ ପାକିସ୍ତାନକୁ ଭାରତର ଚେତାବନୀ

ଜାତିସଂଘ, ୨୫।୩

ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ କଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ପୁଣି ଥରେ ପାକିସ୍ତାନକୁ ସମାଲୋଚନା କରିଛି। ପାକିସ୍ତାନ ନିଜର ସଙ୍କୀର୍ଣ୍ଣ ଏବଂ ବିଭାଜନକାରୀ ଏଜେଣ୍ଡାକୁ ବିସ୍ତାର କରିବା ପାଇଁ ୟୁଏନ୍ଏସ୍‌ସି ପରି ପ୍ଲାଟ୍‌ଫର୍ମର ବ୍ୟବହାର ନ କରୁ ବୋଲି ଭାରତ ଚେତାବନୀ ଦେଇଛି। ୟୁଏନ୍ଏସ୍‌ସିରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସ୍ପେଶିଆଲ ଆସିଷ୍ଟାଣ୍ଟ ତାରିକ ଫତେମି କଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ଏହାର ଜବାବ ଦେଇ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପାର୍ବଥାନେନୀ ହରିଶ କହିଛନ୍ତି, କଶ୍ମୀର ଭାରତର ଅଭିନ୍ନ ଅଙ୍ଗ ଥିଲା ଏବଂ ସବୁବେଳେ ରହିବ। ପାକିସ୍ତାନ ପ୍ରଥମେ ଜମ୍ମୁ-କଶ୍ମୀରରେ ବେଆଇନ ଭାବେ ଅଧିକୃତ କରିଥିବା ଅଞ୍ଚଳକୁ ଖାଲି କରୁ। ଜମ୍ମୁ-କଶ୍ମୀରକୁ ନେଇ ପାକିସ୍ତାନ ବାରମ୍ବାର ମିଥ୍ୟା ଦାବିକଲେ ଏହା ସତ୍ୟତାରେ ପରିଣତ ହୋଇଯିବ ନାହିଁ ବୋଲି ହରିଶ କଟାକ୍ଷ କରି କହିଛନ୍ତି।

### ୩୫ ସଂଶୋଧନ ସହ ଅର୍ଥବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ, ୨୫।୩

ଲୋକ ସଭାରେ ଅର୍ଥବିଲ୍ ୩୫ ସଂଶୋଧନ ସହ ମଙ୍ଗଳବାର ଗୃହୀତ ହୋଇଛି। ଅନ୍‌ଲାଇନ ବିଜ୍ଞାପନ ଉପରେ ୬ ପ୍ରତିଶତ ଡିଜିଟାଲ ଟ୍ୟାକ୍ସ ଉଚ୍ଛେଦକୁ ଅନ୍ୟତମ ସଂଶୋଧନ ଭାବେ ସାମିଲ କରାଯାଇଛି। ଅର୍ଥବିଲ୍ ଗୃହୀତ ହେବା ସହ ଲୋକ ସଭାରେ ବଜେଟ ଅନୁମୋଦନ ପ୍ରକ୍ରିୟା ଶେଷ ହୋଇଛି। ଏବେ ରାଜ୍ୟ ସଭା ଏହା ଉପରେ ବିଚାର କରିବ। ରାଜ୍ୟ ସଭାରେ ଗୃହୀତ ହେବା ପରେ ୨୦୨୫-୨୬ ବର୍ଷ ପାଇଁ ବଜେଟ ପ୍ରକ୍ରିୟା ଶେଷ ହେବ। ଆଗାମୀ ଆର୍ଥିକ ବର୍ଷ ପାଇଁ ମୋଟ ୫୦.୬୫ ଲକ୍ଷ କୋଟି ଟଙ୍କାର ବଜେଟ ଅଣାଯାଇଥିଲା, ଯାହାକି ଚଳିତ ବର୍ଷ ତୁଳନାରେ ୭.୪ ପ୍ରତିଶତ ଅଧିକ। ମୋଟ ୧୧.୨୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟୟ ପ୍ରସ୍ତାବ ସହ ପ୍ରଭାବୀ ପୁଞ୍ଜିବ୍ୟୟ ପ୍ରସ୍ତାବ ୧୫.୪୮ ଲକ୍ଷ କୋଟି ଟଙ୍କା ରହିଛି। ସେହିପରି ମୋଟ ଟିକସ ରାଜସ୍ୱ ସଂଗ୍ରହ ୪୨.୭୦ ଲକ୍ଷ କୋଟି ଟଙ୍କା ଏବଂ ମୋଟ ଋଣ ୧୪.୦୧ ଲକ୍ଷ କୋଟି ଟଙ୍କା କରିବାକୁ ପ୍ରସ୍ତାବ ରହିଛି। କେନ୍ଦ୍ର ପ୍ରାୟୋଜିତ ଯୋଜନାଗୁଡ଼ିକ ବାବଦରେ ୫,୪୧,୮୫୦.୨୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନୂଆ ଆୟକର ବିଲ୍ ଉପରେ ଆଗାମୀ ମୌସୁମୀ ଅଧିବେଶନରେ ଆଲୋଚନା ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଫେବୃଆରୀ ୧୩ରେ ନୂଆ ଆୟକର ବିଲ୍ ଆଗତ କରାଯାଇଥିଲା। ସିଲେକ୍ଟ କମିଟି ମୌସୁମୀ ଅଧିବେଶନ ପ୍ରଥମ ଦିନ ସୁଦ୍ଧା ରିପୋର୍ଟ ଦାଖଲ କରିବ।

# ବାଂଲାଦେଶରେ ସାମରିକ ବିଦ୍ରୋହ ପ୍ରସ୍ତୁତି

## ସେନାମୁଖ୍ୟଙ୍କ ଜରୁରୀ ବୈଠକ

ଢାକା, ୨୫।୩


ଢାକାରେ ସେନା ପାଟ୍ରୋଲିଂ କରୁଛି।


ୱାକର-ଉଜ୍-ଜମନ


ମହମ୍ମଦ ୟୁନୁସ୍

ବାଂଲାଦେଶ ସେନାମୁଖ୍ୟ ୱାକର-ଉଜ୍-ଜମନ ସୋମବାର ଜରୁରୀ ବୈଠକ କରିବା ପରେ ସୈନ୍ୟବାହିନୀ ଦେଶର ଶାସନ କ୍ଷମତା ଦଖଲ କରିବା ଆଶଙ୍କା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଏକ ବଡ଼ ପରିବର୍ତ୍ତନ ଆସିବା ନେଇ ସଙ୍କେତ ମିଳିଛି। ବୈଠକରେ ୫ ଲ୍ୟୁଟ୍‌ନାଣ୍ଟ ଜେନେରାଲ, ୮ ଜଣ ମେଜର ଜେନେରାଲ, ସ୍ୱାଧୀନ ବ୍ରିଗେଡ୍‌ଗୁଡ଼ିକର କମାଣ୍ଡିଂ ଅଫିସରଙ୍କ ସମେତ ଶୀର୍ଷ ସେନା ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

ଛାତ୍ର ଆନ୍ଦୋଳନ ଯୋଗୁ ଗତବର୍ଷ ଅଗଷ୍ଟରେ ଶେଖ୍ ହାସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ୍ ସରକାରର ପତନ ପରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଶାସନ ଚଳାଇଛି। ତେବେ ଏହି ସରକାର ପ୍ରତି ବାଂଲାଦେଶୀଙ୍କ ମଧ୍ୟରେ ଅନାସ୍ଥା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଦେଶରେ ସ୍ଥିରତା ଆଣିବା ପାଇଁ ସମ୍ଭାବ୍ୟ ସାମରିକ ଭୂମିକା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି। ବାଂଲାଦେଶରେ ଜରୁରୀ ସ୍ଥିତି ଜାରି କରିବା ପାଇଁ ସେନା ଅନ୍ତରୀଣ ସରକାର ମୁଖ୍ୟ ୟୁନୁସ୍‌ଙ୍କ ଉପରେ ଚାପ ପକାଇପାରେ କିମ୍ବା ତାଙ୍କ ବିରୋଧରେ ବିଦ୍ରୋହ କରିପାରେ ବୋଲି ଏକ ସୂତ୍ରରୁ ସୂଚନା ମିଳିଛି। ସେନା ତତ୍ତ୍ୱାବଧାନରେ ଏକ ଜାତୀୟ ଏକତା ସରକାର ଗଠନ ପାଇଁ ମଧ୍ୟ ବିକଳ୍ପ ରଖାଯାଇଥିବା କୁହାଯାଉଛି।

କିଛି ମାସ ହେଲା ସେନା ବିରୋଧରେ କେତେକ ରାଜନୈତିକ ଦଳ ଏବଂ ଛାତ୍ରନେତା ସ୍ୱର ଉଠାଇ ଆସୁଛନ୍ତି। ଏହାକୁ ନେଇ ସୈନ୍ୟବାହିନୀର କେତେକ ସେକ୍ସନ ଚିନ୍ତିତ ଥିବାବେଳେ ବିରୋଧୀଙ୍କୁ ଦମନ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ରାଜନୈତିକ ଅନିଶ୍ଚିତତା ଲାଗି ରହିଥିବାବେଳେ ଖୁବ୍‌ଶୀଘ୍ର ୟୁନୁସ୍ ଚାଇନା ଯିବା କାର୍ଯ୍ୟକ୍ରମ ରହିଛି। ଚାଇନା-ବାଂଲାଦେଶ ସମ୍ପର୍କରେ ପରିବର୍ତ୍ତନ ତାଙ୍କ ଗସ୍ତର ଉଦ୍ଦେଶ୍ୟ ହୋଇଥିବାବେଳେ ପଡୋଶୀ ଦେଶଗୁଡ଼ିକ ଏହା ଉପରେ ନଜର ରଖିଛନ୍ତି।

ଏକାଧିକ ବିକ୍ଷୋଭ ଶୋଭାଯାତ୍ରା ପରେ ସେନା ପକ୍ଷରୁ ସମଗ୍ର ଢାକାରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଶୁକ୍ରବାରଠାରୁ ମିଳିତ ସୁରକ୍ଷା ବଳ ରାଜଧାନୀର ବିଭିନ୍ନ ସ୍ଥାନରେ ଚେକ୍‌ପଏଣ୍ଟ ସ୍ଥାପନ କରିବା ସହ ପାଟ୍ରୋଲିଂକୁ ଜୋର୍‌ଦାର କରିଛନ୍ତି। ଭାରତ ଦ୍ୱାରା ପ୍ରଭାବିତ ହୋଇ ସେନାମୁଖ୍ୟ ବିଦ୍ରୋହ କରିପାରନ୍ତି ବୋଲି ବାଂଲାଦେଶୀ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ପିନାକୀ ଭଟ୍ଟାଚାର୍ଯ୍ୟ କହିବା ସହ ତାଙ୍କ ବିରୋଧରେ ବିକ୍ଷୋଭ କରିବାକୁ ଉଗ୍ରପନ୍ଥୀ ଓ ଛାତ୍ର ସଂଗଠନଗୁଡ଼ିକୁ ଆହ୍ୱାନ ଦେଇଥିଲେ। ସୋସିଆଲ ମିଡିଆରେ ସେନାମୁଖ୍ୟଙ୍କ ବିରୋଧରେ ଅଭିଯାନ ଜୋର୍ ଧରିବା ପରେ ସେନାମୁଖ୍ୟ ଜରୁରୀ ବୈଠକ ଡାକିଥିବାରୁ ବଡ଼ ପରିବର୍ତ୍ତନ ଆସିପାରେ ବୋଲି ଆଶଙ୍କା କରାଯାଉଛି।

## ଅସ୍ତ୍ରବିରତି ଲାଗି ରୁଷିଆ ସହ ଆମେରିକାର ଆଲୋଚନା

ଦୁବାଇ, ୨୫।୩

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୩ ବର୍ଷ ହେଲା ଲାଗିରହିଥିବା ଯୁଦ୍ଧ ବନ୍ଦ ଲାଗି ଆମେରିକା ଜୋର୍‌ଦାର ଉଦ୍ୟମ ଚଳାଇଛି। ଆଂଶିକ ଅସ୍ତ୍ରବିରତି ନେଇ ସୋମବାର ସାଉଦି ଆରବ ରାଜଧାନୀ ରିୟାଧରେ ୟୁକ୍ରେନ୍‌ର ଏକ ଟିମ୍ ସହ ଆମେରିକା ପ୍ରତିନିଧିମାନେ ଆଲୋଚନା କରିବା ପରେ ମଙ୍ଗଳବାର ରୁଷିଆ ପ୍ରତିନିଧିଙ୍କୁ ଭେଟିଛନ୍ତି। ୩୦ଦିନିଆ ଅସ୍ତ୍ରବିରତି ପାଇଁ ମସ୍କୋ ଓ କିଭ୍ ଗତ ସପ୍ତାହରେ ନୀତିଗତ ଭାବେ ସହମତ ହୋଇଥିଲେ ମଧ୍ୟ ଉଭୟ ପକ୍ଷ କ୍ରମାଗତ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରଖିଛନ୍ତି। ଆମେରିକା ରାଷ୍ଟ୍ରପତି ଉଭୟ ରାଷ୍ଟ୍ରର ନେତାଙ୍କ ସହ ଆଲୋଚନା କରିବା ପରେ ମଧ୍ୟ ଆକ୍ରମଣ ଜାରି ରହିଛି। ଆକ୍ରମଣରୁ ଶକ୍ତି ଏବଂ ଭିତ୍ତିଭୂମିକୁ ବାଦ୍ ଦେବା ଲାଗି ହ୍ୱାଇଟ୍ ହାଉସ୍ କହୁଥିବାବେଳେ କ୍ରେମଲିନ୍ କେବଳ ଶକ୍ତି ଭିତ୍ତିଭୂମିକୁ ଆକ୍ରମଣରୁ ବାଦ୍ ଦେବା ପାଇଁ ଚାହୁଁଛି। ଅନ୍ୟପକ୍ଷରେ ରେଲୱେ ଏବଂ ବନ୍ଦର ଭଳି ଭିତ୍ତିଭୂମିକୁ ସୁରକ୍ଷା ଦିଆଯିବା ଆବଶ୍ୟକ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି।

## ଶିବରାଜଙ୍କୁ 'ଦଲାଲ' କହିଲେ କଲ୍ୟାଣ ବାନାର୍ଜୀ

ନୂଆଦିଲ୍ଲୀ, ୨୫।୩


କଲ୍ୟାଣ ବାନାର୍ଜୀ


ଶିବରାଜ ସିଂ ଚୌହାନ୍

କେନ୍ଦ୍ର କୃଷି ଓ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ଧନୀ ଲୋକଙ୍କ ଦଲାଲ ଭାବେ କାର୍ଯ୍ୟ କରୁଥିବା ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ ମଙ୍ଗଳବାର କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏ ଏବଂ ପିଏମ୍‌ଏୱାଇଜି ଯୋଜନାରେ ପଶ୍ଚିମବଙ୍ଗକୁ ପାଣ୍ଠି ଦିଆଯାଉ ନ ଥିବାରୁ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ପାର୍ଲାମେଣ୍ଟ ବାହାରେ ଖବରଦାତାମାନଙ୍କୁ କଲ୍ୟାଣ କହିଥିଲେ, ୩ ବର୍ଷ ହେଲା ପଶ୍ଚିମବଙ୍ଗକୁ କେନ୍ଦ୍ରୀୟ ପାଣ୍ଠି ଦିଆଯାଇ ନାହିଁ। ରାଜ୍ୟରେ ଭାଜପା ସରକାର ଗଢ଼ି ନ ପାରିବାରୁ ଏଭଳି କରାଯାଉଛି। ଶିବରାଜ ଗରିବଙ୍କ ପାଇଁ କିଛି କରୁ ନ ଥିବାରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଦିଆଗଲା ବୋଲି ଟିଏମ୍‌ସି ଏମ୍‌ପି କହିଥିଲେ।

ଲୋକ ସଭାରେ ପ୍ରଶ୍ନୋତ୍ତର କାଳରେ ଡିଏମ୍‌କେ ଏବଂ ଟିଏମ୍‌ସି ସଦସ୍ୟମାନେ ରାଜ୍ୟକୁ ଏମ୍‌ଜିଏନ୍‌ଆର୍‌ଇଜିଏ ପାଣ୍ଠି ପ୍ରଦାନରେ ବିଳମ୍ବକୁ ନେଇ ହଟ୍ଟଗୋଳ କରିବାରୁ ଗୃହ ମଧ୍ୟାହ୍ନ ପର୍ଯ୍ୟନ୍ତ ମୁଲତବୀ ରହିଥିଲା। କଲ୍ୟାଣଙ୍କ ମନ୍ତବ୍ୟ ଉପରେ ଭାଜପା ନେତା ତଥା କୃଷି ରାଷ୍ଟ୍ରମନ୍ତ୍ରୀ ଭଗୀରଥ ଚୌଧରୀ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି। ଶିବରାଜଙ୍କୁ ଟିଏମ୍‌ସି ନେତା କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି। ଜଣେ ବରିଷ୍ଠ ଏମ୍‌ପି ଏଭଳି ଭାଷା ବ୍ୟବହାର କରିବା ଶୋଭା ପାଉନାହିଁ। କୌଣସି ରାଜ୍ୟ ପ୍ରତି ପାତରଅନ୍ତର କରାଯାଇ ନ ଥିବା ସେ କହିଛନ୍ତି।

## ଲକ୍ଷେ କୋଟିର ବଜେଟ ଆଣିଲେ ରେଖା ଗୁପ୍ତା

ନୂଆଦିଲ୍ଲୀ, ୨୫।୩

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର ବିଧାନସଭାରେ ପ୍ରଥମ ବଜେଟ ଆଣିଛନ୍ତି। ଆର୍ଥିକ ବର୍ଷ ୨୦୨୬ ପାଇଁ ସେ ୧ ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି। ଯମୁନା ନଦୀକୁ ସଫା କରିବା, ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ, ଭିତ୍ତିଭୂମି, ଜଳ, ସଂଯୋଗୀକରଣ ଆଦି କ୍ଷେତ୍ର ଉପରେ ସେ ଏହି ବଜେଟରେ ଫୋକସ କରିଛନ୍ତି। ସେ ମୋଟ ୧୩୮ ମିନିଟର ନିଜ ବଜେଟ ଭାଷଣ ରଖିଥିଲେ। ଭାଜପା ଏହି ବଜେଟକୁ ଐତିହାସିକ କହିଥିବାବେଳେ ରେଖାଙ୍କ ଅଭିଭାଷଣ ଦିଲ୍ଲୀବାସୀଙ୍କୁ ନିରାଶ କରିଛି ବୋଲି ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି (ଆପ୍) କହିଛି।

## ହାୱାଲା କାରବାର ମାନିଲେ ଅଭିନେତ୍ରୀ ରାନ୍ୟା

ବେଙ୍ଗାଲୁରୁ, ୨୫।୩


ରାନ୍ୟା ରାଓ

ଦୁବାଇରୁ ସୁନା କିଣିବା ପାଇଁ ଭାରତରୁ ହାୱାଲା ବାଟ ଦେଇ ଟଙ୍କା ଯାଉଥିଲା। ସୁନା ଆଣି ଆସୁଥିବାବେଳେ ଧରାପଡ଼ିଥିବା କନ୍ନଡ ଅଭିନେତ୍ରୀ ରାନ୍ୟା ରାଓ ଏହା ସ୍ୱୀକାର କରିଥିବା ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ମଙ୍ଗଳବାର ଜାମିନ ଶୁଣାଣି ବେଳେ ସେସନ୍ସ କୋର୍ଟକୁ ଜଣାଇଛି। ରାନ୍ୟାଙ୍କ ଜାମିନ ଆବେଦନର ଶୁଣାଣି ଶେଷ ହୋଇଥିବାବେଳେ ସ୍ୱତନ୍ତ୍ର ଅଦାଲତ ରାୟକୁ ୨୭ ତାରିଖ ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି। ବେଆଇନ ଚ୍ୟାନେଲ ଦେଇ ସୁନା ଚୋରାଚାଲାଣ ହେଉଥିବାରୁ ଏହି ହାଇପ୍ରୋଫାଇଲ ମାମଲାରେ ରାନ୍ୟାଙ୍କ ଜାମିନକୁ ଡିଆର୍‌ଆଇ ବିରୋଧ କରିଥିଲା। ଡିଜିପି ପାହ୍ୟାର ଅଫିସର ରାମଚନ୍ଦ୍ର ରାଓଙ୍କ ଅଭିନେତ୍ରୀ ଝିଅ ରାନ୍ୟା ଦୁବାଇରୁ ୧୪.୨ କିଲୋଗ୍ରାମ ସୁନା ଆଣି ଆସୁଥିବାବେଳେ ଗତ ୧୧ ତାରିଖରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ଗିରଫ ହୋଇଥିଲେ। ଜଣେ କନ୍‌ଷ୍ଟେବଲ ତାଙ୍କୁ ଏସ୍କର୍ଟ କରି ପ୍ରବେଶ ଟର୍ମିନାଲ ଦେଇ ବାହାରକୁ ନେଉଥିଲାବେଳେ ଧରାପଡ଼ିଥିଲେ। ସୁନା ଚୋରାଚାଲାଣ ସହ ରାମଚନ୍ଦ୍ରଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ ଚାଲିଛି।

## ଦିଶା ସାଲିଆନ ମୃତ୍ୟୁ: ଆଦିତ୍ୟ ଠାକ୍‌ରେ, ରିୟା ଚକ୍ରବର୍ତ୍ତୀଙ୍କ ନାଁରେ ମାମଲା

ମୁମ୍ବାଇ, ୨୫।୩


ଆଦିତ୍ୟ ଠାକରେ

ସେଲିବ୍ରିଟି ମ୍ୟାନେଜର ଦିଶା ସାଲିଆନ ମୃତ୍ୟୁ ମାମଲାରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ସହ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ, ଅଭିନେତା ଡିନୋ ମୋରିଆ ଏବଂ ସୁରଜ ପଞ୍ଚୋଲିଙ୍କ ନାଁରେ ମାମଲା ରୁଜୁହୋଇଛି। ଦିଶାଙ୍କ ବାପାଙ୍କ ଓକିଲ ନୀଲେଶ ଓଝା ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ନୀଲେଶ କହିଛନ୍ତି, ଦିଶାଙ୍କ ପରିବାର ପକ୍ଷରୁ ମୁମ୍ବାଇ କମିଶନରେଟ ପୋଲିସ ଅଫିସରେ ଏକ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ପୋଲିସ ଉକ୍ତ ଅଭିଯୋଗକୁ ନେଇ ଆଦିତ୍ୟ ଠାକରେଙ୍କ ସହ ଡିନୋ ମୋରିଆ, ସୁରଜ ପଞ୍ଚୋଲି ଓ ତାଙ୍କ ସୁରକ୍ଷା କର୍ମୀ, ରିୟା ଚକ୍ରବର୍ତ୍ତୀ ପ୍ରମୁଖଙ୍କ ବିରୋଧରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଦିଶା ଅଭିନେତା ସୁଶାନ୍ତ ସିଂ ରାଜ୍‌ପୁତଙ୍କର ପୂର୍ବତନ ମ୍ୟାନେଜର ଥିଲେ ଏବଂ ୨୦୨୦ ଜୁନ୍‌ରେ ମୁମ୍ବାଇର ମାଲ୍‌ଦାସ୍ଥିତ ଏକ ଆବାସିକ ବିଲ୍ଡିଂର ୧୪ତମ ମହଲାରୁ ପଡ଼ି ତାଙ୍କର ମୃତ୍ୟୁ ଘଟିଥିଲା।

## ବିବାହର ୧୪ ଦିନ ପରେ ସ୍ୱାମୀଙ୍କୁ ହତ୍ୟା

### ପ୍ରେମିକଙ୍କ ସହ ମିଶି ସୁପାରି ଦେଇଥିଲେ

ଔରେୟା, ୨୫।୩


ସ୍ୱାମୀ ଦିଲୀପଙ୍କ ସହ ପ୍ରଗତି।

ଉତ୍ତରପ୍ରଦେଶର ଔରେୟା ଜିଲାର ପ୍ରଗତି ଯାଦବ(୨୨) ନାମ୍ନୀ ନବବିବାହିତା ବିବାହର ୧୪ ଦିନ ପରେ ପ୍ରେମିକ ଅନୁରାଗ ଯାଦବଙ୍କ ସହ ମିଶି ସୁପାରି ଦେଇ ସ୍ୱାମୀ ଦିଲୀପ (୨୫)ଙ୍କୁ ହତ୍ୟା କରିଛନ୍ତି।

ଗତ ୧୯ ତାରିଖରେ ଦିଲୀପଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବିଧୁନାସ୍ଥିତ କମ୍ୟୁନିଟି ହେଲ୍‌ଥ ସେଣ୍ଟରରେ ଭର୍ତ୍ତି କରାଯାଇ ପରେ ଗୋଆଲିୟରକୁ ରେଫର କରାଯାଇଥିଲା। ୨୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ନେଇ ଦିଲୀପଙ୍କ ଭାଇ ଶାହର ଥାନାରେ ଏକ ଏତଲା ଦେଇଥିଲେ। ପୋଲିସ ଘଟଣାକୁ ନେଇ ତନାଘନା କରିବା ସହ ସ୍ଥାନୀୟ ସିସିଟିଭି ଫୁଟେଜ ଆଧାରରେ ରାମାଜୀ ଚୌଧୁରୀ ନାମକ ସନ୍ଦିଗ୍ଧଙ୍କୁ ଗିରଫ କରିଥିଲା। ରାମାଜୀଙ୍କ ସୂଚନା ଆଧାରରେ ପୋଲିସ ମଙ୍ଗଳବାର ଘଟଣାର ପର୍ଦ୍ଦାଫାଶ କରିଛି।

ଉଭୟ ପ୍ରଗତି ଏବଂ ଅନୁରାଗ ୪ ବର୍ଷ ଧରି ପରସ୍ପରକୁ ପ୍ରେମ କରିବା ସହ ରିଲେଶନ୍‌ସିପରେ ଥିଲେ। ସେମାନଙ୍କ ଅଭିଭାବକ ଏହି ସମ୍ପର୍କରେ ସହମତ ହୋଇ ନ ଥିଲେ। ଗତ ୫ ତାରିଖରେ ପ୍ରଗତିଙ୍କ ପରିବାର ତାଙ୍କୁ ଦିଲୀପଙ୍କ ସହ ଜବରଦସ୍ତ ବିବାହ କରାଇଥିଲେ। ବିବାହ ପରେ ପ୍ରଗତି ପ୍ରେମିକ ଅନୁରାଗଙ୍କୁ ଭେଟିପାରି ନ ଥିଲେ। ତେଣୁ ସେମାନେ ତାଙ୍କ ରାସ୍ତାରୁ ଦିଲୀପଙ୍କୁ ହଟାଇବାକୁ ଠିକ୍ କରିଥିଲେ। ଦିଲୀପଙ୍କ ହତ୍ୟା ପାଇଁ ଉଭୟେ ରାମାଜୀଙ୍କୁ ୨ ଲକ୍ଷ ଟଙ୍କା ସୁପାରି ଦେଇଥିଲେ। ଗତ ୧୯ରେ ରାମାଜୀ ନିଜ ସହଯୋଗୀଙ୍କ ସହ ଦିଲୀପଙ୍କୁ ପିଛା କରି ଔରେୟା ଅଞ୍ଚଳର ଏକ କ୍ଷେତରେ ଗୁଳିକରି ଫେରାର ହୋଇଯାଇଥିଲେ। ରାମାଜୀଙ୍କଠାରୁ ପୋଲିସ ୨ଟି ପିସ୍ତଲ, ୨ଟି ଫୋନ୍, ବାଇକ୍ ଏବଂ ୩ ହଜାର ଟଙ୍କା ଜବତ କରିଛି। ପୋଲିସ ପ୍ରଗତି ଏବଂ ଅନୁରାଗଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଖୋଜିବା ଜାରି ରଖିଛି। ପ୍ରକାଶ ଯେ, କିଛିଦିନ ତଳେ ଉତ୍ତରପ୍ରଦେଶର ମିରଟରେ ମୁସ୍କାନ ରାସ୍ତୋଗୀ ନାମ୍ନୀ ମହିଳା ପ୍ରେମିକ ଶାହିଲ ଶୁକ୍ଳାଙ୍କ ସହ ମିଶି ସ୍ୱାମୀ ସୌରଭଙ୍କୁ ହତ୍ୟା କରିଥିଲେ। ଉକ୍ତ ଘଟଣାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ଫୁର୍‌ସତ୍

### ସବୁଠୁ ଛୋଟ ଛେଳି: ଉଚ୍ଚତା ୧୫ ଇଞ୍ଚ



ଥିରୁଭାନନ୍ତପୁରମ

କେରଳର ପିଟର ଲେନୁ ନାମକ ଜଣେ କୃଷକ ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କର କରୁମ୍ବୀ ନାମକ ଏକ ପୋଷା ଛେଳି ଗିନିଜ୍ ୱାର୍ଲ୍ଡ ରେକର୍ଡ (ଜିଡବ୍ଲ୍ୟୁଆର୍)ରେ ବିଶ୍ୱର ସବୁଠାରୁ ଛୋଟ ଜୀବନ୍ତ ଛେଳି ଭାବେ ଆନୁଷ୍ଠାନିକ ମାନ୍ୟତା ପାଇଛି। ଜିଡବ୍ଲ୍ୟୁଆର୍ ଅନୁଯାୟୀ, ୨୦୨୧ରେ ଜନ୍ମ ହୋଇଥିବା କରୁମ୍ବୀର ଉଚ୍ଚତା ମାତ୍ର ୧ ଫୁଟ ୩ ଇଞ୍ଚ (୪୦.୫୦ ସେମି) ରହିଛି। ଏହା ଏକ କାନାଡିଆନ ଡ୍ୱାର୍ଫ ଗୋଟ୍ ହୋଇଥିବା ବେଳେ ଜେନେଟିକ୍ ଡ୍ୱାର୍ଫିଜିମ୍ ଯୋଗୁ ଏହାର ଗୋଡ଼ ୨୧ ଇଞ୍ଚ (୫୩ ସେ.ମି.) ରୁ ଅଧିକ ହୋଇପାରିବ ନାହିଁ ବୋଲି ଜିଡବ୍ଲ୍ୟୁଆର୍ ପକ୍ଷରୁ କୁହାଯାଇଛି। କରୁମ୍ବୀ ତାଙ୍କ ଫାର୍ମର ସବୁଠାରୁ ଛୋଟ ପ୍ରାଣୀ ବୋଲି ପିଟର କହିଛନ୍ତି। ତାଙ୍କ ଫାର୍ମରେ କରୁମ୍ବୀକୁ ମିଶାଇ ସମୁଦାୟ ୨୩ଟି ଛେଳି ରହୁଛନ୍ତି। ସେହିପରି ଉକ୍ତ ଫାର୍ମରେ ଗାଈ, କୁକୁଡ଼ା, ଠେକୁଆ, ବତକ ମଧ୍ୟ ରହୁଛନ୍ତି। କରୁମ୍ବୀ ଏବେ ଗର୍ଭବତୀ ଥିବା ନେଇ ପିଟର କହିଛନ୍ତି।

ଜିଡବ୍ଲ୍ୟୁଆର୍ ରେକର୍ଡ ପାଇଁ କରୁମ୍ବୀର ନାମକୁ ଆବେଦନ କରିବାକୁ ତାଙ୍କୁ ତାଙ୍କ ଫାର୍ମର ଜଣେ ଗ୍ରାହକ ପରାମର୍ଶ ଦେଇଥିବା ପିଟର କହିଛନ୍ତି। ଏହି ପରାମର୍ଶ ପାଇବା ପରେ ସେ ସଙ୍ଗେ ସଙ୍ଗେ କରୁମ୍ବୀର ଚେକ୍‌ଅପ୍ ପାଇଁ ଜଣେ ପ୍ରାଣୀ ଚିକିତ୍ସକଙ୍କ ନିକଟକୁ ନେଇଥିଲେ। ପ୍ରାଣୀ ଚିକିତ୍ସକ କରୁମ୍ବୀର ଉଚ୍ଚତା, ଓଜନ ଆଦିର ମାପ ନେବା ସହ ଏହାର ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। କରୁମ୍ବୀ ଏକ ସୁସ୍ଥ, ପୂର୍ଣ୍ଣ ବିକଶିତ ମା' ଛେଳି, ଯାହାର ଆକାର ଅସାଧାରଣ ମାତ୍ରାରେ ଛୋଟ ରହିଛି ବୋଲି ଚେକ୍‌ଅପ୍‌ରୁ ଜଣାପଡ଼ିଥିଲା। ଏହା ଜାଣିବା ପରେ ପିଟର କରୁମ୍ବୀର ତଥ୍ୟ ସହ ସବୁଠୁ ଛୋଟ ଛେଳି ବର୍ଗରେ ରେକର୍ଡ ପାଇଁ ଜିଡବ୍ଲ୍ୟୁଆର୍ ନିକଟରେ ଆବେଦନ କରିଥିଲେ। ଭବିଷ୍ୟତରେ ସେ କରୁମ୍ବୀ ଓ ତା'ର ହେବାକୁ ଥିବା ନୂତନ ଶିଶୁର ଉପଯୁକ୍ତ ଯତ୍ନ ନେବେ ବୋଲି ପିଟର କହିଛନ୍ତି।

### ଡ୍ରୋନ୍ ଆଣିଲା ବରଣମାଳା

ନୂଆଦିଲ୍ଲୀ

ସାଧାରଣତଃ ବିବାହରେ ବରଣମାଳା ପିନ୍ଧାଇବାର ଏକ ସ୍ୱତନ୍ତ୍ର ନୀତି ରହିଥାଏ। ଏବେକାର ବିବାହରେ ରୀତିନୀତିକୁ କମ୍ ଗୁରୁତ୍ୱ ଦିଆଯାଇ ସୋସିଆଲ ମିଡିଆରେ ବ୍ୟାପକ ପ୍ରଚାର ପ୍ରସାର କରାଯାଉଛି। ବିବାହ ଧୀରେ ଧୀରେ ହାଇଟେକ୍ ହେବାରେ ଲାଗିଛି। ସମ୍ପ୍ରତି ଏହିପରି ଏକ ବିବାହର ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ବରଣମାଳା ଡ୍ରୋନ୍ ନେଇକରି ଆସୁଛି। ଡ୍ରୋନ୍ ସାହାଯ୍ୟରେ ବରଣମାଳା ଉଡ଼ି ଆସୁଥିବାବେଳେ ଉଭୟ ବରକନ୍ୟା ବିବାହ ମଣ୍ଡପରେ ଠିଆ ହୋଇ ଦେଖୁଛନ୍ତି। ବରଣମାଳା ପହଞ୍ଚିବାମାତ୍ରେ ବର ଏହାକୁ ଡ୍ରୋନ୍‌ଠାରୁ ଛଡେଇ ନେଉଥିବାର ଦେଖିବାକୁ ମିଳିଛି। ଏହି ଭିଡିଓରେ ଅନେକ ସୋସିଆଲ ମିଡିଆ ୟୁଜର୍ସ ବିଭିନ୍ନ ପ୍ରକାରର ମଜାଳିଆ କମେଣ୍ଟ ଦେଇଛନ୍ତି।

### 'ରେଡ୍ ୨': ରିତେଶଙ୍କ ଲୁକ୍ ଉପରୁ ପରଦା ଉଠିଲା

ମୁମ୍ବାଇ




ଅଭିନେତା ଅଜୟ ଦେବଗନ ଓ ରିତେଶ ଦେଶମୁଖଙ୍କ ଆଗାମୀ ଫିଲ୍ମ 'ରେଡ୍ ୨'ର ଦ୍ୱିତୀୟ ପୋଷ୍ଟରକୁ ମଙ୍ଗଳବାର ଜାରି କରାଯାଇଛି। ଉକ୍ତ ପୋଷ୍ଟରରେ ଫିଲ୍ମରେ ରିତେଶଙ୍କ ଲୁକ୍ ଉପରୁ ପରଦା ଉଠିଛି। ପୋଷ୍ଟରରେ ରିତେଶ ଜଣେ ରାଜନେତାଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ଲୋକମାନଙ୍କ ମଧ୍ୟରେ ରିତେଶ କୌଣସି ପ୍ରସଙ୍ଗକୁ ନେଇ ସ୍ଲୋଗାନ୍ ଦେଉଥିବାର ଦେଖିବାକୁ ମିଳିଛି। ଏହି ପୋଷ୍ଟରକୁ ଅଜୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। କ୍ୟାପ୍‌ଶନରେ ଅଜୟ ଲେଖିଛନ୍ତି, ଦାଦାଭାଇ ଆଇନ ଉପରେ ନିର୍ଭରଶୀଳ ନୁହନ୍ତି। ସେ ଆଇନଠାରୁ ଊର୍ଦ୍ଧ୍ୱରେ। ଅଜୟଙ୍କ ଏହି ପୋଷ୍ଟ ଦେଖି ରିତେଶ 'ରେଡ୍ ୨' ଫିଲ୍ମରେ ଦାଦାଭାଇ ନାମକ ଜଣେ ରାଜନେତାଙ୍କ ଭୂମିକାରେ ନଜରକୁ ଆସିବେ ବୋଲି ଅନେକେ କଳ୍ପନାଜଳ୍ପନା କରିଛନ୍ତି। ସୋମବାର 'ରେଡ୍ ୨'ର ପ୍ରଥମ ପୋଷ୍ଟରକୁ ରିଲିଜ୍ କରାଯାଇଥିଲା, ଯେଉଁଥିରେ ଫିଲ୍ମରେ ଅଜୟଙ୍କ ଲୁକ୍ ଉପରୁ ପରଦା ଉଠିଥିଲା। ଆସନ୍ତା ମେ' ୧ରେ 'ରେଡ୍ ୨' ଫିଲ୍ମ ରିଲିଜ୍ ହେବ ବୋଲି ଏହାର ନିର୍ମାତାଙ୍କ ପକ୍ଷରୁ ସୋମବାର ଘୋଷଣା କରାଯାଇଥିଲା। 'ରେଡ୍ ୨' ହେଉଛି ୨୦୧୮ରେ ରିଲିଜ୍ ହୋଇଥିବା 'ରେଡ୍' ଫିଲ୍ମର ସିକ୍ୱେଲ। ଅଶୀ ଦଶକରେ ସର୍ଦ୍ଦାର ଇନ୍ଦର ସିଂଙ୍କ ଘରେ ଆଇଟି ବିଭାଗ ପକ୍ଷରୁ କରାଯାଇଥିବା ଚଢ଼ାଉର ପ୍ରକୃତ କାହାଣୀକୁ ଉକ୍ତ ଫିଲ୍ମରେ ଦେଖିବାକୁ ମିଳିଥିଲା। ରାଜକୁମାର ଗୁପ୍ତାଙ୍କ ନିର୍ଦ୍ଦେଶିତ 'ରେଡ୍ ୨' ଫିଲ୍ମରେ ଅଭିନେତ୍ରୀ ବାଣୀ କପୁରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

# ସର୍ବଦଳୀୟ ବୈଠକ ନିଷ୍ଫଳ, ଧାରଣାରେ ବିରୋଧୀ



ବିଧାନସଭା ମୁଖ୍ୟ ପ୍ରବେଶ ଦ୍ୱାରରେ ମଙ୍ଗଳବାର ବିଜେଡି ବିଧାୟକମାନେ ଧାରଣା ଦେଇଛନ୍ତି।

ଭୁବନେଶ୍ୱର,୨୫।୩(ରବିନାରାୟଣ ଜେନା)

■ଘଣ୍ଟ, କରତାଳି ମାଡ଼ରେ କମ୍ପିଲା ବିଧାନସଭା
■ଧୋଇଗଲା ପ୍ରଶ୍ନକାଳ ଓ ଶୂନ୍ୟକାଳ

ଗୋଟିଏପଟେ କଂଗ୍ରେସର ଘଣ୍ଟ, କରତାଳି ମାଡ଼ ଓ ଅନ୍ୟପଟେ ବିଜେଡି ନାରାବାଜିରେ ମଙ୍ଗଳବାର କମ୍ପିଥିଲା ଗୃହ। ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ଗୃହରେ କମ୍ପମାନ କରିଥିବାବେଳେ ପ୍ରମୁଖ ବିରୋଧୀ ବିଜେଡି ସଦସ୍ୟଙ୍କ ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂଖ୍ୟାନୁପାତିକ ସଂରକ୍ଷଣ ଏବଂ ଜାତିଭିତ୍ତିକ ଜନଗଣନା ଦାବିରେ ଗୃହ ଏକପ୍ରକାର ଅଚଳାବସ୍ଥାକୁ ଚାଲିଯାଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ବିରୋଧୀ କିଛି ଶୁଣିବା ଅବସ୍ଥାରେ ନ ଥିଲେ। ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର ସଦସ୍ୟଙ୍କୁ ନିଜ ଆସନକୁ ଯିବାକୁ ଅନୁରୋଧ କରିଥିଲେ, ହେଲେ ସେମାନେ କର୍ଣ୍ଣପାତ କରି ନ ଥିଲେ। ପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏହାକୁ ନେଇ ୪ଟି ପର୍ଯ୍ୟାୟରେ ଗୃହ ମୁଲତବୀ ଘୋଷଣା ହୋଇଥିଲା। ମାତ୍ର ପରିସ୍ଥିତିରେ କୌଣସି ସୁଧାର ନ ଆସିବାରୁ ଶେଷରେ ଅପରାହ୍ନ ୪ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଦେଲେ। ଫଳରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ଧୋଇଯାଇଥିଲା।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ଓ ନାରାବାଜି କରିଥିଲେ। କଂଗ୍ରେସର ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତି ଘଣ୍ଟ ମାଡ଼କରି ଗୃହକୁ ହୁଲସ୍ଥୁଲ କରିଦେଇଥିଲେ। ଏଥିସହ କଂଗ୍ରେସର ଅନ୍ୟ ସଦସ୍ୟମାନେ କରତାଳି ଓ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ସେହିପରି ବିଜେଡି ସଂରକ୍ଷଣ ପ୍ରସଙ୍ଗରେ ପ୍ଲାକାର୍ଡ ଧରି ପ୍ରବଳ ନାରାବାଜି କରିଥିଲା। ଫଳରେ ଗୋଟିଏ ମିନିଟ୍ ମଧ୍ୟ ଗୃହ ସୁରୁଖୁରୁରେ ଚାଲିବା ସମ୍ଭବପର ହୋଇପାରି ନ ଥିଲା। ପ୍ରଥମେ ବାଚସ୍ପତି ଗୃହକୁ ୧୧ଟା୩୦ ଯାଏ ମୁଲତବୀ ରଖିଥିଲେ। ଗୃହ ମୁଲତବୀ ପରେ ବିଜେଡି ସଦସ୍ୟମାନେ ବିଧାନସଭା ପ୍ରବେଶ ଦ୍ୱାରରେ ଧାରଣା ଦେବା ସହ ନାରାବାଜି କରିଥିଲେ। ସେହିପରି କଂଗ୍ରେସ ସଦସ୍ୟମାନେ ଗାନ୍ଧୀମୂର୍ତ୍ତି ତଳେ ମହିଳା ସୁରକ୍ଷା ପ୍ରସଙ୍ଗ ନେଇ ଧାରଣାରେ ବସିଥିଲେ। ୧୧ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉପବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଏହି ସମୟରେ ଗୃହ ୧୨.୦୧, ୧୨.୩୧, ୧୨.୪୬ ମିନିଟ୍ ତିନୋଟି ପର୍ଯ୍ୟାୟରେ ମୁଲତବୀ ଘୋଷଣା ହୋଇଥିଲା। ମାତ୍ର ସର୍ବଦଳୀୟ ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନଥିଲା। ପରବର୍ତ୍ତୀ ସମୟରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ନିଜ ଆସନରେ ଛିଡାହୋଇ କଂଗ୍ରେସ ସଦସ୍ୟଙ୍କୁ ନିଜ ନିଜ ଆସନକୁ ଫେରିଯିବାକୁ ନିବେଦନ କରିଥିଲେ। ବାଚସ୍ପତି କହିଥିଲେ, ବିଧାନସଭା କାର୍ଯ୍ୟ ଶୃଙ୍ଖଳାରେ ଚାଲିବାକୁ ହେଲେ ନିଜ ନିଜ ଆସନକୁ ଯାଆନ୍ତୁ। ଏପରି ପ୍ଲାକାର୍ଡ ପ୍ରଦର୍ଶନ, ଗୃହ ଭିତରେ ଘଣ୍ଟ ବଜାଇବା ଶୋଭନୀୟ ନୁହେଁ। ବିଧାୟକମାନେ ଆସନକୁ ଫେରିଯାଇ ଗୃହକାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ନିବେଦନ କରିଥିଲେ। ମାତ୍ର କଂଗ୍ରେସ ସଦସ୍ୟ ନିଜ ପ୍ରତିବାଦ ଜାରି ରଖିବାରୁ ବାଚସ୍ପତି ଗୃହକୁ ୧୨ଟା ୫୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ। ଗୃହ ବାହାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ, ମା'ମାନଙ୍କ ସୁରକ୍ଷା ପାଇଁ କଂଗ୍ରେସ ଗୃହ କମିଟି ଦାବିକରି ଆସୁଛି। ହେଲେ ସରକାର ନିଦାବିଷ୍ଟ ସାଜିଛନ୍ତି। ସେଥିପାଇଁ ଆମେ ବିଧାନସଭା ଗୃହ ତଥା ପବିତ୍ର ମନ୍ଦିରରେ ଘଣ୍ଟମାଡ଼ କରୁଛୁ। ଭାବୁଛୁ ସରକାର ଟିକେ ଚେତିବେ, ହେଲେ ତାଙ୍କର ନାରୀ ପ୍ରତି ଟିକିଏ ବି ସମ୍ମାନ ନାହିଁ। ଯେପର୍ଯ୍ୟନ୍ତ ସେମାନେ ଗୃହ କମିଟି ଗଠନ ପାଇଁ ରୁଲିଂ ଦେଇନାହାନ୍ତି ସେପର୍ଯ୍ୟନ୍ତ କଂଗ୍ରେସ ପ୍ରତିବାଦ କରିବ ବୋଲି କାଡ଼ାମ କହିଥିଲେ।

ବିଜେଡି ସଦସ୍ୟ ଅରୁଣ କୁମାର ସାହୁ କହିଛନ୍ତି, ଭାଜପା ପାଖରେ କୌଣସି ପ୍ରଶ୍ନର ଉତ୍ତର ନାହିଁ। ଯେତେବେଳେ ବିରୋଧୀ ଦଳ ଲୋକଙ୍କ ସ୍ୱରକୁ ଶାଣିତ କରୁଛି, ସେତେବେଳେ ସେମାନେ କହୁଛନ୍ତି ବିରୋଧୀ ଗୃହ ଚଳାଇ ଦେଉନାହାନ୍ତି। ହେଲେ ଗୃହ ଚଳାଇବା ଦାୟିତ୍ୱ ସରକାରଙ୍କର। ସରକାର କିଛି ନ ଶୁଣିବାରୁ ଆମେ ଆନ୍ଦୋଳନ କରି ଗେଟ୍ ଆଗରେ ବସିଲୁ। ସରକାର ନ ଶୁଣିଲେ ବିରୋଧୀ କାହିଁକି ଗୃହକୁ ଯିବେ? ଯେବେ ଜମ୍ମୁ- କଶ୍ମୀର ଏସ୍‌ଟିଏସ୍‌ସି/ଓବିସି ସଂରକ୍ଷଣକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କଲେ, ଓଡ଼ିଶାରେ କିଛି ନ କରି ଶିଶୁ ସରକାର ହୋଇ ରହିବ କି ବୋଲି ସାହୁ ପ୍ରଶ୍ନ କରିଥିଲେ।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ବିରୋଧୀ ସଦସ୍ୟମାନେ ଗୃହ ଭିତରେ ଦୁଃଶାସନ ଓ ଦୁର୍ଯ୍ୟୋଧନ ଭଳି ହେଉଛନ୍ତି। ବାଚସ୍ପତିଙ୍କୁ ଗୃହ ଚଳାଇବାକୁ ଦେଉନାହାନ୍ତି। ଏହାଦ୍ୱାରା ଅନ୍ୟ ସଦସ୍ୟମାନେ ସେମାନଙ୍କ ଅଞ୍ଚଳର ସମସ୍ୟା ଉତ୍ଥାପନ କରିପାରୁନାହାନ୍ତି। ବିରୋଧୀମାନେ ବିରୋଧ କରିବାକୁ ମନା ନାହିଁ, ହେଲେ ସେମାନଙ୍କ ଆଚରଣ ଓ ଉଚ୍ଚାରଣ ସୀମା ଟପିଯାଉଛି।

# ନାରୀ ସୁରକ୍ଷା ନେଇ ସରକାର ସ୍ୱତନ୍ତ୍ର ଆଇନ ଆଣନ୍ତୁ: ସୁପ୍ରିୟା

ଭୁବନେଶ୍ୱର, ୨୫।୩(ସୁନିତ୍ ମିଶ୍ର)



ସୁପ୍ରିୟା ଶ୍ରୀନେତ୍

ଓଡ଼ିଶାରେ ମହିଳା ଏବଂ ବିଶେଷ କରି ଛାତ୍ରୀମାନେ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ। ମହିଳା ଅସଦାଚରଣ, ବର୍ବରତା, ବଳାତ୍କାର ଓ ଗଣବଳାତ୍କାର ବର୍ତ୍ତମାନ ସାରା ରାଜ୍ୟରେ ସବୁ ଜିଲାରେ ବଢ଼ିଚାଲିଛି। ଡବଲ ଇଞ୍ଜିନ ସରକାରର ପ୍ରଥମ ୫୦ ଦିନରେ ୧୧ ଜଣ ମହିଳାଙ୍କ ପ୍ରତି ଗଣବଳାତ୍କାର କରାଯାଇ ହତ୍ୟା କରାଯାଇଥିଲା। କିନ୍ତୁ ଏହାକୁ ରୋକିବା ପରିବର୍ତ୍ତେ ଭାଜପା ସରକାରର ପ୍ରଥମ ୮ ମାସରେ ଏହି ସଂଖ୍ୟା ୧୧ରୁ ବଢ଼ିକି ୫୪କୁ ଅତିକ୍ରମ କଲାପରେ ମଧ୍ୟ ସରକାରଙ୍କ ହେତୁ ପଶିଲା ନାହିଁ। ଏହାକୁ ପ୍ରତିବାଦ କରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ବିଧାୟକମାନେ ବିଧାନସଭା ଭିତରେ ଓ ବାହାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ରାଜ୍ୟ ସରକାର ତୁରନ୍ତ ଏଭଳି ବର୍ବରତା, ଅତ୍ୟାଚାରରୁ ମହିଳାଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ ସେଥିପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ ଏବଂ ଆବଶ୍ୟକ ପଡିଲେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରନ୍ତୁ ବୋଲି ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ମୁଖପାତ୍ର ସୁପ୍ରିୟା ଶ୍ରୀନେତ୍ ଦାବି କରିଛନ୍ତି।

କଂଗ୍ରେସ ଭବନ ଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୁପ୍ରିୟା କହିଛନ୍ତି, ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ସବୁସୀମା ଟପିଯାଇଛି। କେନ୍ଦ୍ରାପଡ଼ାରେ ଦ୍ୱାଦଶ ଶ୍ରେଣୀ ପଢୁଥିବା ଏକ ଛାତ୍ରୀକୁ ଜୋର୍ ଜବରଦସ୍ତ ବଳାତ୍କାର କରି ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇବା, କୋରାପୁଟ ଜିଲାରେ ଲକ୍ଷ୍ମୀପୁରରେ ଏକ ନାବାଳିକାଙ୍କୁ ବଳାତ୍କାର, ବାଲେଶ୍ୱର ଜିଲାର ୧୦ ବର୍ଷର ବାଳିକାକୁ ବଳାତ୍କାର ଭଳି ଘଟଣା ଦୈନିକ ନଜରକୁ ଆସୁଛି। ମହିଳାଙ୍କ ଉପରେ ଅତ୍ୟାଚରରେ ଓଡ଼ିଶା ରେକର୍ଡ ସୃଷ୍ଟି କରିଛି। ଓଡ଼ିଶା ବର୍ତ୍ତମାନ ଦେଶର ୪ର୍ଥ ସ୍ଥାନରେ ରହିଛି। ଏହା କଂଗ୍ରେସର ହିସାବ ନୁହେଁ, ଏହା ଭାଜପା ସରକାର ଦେଇଥିବା ତଥ୍ୟ ଆଧାରରେ କହୁଛୁ। ସରକାର ଦେଇଥିବା ସୂଚନା ଅନୁସାରେ ପାଖାପାଖି ୪୪ ହଜାର ମହିଳା ନିଖୋଜ। କଂଗ୍ରେସ ବିଧାୟକମାନେ ବିଧାନସଭା ଭିତରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଯେଉଁ ମୁଲତବୀ ପ୍ରସ୍ତାବ ଆଣିଥିଲେ, ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚର, ଗଣବଳାତ୍କାର ଓ ବଳାତ୍କାରକୁ ନେଇ ସ୍ୱିତନ୍ତ୍ର ଭାବେ ଗୃହରେ ଆଲୋଚନା ହେଉ ଏବଂ ଖୋଦ୍ ମୁଖ୍ୟମନ୍ତ୍ରୀ ଏ ଘଟଣାର ବିବୃତ୍ତି ରଖନ୍ତୁ। ଏଥିପାଇଁ ଗୃହ କମିଟି ଗଠନ କରାଯାଉ। ପ୍ରତିବାଦରେ ସରକାରୀ ଦଳର ମନ୍ତ୍ରୀ ତଥା ବିଧାୟକ ଏ ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱର ସହ ବିଚାର କରିବା ପରିବର୍ତ୍ତେ କଂଗ୍ରେସ ବିଧାୟକମାନଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କ ପ୍ରତି ମରଣାନ୍ତକ ଆକ୍ରମଣ କରାଗଲା। ଏହା ନିନ୍ଦନୀୟ ବୋଲି ସୁପ୍ରିୟା କହିଛନ୍ତି।

# ସରକାରଙ୍କ ଉପରେ ବର୍ଷିଲେ ଲଲ୍ଲୁ

କଟକ,୨୫।୩(ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ସହପ୍ରଭାରୀ ରୋଜାଲିନା ତିର୍କୀ ମଙ୍ଗଳବାର କଟକ ଗସ୍ତ କରି କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସନ୍ଧ୍ୟାରେ ସେମାନେ ଦଳୀୟ କର୍ମୀଙ୍କୁ ସାକ୍ଷାତ କରିଥିଲେ। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏବଂ ମୋକିମ ଉଭୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଲଲ୍ଲୁ କହିଛନ୍ତି, ମୋକିମଙ୍କ ଦୃଢ଼ ସଙ୍ଗଠନ ରହିଛି ଏବଂ କଂଗ୍ରେସ ଦଳ ପ୍ରତି ତାଙ୍କର ବହୁ ଅବଦାନ ରହିଛି। କଂଗ୍ରେସ ସର୍ବଦା ଅନ୍ୟାୟକୁ ବିରୋଧ କରି ଆସିଛି। ବିଧାନସଭାରେ ଲୋକଙ୍କ ମୌଳିକ ସମସ୍ୟା ନେଇ ପ୍ରଶ୍ନ କରିବା ଯଥାର୍ଥ ଏବଂ ତାହାର ଉତ୍ତର ଦେବାକୁ ମୁଖ୍ୟମନ୍ତ୍ରୀ ବାଧ୍ୟ। ଭାଜପା ସରକାର ଗଠନ ହେବା ପରେ ପ୍ରାୟ ୬୪ ହଜାର ମହିଳାଙ୍କ ପତ୍ତା ମିଳୁନାହିଁ। ଏପରି କି ଶିଶୁକନ୍ୟା ବଳାତ୍କାରର ଶିକାର ହୋଇଛନ୍ତି। ମହିଳାଙ୍କ ନିଖୋଜ ଓ ସୁରକ୍ଷା ସମ୍ପର୍କରେ ପ୍ରଶ୍ନ କରାଯିବାରୁ କଂଗ୍ରେସର ୧୨ ଜଣ ବିଧାୟକଙ୍କୁ ମଙ୍ଗଳବାର ବିଧାନସଭାରୁ ସସ୍‌ପେଣ୍ଡ କରାଯାଇଛି। ବିଧାୟକଙ୍କ ପ୍ରଶ୍ନ ପଚାରିବାର ଅଧିକାର ରହିଛି, ହେଲେ ଏଭଳି ସସ୍‌ପେନ୍‌ସନ୍‌କୁ କଂଗ୍ରେସ ବିରୋଧ କରୁଛି। ଏନେଇ ରାଜ୍ୟ ସରକାରଙ୍କୁ ଜବାବ ଦେବାକୁ ପଡ଼ିବ। ଓଡ଼ିଶାର ସମ୍ମାନ ପାଇଁ କଂଗ୍ରେସର ବିଧାୟକ ଯେଉଁ ଲଢ଼େଇ କରୁଛନ୍ତି ତାହା ଜାରି ରହିବ। ଏହି ସମସ୍ତ ଘଟଣାକୁ ନେଇ ଆସନ୍ତା ୨୭ ତାରିଖରେ କଂଗ୍ରେସ ବିଧାନସଭା ଘେରାଉ କରି ସରକାରଙ୍କୁ ଜବାବ ମାଗିବ ବୋଲି ଲଲ୍ଲୁ କହିଛନ୍ତି। ଅପରପକ୍ଷରେ ବିଧାୟିକା ସୋଫିଆ କହିଛନ୍ତି, ଭାଜପାକୁ ଭୋଟ୍ ଦେଇ ସରକାରକୁ ଆଣିଥିବା ଜନସାଧାରଣ ବିପଦରେ ରହିଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ଯେଉଁ ପ୍ରଚାର କରିଥିଲେ ତାହା ସମ୍ପୂର୍ଣ୍ଣ ମିଥ୍ୟା ଥିଲା। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ। ଏଭଳି କ୍ଷେତ୍ରରେ ସରକାର ଦୋଷୀଙ୍କୁ ଧରିବାରେ ଯଦି କାର୍ଯ୍ୟ କରିଥାନ୍ତେ, ତେବେ ପ୍ରଶଂସାର ପାତ୍ର ପାଲଟିଥାନ୍ତେ। ହେଲେ ବିଧାନସଭାରେ କେବଳ ଗୋଟିଏ ପକ୍ଷ ନିଷ୍ପତ୍ତି ନିଆଯାଉଛି ବୋଲି ସୋଫିଆ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ ନେତା, ସିଏମ୍‌ସିର କଂଗ୍ରେସ କର୍ପୋରେଟର ଓ କର୍ମୀ ଉପସ୍ଥିତ ଥିଲେ।

## ଖେଳ ଖବର

# ଓଡ଼ିଶା ରନରଅପ୍, ରାମଦାସ ଶ୍ରେଷ୍ଠ




ରନରଅପ୍ ଓଡ଼ିଶା ଦଳର ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୨୫।୩(ତପନ ସ୍ୱାଇଁ)

**ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟ୍‌ବଲ**

ମଧ୍ୟପ୍ରଦେଶର ଗ୍ୱାଲିଠାରେ ଅନୁଷ୍ଠିତ ପ୍ରଥମ ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଓଡ଼ିଶା ରନରଅପ୍ ହୋଇଛି। ବୁଲ୍ସ ଆଇ ଅନୁଷ୍ଠାନ ପକ୍ଷରୁ ମନୋନୀତ ଓଡ଼ିଶା ଖେଳାଳିମାନେ ଏହି ସମ୍ମାନ୍‌ଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ରାମଦାସ ମୁର୍ମୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୨-୦ରେ ହରିୟାଣାକୁ ହରାଇଥିବାବେଳେ କେରଳ ନିକଟରୁ ୦-୧ରେ ହାରିଯାଇଥିଲା। ତୃତୀୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀକୁ ୩-୧ରେ ହରାଇ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ଓଡ଼ିଶା ୩-୧ ଗୋଲରେ ଉତ୍ତରାଖଣ୍ଡକୁ ହରାଇ ଥିଲେ ହେଁ ଫାଇନାଲରେ କେରଳ ନିକଟରୁ ୧-୨ ଗୋଲରେ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। କେବଳ କେରଳ ବିପକ୍ଷ ମ୍ୟାଚ୍‌କୁ ଛାଡ଼ିଦେଲେ ପୂରା ପ୍ରତିଯୋଗିତାରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରିଥିଲା। ଏହି ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରାଖଣ୍ଡ, କେରଳ, ପଶ୍ଚିମବଙ୍ଗ, ହରିୟାଣା ଓ ତାମିଲନାଡୁ ଆଦି ଭାରତର ୮ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଥିଲେ। ରାମଦାସ ମୁର୍ମୁ (ଅଧିନାୟକ), ଶରତ ରଞ୍ଜନ ସିଂ, ବୈଦ୍ୟନାଥ ହାଁସ୍‌ଦା, ବାଲିଆ କିସ୍କୁ, ଗୁରୁଭା ମୁର୍ମୁ, ହିକିମି ମୁର୍ମୁ ଓ ଆକାଶ ପଡ଼ିଆମୀ(ଗୋଲ୍‌କିପର) ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ତ୍ରିଲୋଚନ ବେଉରା କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ।

# ଶୁଟ୍‌ଆଉଟ୍‌ରେ ଓଡ଼ିଶା ବିଜୟୀ

**ରାଞ୍ଚି, ୨୫।୩(ପି.ଟି.):** ଜାତୀୟ ମହିଳା ହକି ଲିଗ୍‌ରେ ମଙ୍ଗଳବାର ଓଡ଼ିଶା, ମହାରାଷ୍ଟ୍ର ଓ ବେଙ୍ଗଲ ସେମାନଙ୍କ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ଓଡ଼ିଶା ଓ ମିଜୋରାମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ବରାବର ରହିବାରୁ ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ୨-୦ରେ ବିଜୟୀ ହୋଇଥିଲା। ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଓଡ଼ିଶା ତରଫରୁ ସଞ୍ଜନା କିରୋ ୫ମ ଏବଂ ମିଜୋରାମ ପକ୍ଷରୁ ୫୫ତମ ମିନିଟରେ ଲାଲ୍‌ଟ ଲାନ୍‌ଛୁଙ୍ଗି ଗୋଲ ଦେଇଥିଲେ। ଶୁଟ୍ ଆଉଟ୍‌ରେ ଗୋଲ୍‌କିପର ନାମ୍‌ସି ଜାରିକା ମିଜୋରାମର ସମସ୍ତ ୪ ପ୍ରଚେଷ୍ଟାକୁ ପଣ୍ଡ କରି ଦେଇଥିଲେ।

# ପ୍ରଣତି ନାୟକଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୨୫।୩(ତପନ ସ୍ୱାଇଁ)

**ଏଫ୍‌ଆଇଜି ଆପାରାଟସ୍ ବିଶ୍ୱକପ୍‌ର ଭଲ୍ଟରେ ଜିତିଥିଲେ ବ୍ରୋଞ୍ଜ୍**



ପ୍ରଣତି ନାୟକଙ୍କୁ ସ୍ୱାଗତ କରାଯାଉଛି।

ତୁର୍କୀର ଆଣ୍ଟାଲ୍ୟାଠାରେ ଅନୁଷ୍ଠିତ ଏଫ୍‌ଆଇଜି ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ବିଜୟିନୀ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରର ପ୍ରଣତି ନାୟକ ମଙ୍ଗଳବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେ ପହଞ୍ଚିବାପରେ ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଓଡ଼ିଶା ଏଚ୍‌ପିସି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଭାରତୀୟ ଜିମ୍ନାଷ୍ଟ ପ୍ରଣତି ୧୩.୪୧୭ ପଏଣ୍ଟ ସ୍କୋର୍ ସହ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଏଫ୍‌ଆଇଜି ଆପାରାଟସ୍ ବିଶ୍ୱକପ୍ ୨୦୨୫ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟର(ଏଚ୍‌ପିସି)ର ୪ ଜିମ୍ନାଷ୍ଟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ (ଏମ୍‌ଏଜି) ବର୍ଗରେ ତପନ ମହାନ୍ତି ଓ ତପେଶ୍ୱରନାଥ ଦାସ ପ୍ରତିନିଧିତ୍ୱ କରିଥିବା ବେଳେ ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ (ଡବ୍ଲ୍ୟୁଏଜି) ବର୍ଗରେ ପ୍ରଣତି ନାୟକ ଓ କରିସ୍ମା ରାଜପୁତ ଅଂଶଗ୍ରହଣ କରିଥିଲେ।

# ଭାରତୀୟଙ୍କୁ ସଶ୍ରମ କାରାଦଣ୍ଡ

କଲମ୍ବୋ, ୨୫।୩(ପି.ଟି.)

**କ୍ରିକେଟ ମ୍ୟାଚ୍ ଫିକ୍ସିଂ**

୨୦୨୪ର ଏକ ମ୍ୟାଚ୍ ଫିକ୍ସିଂ ମାମଲାରେ ଶ୍ରୀଲଙ୍କାର ମାଟେଲସ୍ଥିତ ହାଇକୋର୍ଟ ଜଣେ ଭାରତୀୟଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କାଣ୍ଡିଠାରେ ଖେଳାଯାଇଥିବା ଲିଜେଣ୍ଡ ଲିଗ୍ ଟି୨୦ ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡ଼ିକ ଫିକ୍ସ କରିବା ଲାଗି ପ୍ରସ୍ତାବ ଦେଇଥିବା ଶ୍ରୀଲଙ୍କା ଚୟନ କମିଟି ଚେୟାରମ୍ୟାନ୍ ଉପୁଲ ଥରଙ୍ଗାଙ୍କ ଅଭିଯୋଗକୁ ଭିତ୍ତିକରି କୋର୍ଟ ଯୋଗୀ ପଟେଲ ନାମକ ଖେଳାଳିଙ୍କୁ ଦଣ୍ଡିତ କରିଛନ୍ତି। ମ୍ୟାଚ୍ ଫିକ୍ସିଂ ମାମଲାରେ ପଟେଲଙ୍କୁ ଗତବର୍ଷ ମାର୍ଚ୍ଚରେ ଗିରଫ କରାଯାଇଥିଲା ଏବଂ କଠୋର ସର୍ତ୍ତାବଳୀରେ ତାଙ୍କୁ ଜାମିନ ଦିଆଯାଇଥିଲା। କୋର୍ଟ ତାଙ୍କୁ ଦେଶ ଛାଡ଼ି ଯିବାକୁ ବାରଣ କରିଥିଲେ ମଧ୍ୟ ସେ ତାହାକୁ ଅମାନ୍ୟ କରିଥିଲେ। ସେ ଦେଶ ଛାଡ଼ି ଯିବାପରେ ତାଙ୍କ ଓକିଲମାନେ କୋର୍ଟରେ କହିଥିଲେ ଯେ, ପଟେଲଙ୍କ ଜୀବନପ୍ରତି ବିପଦ ଥିବାରୁ ସେ ଦେଶ ଛାଡ଼ି ଚାଲିଯାଇଛନ୍ତି। ଫଳତଃ ତାଙ୍କୁ ଗିରଫ କରିବା ପାଇଁ ଏକ ଇଣ୍ଟରପୋଲ୍ ୱାରେଣ୍ଟ ଜାରି କରିବା ଲାଗି କୋର୍ଟ ପୋଲିସ ସିଆଇଡିକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଶ୍ରୀଲଙ୍କା ସରକାର ୨୦୧୯ରେ କ୍ରୀଡ଼ା ସମ୍ପର୍କିତ ଏକ ଦୁର୍ନୀତି ଆଇନ ପ୍ରଚଳନ କରିଛି। ଏଥିରେ ଦୋଷୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଏବଂ ୫,୫୦,୦୦୦ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଅଭିଯୁକ୍ତଙ୍କୁ ଆହୁରି ମଧ୍ୟ ୮୫ ନିୟୁତ ଶ୍ରୀଲଙ୍କା ଟଙ୍କା ଜରିମାନା କରାଯାଇଛି।

# ଇଣ୍ଡିଆନ ୟୁନିଭର୍ସିଟି ଆର୍ଚେରୀ ଚୟନ ଟ୍ରାଏଲ ଆରମ୍ଭ

ଭୁବନେଶ୍ୱର, ୨୫।୩ (ତପନ ସ୍ୱାଇଁ)

**ଏଫ୍‌ଆଇଏସ୍‌ୟୁ ୱାର୍ଲ୍ଡ ଗେମ୍ସ**

ଜର୍ମାନୀର ରିନେ-ରୁହରଠାରେ ହେବାକୁଥିବା ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ(ଏଫ୍‌ଆଇଏସ୍‌ୟୁ) ୱାର୍ଲ୍ଡ ଗେମ୍ସ ପାଇଁ ଇଣ୍ଡିଆନ ୟୁନିଭର୍ସିଟିର ଆର୍ଚେରୀ ଟ୍ରାଏଲ୍ ମଙ୍ଗଳବାର କିଟ୍ ପରିସରରେ ଆରମ୍ଭ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ଅନୁମୋଦନକ୍ରମେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହି ଟ୍ରାଏଲ୍ କିଟ୍ ଓ କିସ୍ ଆର୍ଚେରୀ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତର ୧୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୩୦୦ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଆର୍ଚର ଏହି ଟ୍ରାଏଲ୍‌ରେ ଅଂଶଗ୍ରହଣ କରିଛନ୍ତି। ଏଥିରୁ ମନୋନୀତ ଆର୍ଚରମାନେ ଆସନ୍ତା ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଜର୍ମାନୀରେ ହେବାକୁଥିବା ଏଫ୍‌ଆଇଏସ୍‌ୟୁ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ-୨୦୨୫ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଅଲିମ୍ପିଆନ୍ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ରାହୁଲ ବାନାର୍ଜୀ, ଏସିଆଡ୍ ଆର୍ଚର ତଥା କୋଚ୍ ରାଜେଶ ହାଁସ୍‌ଦା, ଜାତୀୟ ଆର୍ଚେରୀ କୋଚ୍ ସୁରିନ୍ଦର ସିଂ ରାନ୍ଧୱା, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଜଣେ ପ୍ରତିନିଧି ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଚୟନ ପ୍ୟାନେଲର ସଦସ୍ୟ ରହିଛନ୍ତି। ଆର୍ଚେରୀ ପରେ ଆସନ୍ତା ଏପ୍ରିଲରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭଲିବଲ୍, ଆଥ୍‌ଲେଟିକ୍ସ, ଲନ୍ ଟେନିସ୍‌ରେ ମଧ୍ୟ ଚୟନ ଟ୍ରାଏଲ୍ସ ହେବ। ଟ୍ରାଏଲ୍ସ ପରେ କିଟ୍ ପରିସରରେ ଏକ ମାସବ୍ୟାପୀ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହେବ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ ପାଇଁ ପ୍ରତିଭାସମ୍ପନ୍ନ ଆଥ୍‌ଲେଟ୍‌ଙ୍କୁ ଚୟନ କରିବା ଉପରେ ପ୍ୟାନେଲ ଗୁରୁତ୍ୱାରୋପ କରୁଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଟ୍ରାଏଲ୍‌ରେ ଯୋଗଦେଇଥିବା ଆର୍ଚରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଇଣ୍ଡିଆନ ୟୁନିଭର୍ସିଟିର ଆର୍ଚେରୀ ଟ୍ରାଏଲ୍ ଅବସରରେ ପ୍ରତିଯୋଗୀମାନେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୋଆରେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଭୋଗରାଇ, ୨୫।୩(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହୁଗୁଲି ପଞ୍ଚାୟତ ଗାଜିପୁର ଗ୍ରାମର ବିମଳ ଦାସଙ୍କର ପୁଅ ବିଷ୍ଣୁପଦ ଦାସ(୨୭)ଙ୍କର ମୃତଦେହ ସୋମବାର ଗୋଆସ୍ଥିତ କାଲାମଗୁଡ଼ ସହରରେ ଥିବା ଏକ ଭଡ଼ା ଘରୁ ସନ୍ଦେହଜନକ ଅବସ୍ଥାରେ ଜବତ ହୋଇଛି। ସ୍ଥାନୀୟ ଯୁବକମାନେ ତାଙ୍କୁ ଡାକ୍ତରଖାନା ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଅପରାହ୍ନରେ ବିଷ୍ଣୁପଦଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ପରେ ସେଠାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତଦେହକୁ ଗାଁକୁ ଅଣାଯିବାର ବ୍ୟବସ୍ଥା କରାଯାଇଛି। ବିଷ୍ଣୁପଦ ପ୍ରାୟ ୮ ବର୍ଷ ଧରି ଗୋଆ ହୋଟେଲରେ କାର୍ଯ୍ୟ କରି ଆସୁଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ସେଠାକାର ପୋଲିସ ଏକ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଜାରି ରଖିଛି।


**ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ତନଭିଷା (ରାନୀ)**

ରସୁଲଗଡ଼, ଭୁବନେଶ୍ୱର

ତା ୨୬ ମାର୍ଚ୍ଚ, ୨୦୨୫

ଶୁଭେଚ୍ଛା ସହ– ଜେଜେ: ଗଦାଧର ରାଉତରାୟ, ଜେଜେମା': ସୁଲଚନା ରାଉତରାୟ, ବାପା: ପ୍ରଶାନ୍ତ ରାଉତରାୟ, ମାଆ: ରେଣୁବାଳା ରାଉତରାୟ, ବଡ଼ବାପା: ପ୍ରକାଶ ରାଉତରାୟ, ବଡ଼ମାଆ: ସୋନାଲି ରାଉତରାୟ, ଭାଇ: ପ୍ରିୟାଂଶୁ, ସାଇପ୍ରିୟ

ଧ-୩୪୧୮



# Classified Everyday

**0674-2580101, 9692975378**





## MATRIMONIAL

## BRIDE WANTED

Handsome Brahmin Boy 1987, 5'7" B.Tech Serving Engineer, Hyderabad. "SUNASANSAR". 9937512659. D-75251

Brahmin Boy 1980 5'7" Ph.d. Serving Lecturer. Govt College, "SUNASANSAR". 9937512659. D-76252




Full body massage by Odia therapist in homely atmosphere. 9556498382. D-75373

All types hair cutting, body massage by smart lady room services available. Contact: 7077240328. D-71396

**Relax, Refresh your body, mind at Saikrupa Spa with best therapies. 7848011468.** D-3288

Newly open Jyoti SPA positively health benefits (Expert therapist). 8458067955. D-76904

**Newly opened spa in puri. Professional body massage available. 9861984834.** D-3394



## AUTOMOBILE SALE

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339



## REAL ESTATE SALE

**1792sqft. plot inside a gated community near Physiotherapy Hospital at Olatapur, side of Phulanakhara-Niali Highway for sale. 7008071631.** D-3416

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

**44 Dcml. (1920sqft.) Gharabadi boundary wall plot SALE at Bhaktamadhu Nagar, near ITER College, Jagamara. Price 95 lakh, negotiable. Only Genuine Buyer call for details: 9438220432/ 8144658008.** D-3412

## LEASE

Warehouse for LEASE 43000sqft. at Hanspal, Bhubaneswar. Contact: 7205809501, 9861096613. D-3400

## LOST

I, Sri Gourmohan Maharana, S/o- Late Krushna Mohan Maharana, At.- Olandajsahi, Barabati, Balasore declare that one sale deed bearing No.-5475, dtd. 20.12.1982 has been lost at Katchery Premises, Balasore. In this sale deed the schedule of land mz.-Chandragadi, PS- Town (PS No-215), Khata No.-19, Plot No.-139, A0.04dec. out of A0.26⁹/₁₀ and grand out of A1.39dec. It is for public advertisement. D-3410

I, Panchanan Sahu, S/o- Shyam Sundar Sahu, R/o: Village- Dengapadar, P.O.- Baghiabahal, P.S.- Manamunda, Dist.- Boudh declare that I have lost the Registered sale deed bearing Regd. No.337/1999 on the way on dated 13.03.2025 while I was coming from Kantamal to Rundimahul. Inspite of my thorough search I could not traced out the same. D-3417

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

The name of 'Mishika', D/o- Manas Ranjan Sahoo, F144, Cosmopolis, Aiginia, Bhubaneswar- 751019, Odisha, has been changed to 'Mishika Sahoo' as declared by Manas Ranjan Sahoo, sworn in before Mrs. Laxmi T., Executive Magistrate, Bhubaneswar, vide affidavit No.- CF No.-145/24.03.2025 w.e.f. 24.03.2025. The revised name 'Mishika Sahoo' will appear in all the identity proof(s) and personal documents henceforth. D-3420

By virtue of an affidavit sworn before Notary Public, Bhubaneswar, dated 20th Feb. 2025, I, Yojana Pradhan, Wife of- Abhimanyu Rout, resident of Basantapedi Pratapsasan (CT), P.S.- Balianta, Dist.- Khorda-752100 declare that I have changed my name from Jojana Rout to Yojana Pradhan. Henceforth, I shall be known as Yojana Pradhan for all purposes.
Yojana Pradhan D-3405

By virtue of an affidavit sworn before the Executive Magistrate, Bhubaneswar, dated 25.03.2025, I, Sibasis Sahoo, S/o- Bhramarbar Sahoo, Address: At/P.O.- Tulanga, Via- Tiran Tulanga, P.S.- Tirtol, Dist.- Jagatsinghpur, Odisha, PIN-754138 declare that I have changed my name from Sibashish Sahoo to Sibasis Sahoo. Henceforth, I shall be known as Sibasis Sahoo for all purposes.
Sibasis Sahoo D-3404

By virtue of an affidavit sworn before affidavit No.-374, Executive Magistrate, Chhendipada, dated 19.03.2025, I, Prativa Sahu, Address: W/o- Gyanedra Kumar Sahoo, At- Kampasala Jungle, P.O.- Kampasala, P.S.- Chhendipada, Dist.- Angul (Odisha), PIN-759130 declare that I have changed my name from Prativa Sahoo to Prativa Sahu. Henceforth, I shall be known as Prativa Sahu for all purposes. D-3401

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

By virtue of an affidavit (Sl. No.- 3192, dated 17.03.2025) before the Notary Public, Sambalpur, I have changed my name from Gobinda Prasad Agrawal to Gobind Prasad Agrawal. Henceforth, I shall be known as Gobind Prasad Agrawal, S/o- Harisankar Agrawal, resident of At-Kansaripada, Golebazar, Sambalpur-768001, Odisha for all future purposes.
Gobind Prasad Agrawal D-3414

I, Jyotsna Baghel, D/o- Balkrushna Baghel, R/o- At- Sagarpali, P.O./P.S.- Deogaon, Dist.- Balangir, Odisha, PIN- 767029 declare by this affidavit No.-77, dated 25.03.2025 that I have changed my former name from Anjali Baghel to Jyotsna Baghel. Henceforth, I shall be known as Jyotsna Baghel for all future purposes. D-3408

I, Gouri Sandha, D/o- Parame Sandha, R/o- At- Rengali, P.O.- Uparjhar, Via- Jarasingh, P.S.- Deogaon, Dist.- Balangir, Odisha, PIN- 767067 declare by this affidavit No.-1303, dated 30.01.2025 that I have changed my former name from Gauri Sandha to Gouri Sandha. Henceforth, I shall be known as Gouri Sandha for all future purposes. D-3409

By virtue of an affidavit sworn before Notary, Bhubaneswar, dtd. 21.03.2025 vide affidavit No.- 72AA869317, I, Smt. Nirmala Patnaik, Wife of Sri Ajaya Prasad Pattanaik, resident of Plot- 303, Ekamra Road, Unit-6, Ganganagar, Bhubaneswar declare that my husband's name wrongly mentioned in Passport bearing No.- AA523270, Ajay Prasad Pattanaik instead of his full and original name Ajaya Prasad Pattanaik. Now onwards Ajaya Prasad Pattanaik and Ajay Prasad Pattanaik is one and same person. Henceforth he will be known as Ajaya Prasad Pattanaik for all purposes. D-3419

By virtue of an affidavit (No.-295, dated 24.03.2025) sworn before the Executive Magistrate, Deogarh, I, Chari Suhula, W/o- Late Jagadish Suhula, R/o: Village- Sankarapur, P.O.-Nuadihi, P.S.- Kundheigola, Dist.- Deogarh, PIN-768108 declare that I have changed my minor daughter's name from Jaymini Suhula to Jaimini Suhula. Henceforth she shall be known as Jaimini Suhula for all future purposes. D-3415

## LEGAL NOTICE

Letter No.- 375, Date- 21.03.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୨ ( ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ।

ଓ.ଏସ୍.ଏସ୍. ୪୨୩/୨୦୨୪

ଶ୍ରୀ ଅରୁଣ କୁମାର ରଥ ....ବାଦୀ

ବନାମ

ଭାଗ୍ୟଧର ସ୍ୱାଇଁ ଏବଂ ଅନ୍ୟମାନେ ......ପ୍ରତିବାଦୀମାନେ

ନୋଟିସ ଅଣ୍ଡର ଅର୍ଡର ୫, ରୁଲ୍–୨୦, ସି.ପି.ସି. ମୁତାବକ

ପ୍ରାପ୍ତେଷୁ ,

୧. ଭାଗ୍ୟଧର ସ୍ୱାଇଁ, ପି– ବୁଲା ସ୍ୱାଇଁ, ୨. ବାବାଜୀ ଚେମି, ପି– ଶ୍ୟାମ ଚେମି, ୩. ବେଣୁଧର ବେହେରା, ୪. ବଂଶୀଧର ବେହେରା, ପି– ଧଡ଼ି ବେହେରା, ୫. ସୁକଦେବ ପାଣ୍ଡ୍ୟା, ପି– ପରମାନନ୍ଦ ପାଣ୍ଡ୍ୟା, ୬. ପାଇଛା ଦେଇ, ସ୍ୱା– ବୀରବର ବେହେରା, ୭. ସୁମନ୍ତ ମାର୍ଥା, ପି– ଚିତ୍ତରଞ୍ଜନ ମାର୍ଥା, ସମସ୍ତଙ୍କର ଠିକଣା: ସା– ଜୁଝାଗଡ଼, ପୋ– ଦାରୁଠେଙ୍ଗ, ଥା– ଚନ୍ଦକା, ଜି– ଖୋର୍ଦ୍ଧା, ଓଡ଼ିଶା, ୮. ସୁଧାଂଶୁ ପ୍ରଭା ମହାନ୍ତି, ସ୍ୱା– ହରିଶ ଚନ୍ଦ୍ର ମହାନ୍ତି, ଠିକଣା: ସା– ସାହାପୁର, ଥା– ମାହାଙ୍ଗା, ଜି– କଟକ, ଓଡ଼ିଶା ।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର–୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୩।୦୫।୨୦୨୫ରିଖ, ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ସମ୍ପତ୍ତି ବିବରଣୀ

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ଥାନା ନଂ.– ୪୦, ମୌଜା–ଭୁଆଶୁଣୀ, ହାଲ୍ ଖାତା– ୯୦୩, ହାଲ୍ ପ୍ଲଟ୍– ୧୪୧୭, ରକବା– ଏ୦.୧୧୫ ଡିସିମିଲ ସ୍ୱଧରୁ ଏ.୦.୧୦୦ଡି. ଯାହାର ସାବକ ଖାତା ନଂ.– ୧୬୦, ସାବକ ପ୍ଲଟ୍ ନଂ.– ୨୮୩, ଏରିଆ– ଏ୧.୭୮୮ଡିସିମିଲ ସ୍ୱଧରୁ ଏ.୦.୧୦୦ଡି.।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୧୯।୦୩।୨୦୨୫

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./–କୋର୍ଟ ଅଫିସର

ଧ–୭୫୮୩୯

Letter No.-476, Dt.- 13.03.2025

ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ OAS (SS) ଅତିରିକ୍ତ ରିଭିଜନ କୋର୍ଟ ନଂ.–୪, ଭୁବନେଶ୍ୱର ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି– ଖୋର୍ଦ୍ଧା, ଓଡ଼ିଶା।

ଓ.ଏସ୍.ଏସ୍. କେସ୍ ନଂ.–୧୨୪୫/୨୦୨୩

ବାସନ୍ତିଲତା ସୁନ୍ଦରରାୟ, ବୟସ ୪୬ବର୍ଷ, ସ୍ୱା– ପ୍ରସନ୍ନ କୁମାର ପରିଡ଼ା, ସା– ଗାଇଗୁଆ, ପୋ– କୋରା, ଥାନା– କେନ୍ଦ୍ରାପଡ଼ା, ଜିଲ୍ଲା– କେନ୍ଦ୍ରାପଡ଼ା .....ବାଦୀ

ବନାମ

ଧୋବେଇ ସାହୁ ଓଗେର .....ପ୍ରତିବାଦୀମାନେ

ନୋଟିସ ଅଣ୍ଡର ଅର୍ଡର–୫, ରୁଲ୍–୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,

ଧୋବେଇ ସାହୁ (ମୃତ), ଶୋଭା ସାହୁ, ପି– ଲକ୍ଷ୍ମଣ ସାହୁ, ଆରତ ସାହୁ, ପି– ମାଧବ ସାହୁ, ରଙ୍ଗ ସାହୁ, ବେଙ୍ଗ ସାହୁ, ଲତା ସାହୁ, ପି– କୁଳମଣି ସାହୁ, କୁମ ସାହୁ, ସ୍ୱା– କୁଳମଣି ସାହୁ, ଧୂଳି ସାହୁ, ଶଶୀ ସାହୁ, ଗୁଣ୍ଡୁଚି ସାହୁ, ପି– ଯୋଗୀ ସାହୁ, ତଇ ସାହୁ, ସ୍ୱା– ଦ୍ୱିଜବର ସାହୁ, ଭାଗ୍ୟଧର ସାହୁ, ପି– ହାଡୁ ସାହୁ, ସା– ଗାଡ଼କଣ, ପୋ– ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା– ମଞ୍ଚେଶ୍ୱର, ଜି– ଖୋର୍ଦ୍ଧା। ରବି ସାହୁ, ପି– ଦିଜବର ସାହୁ।

ସମ୍ପତ୍ତି ବିବରଣୀ

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ମଞ୍ଚେଶ୍ୱର, ଥାନା ନଂ.–୨୫, ମୌଜା– ଗାଡ଼କଣ, ହାଲ୍ ଖାତା– ୨୮୮୨, ହାଲ୍ ପ୍ଲଟ୍– ୨୯୧୨, ରକବା– ଏ୦.୦୩୪ ଡିସିମିଲ, ଯାହାର ସାବକ ଖାତା– ୪୯୮, ସାବକ ପ୍ଲଟ୍ ୩୧୦, ରକବା– ଏ୦.୧୧୦ଡିସିମିଲ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଅଛି ଯେ ଉପରଲିଖିତ ଓ.ଏସ୍.ଏସ୍. କେସର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା.୨୮।୦୪।୨୦୨୫ରିଖ ଦିବା ଘ. ୧୧.୩୦ ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କ ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ତା୧୩।୦୩।୨୦୨୫

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./– କୋର୍ଟ ଅଫିସର୍

D-75840


# ୨୫୦ଗୋରୁ ଉଦ୍ଧାର, ୭ ଅଟକ

**ବେଆଇନ ଗୋଚାଲାଣ ଅଭିଯୋଗ**

**କେନ୍ଦୁଝର,୨୫।୩**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ନୂଆଗାଁ ନିକଟରୁ ଗୋସେବକଙ୍କ ଦ୍ୱାରା ୨୫୦ରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର କରାଯାଇଛି। ବେଆଇନ ଗୋ–ଚାଲାଣରେ ବ୍ୟବହୃତ ବୋଲେରୋ(ଓଡି ୧୪ ଆର ୬୧୮୩) ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ସୋମବାର ରାତି ୩ ଟା ସମୟରେ ଗୋ ବ୍ୟବସାୟୀ ନୂଆଗାଁ ଦେଇ ଗୋରୁ ଚଲାଇ ନେଉଥିଲେ। ଗୋସେବକ ସଦସ୍ୟମାନେ ସେମାନଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ। ସଦର ଥାନା ପୋଲିସ ଏହି ଗୋରୁ କେଉଁଠାରୁ କେଉଁ ସ୍ଥାନକୁ ଯାଉଥିଲା, କାଗଜପତ୍ର ରହିଛି କି ନାହିଁ ଯାଞ୍ଚ ଚଳାଇଛି। ପୋଲିସ ଘଟଣାରେ ୭ ଜଣଙ୍କୁ ଅଟକ ରଖିଥିବା ବେଳେ ୨୫୦ ଗୋରୁ ଜବତ କରିଛି। ଗୋରୁଗୁଡ଼ିକୁ ଏକ ପଡ଼ିଆରେ ରଖାଯାଇଛି। ଗୋସେବକମାନେ ଦିନକ ତଳେ ଏଭଳି ବେଆଇନ ଗୋରୁ ଚାଲାଣ କରିଥିବା ଏକ ପିକ୍‌ଅପକୁ ଜୁଡ଼ିଆ ଘାଟିରେ ଅଟକାଇ ପୋଲିସ ଜିମା ଦେଇଥିଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ପାଟଣା,୨୫।୩**
**(ବୀର କିଶୋର ଦାଶ)**

କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ନମ୍ବର ଜାତୀୟ ରାଜପଥର ହାତୀବାରୀ ନିକଟରେ ସୋମବାର ସନ୍ଧ୍ୟାରେ ଏକ ଟ୍ରକ୍ ବାଇକ ଆରୋହୀଙ୍କୁ ଧକ୍କା ଦେଇଛି। ଦୁର୍ଘଟଣାରେ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ବାରିଆ ଥାନା ସରାସିଙ୍ଗା ଗ୍ରାମର ଲମ୍ବୋଦର ମହାପାତ୍ରଙ୍କ ଏକ ମାତ୍ର ପୁଅ ବାପୁନ (୨୫)। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଲୋକେ ଅଟକାଇ ଡୁରୁମୁଙ୍ଗା ପୋଲିସ ଜିମା ଦେଇଛନ୍ତି। ପୋଲିସ ଉଭୟ ଟ୍ରକ ଜବତ କରିଥିବା ବେଳେ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ କରୁଛି।


**ମନେ ପଡ଼ନ୍ତି**

**ପ୍ରଥମ ମାସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରେମଲତା ଦାଶ**

ସ୍ଥାନ– ମଳିପଡ଼ା, ଭୁବନେଶ୍ୱର

ତିରୋଧାନ: ୨୫।୦୨।୨୦୨୫

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣଙ୍କ ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶ୍ରଦ୍ଧାସୁମନ ସହ– ଟିପା, ବୁଲୁ, ଟୁଲୁ, ମାମି, ବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।

ଧ–୭୧୫୯୮



# ଖରାଟିଆ ଗେଣ୍ଡୁଫୁଲ ଚାଷ

ପୂର୍ବରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଂସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେ.ମି. ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗଡାଳଗୁଡିକୁ ଭାଙ୍ଗି ଦିଅନ୍ତୁ।



# ରଜନୀଗନ୍ଧାରେ ସାର ପ୍ରୟୋଗ

ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଢ଼ିଆ ପ୍ରୟୋଗ କରନ୍ତୁ।

# ଜୈବିକ ପଦ୍ଧତିରେ ବନ୍ଧାକୋବି ଚାଷ

''ବନ୍ଧାକୋବି ଚାରା ରୋଇବାର ୪୦-୫୦ଦିନ ପୂର୍ବରୁ ନିର୍ଦ୍ଧାରିତ ଜମିରେ ଏକର ପ୍ରତି ୧୦୦ କି.ଗ୍ରା. ନିମ, ସୋରିଷ କିମ୍ବା କରଞ୍ଜ ପିଢ଼ିଆ, ୧୨୦ କି.ଗ୍ରା. ରକ୍ ଫସ୍‌ଫେଟ୍ ଏବଂ ୪୦ କି.ଗ୍ରା. କାଠ ପାଉଁଶ ପକାଇ ହଳ କରିଦିଅନ୍ତୁ। ଏପରି ହଳ କରନ୍ତୁ ଯେ, ଯେମିତି ଏଗୁଡ଼ିକ ଭଲ ଭାବରେ ମାଟିରେ ମିଶିଯିବ। ତା'ପରେ ଏକର ପ୍ରତି ୨୦ କି.ଗ୍ରା. ଛଣି ମଞ୍ଜି ବୁଣନ୍ତୁ। ଅମ୍ଳୀୟ ମାଟିରେ ଏକର ପ୍ରତି ୨୦୦ କି.ଗ୍ରା. କାଗଜକଳ ମଇଳା ପ୍ରୟୋଗ କରନ୍ତୁ। ରୋପଣ ପାଇଁ ଜମି ପ୍ରସ୍ତୁତି ସମୟରେ ଛଣି ଫସଲ ଶଢ଼ା କମ୍ପୋଷ୍ଟକୁ ମାଟିରେ ମିଶାଇ ପଟାଳିକରି କିସମ ଓ ସମୟ ଅନୁସାରେ ନିର୍ଦ୍ଦିଷ୍ଟ ଦୂରତାରେ ବନ୍ଧାକୋବି ବିହନ ଲଗାନ୍ତୁ।''

ଆଜିର ଦିନରେ ଚାଷୀଭାଇମାନେ ଜୈବିକ ପଦ୍ଧତିକୁ ଆପଣେଇ ନେଇଛନ୍ତି। କେବଳ ସେତିକି ନୁହେଁ, ରାସାୟନିକ ସାର ପଦ୍ଧତିକୁ ଭୁଲିବାକୁ ଚାହୁଁଛନ୍ତି। କାରଣ ସାରା ବିଶ୍ୱରେ ପ୍ରଦୂଷଣର ମାତ୍ରା ବଢ଼ି ବଢ଼ି ଚାଲିଛି। ଆମ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ତେଣୁ ଆମ ରାଜ୍ୟରେ ପ୍ରାୟ ୭୦-୭୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରକରନ୍ତି। ଏପରିକି ପରିବାଚାଷକୁ ବିଶେଷ ଧ୍ୟାନ ଦେଇଥାଆନ୍ତି। ଧାନ, ମୁଗ, ବିରି, କୋଳଥ, ମାଣ୍ଡିଆ ଏବଂ ଗହମଠାରୁ ପନିପରିବା ମଧ୍ୟରେ ବନ୍ଧାକୋବି ଏକ ଲାଭଜନକ ଫସଲ। ଏହା ମୁଖ୍ୟତଃ ଶୀତଋତୁରେ ଚାଷ କରାଯାଉଛି। ହେଲେ ଆଜିକାଲି ଗରମ ସହଣୀ କିସମଗୁଡିକ ଚାଷ ଅନ୍ୟ ସମୟରେ ମଧ୍ୟ କରାଯାଇପାରିବ। ସାଧାରଣତଃ ବନ୍ଧାକୋବିକୁ ଭଜା, ତରକାରି, ସାଲାଡ, ଛେଞ୍ଚୁଡା, ସୁପ୍, ଭେଜ୍ ମୋମୋ, ଭେଜ୍ ଚାଉମିନ୍ ପାଇଁ ବ୍ୟବହାର କରାଯାଇଥାଏ।



**ଜଳବାୟୁ**

ବନ୍ଧାକୋବି ଚାଷ ପାଇଁ ଆର୍ଦ୍ର ଓ ଥଣ୍ଡା ଜଳବାୟୁ ଦରକାର ହୋଇଥାଏ। ଅଧିକ ଶୁଷ୍କ ଓ ଗରମ ପାଗରେ ବନ୍ଧାକୋବି ଭଲ ବାନ୍ଧେ ନାହିଁ। ତା'ସହ ଏହାର ବାସ୍ନା ମଧ୍ୟ କମି କମି ଯାଏ।

**ମୃତ୍ତିକା**

ବନ୍ଧାକୋବି ଚାଷ କରୁଥିଲେ ପ୍ରଥମେ ମୃତ୍ତିକା ପ୍ରତି ଧ୍ୟାନଦେବା ଦରକାର। ନିଗିଡ଼ା, ଉର୍ବର, ଦୋରସା ମାଟି ଏହି ଚାଷ ପାଇଁ ଭଲ। ମାଟିର ପିଏଚ୍ ୫.୫-୬.୫ ହେବା ଆବଶ୍ୟକ। ବାରମ୍ବାର ଗୋଟିଏ ଜମିରେ କୋବି ଫସଲ ନ କରି ଡାଲିଜାତୀୟ ଫସଲ ଚକ୍ରରେ ଗ୍ରହଣ କରନ୍ତୁ। ରାସାୟନିକ କ୍ଷେତଠାରୁ ୨୫-୫୦ ଫୁଟ ଦୂରରେ ଜୈବିକ କୋବି ଚାଷ କରନ୍ତୁ।

**କିସମ**

ଅଧିକ ଅମଳ ପାଇଁ ବନ୍ଧାକୋବିର ଉନ୍ନତ କିମସ ଚୟନ କରନ୍ତୁ। ଏହାର ଉନ୍ନତ କିସମ ମଧ୍ୟରେ ରହିଛି-ଗୋଲ୍‌ଡେନ୍ ଏକ୍ସ, ପ୍ରାଇଡ୍ ଅଫ୍ ଇଣ୍ଡିଆ, ପୁଷା ଏବଂ ଡ୍ରମ ହେଡ୍। ଅନ୍ୟପକ୍ଷରେ ସଙ୍କର ଜାତୀୟ ବନ୍ଧାକୋବି କିସମ ମଧ୍ୟରେ ଅଛି-ଗ୍ରୀନ୍ ଗୋଲ୍‌ଡ, ସଙ୍ଗମ, କ୍ରାନ୍ତି, ସୁଜାତା, ଗ୍ରୀନ୍ ଏକ୍ସପ୍ରେସ୍ ଏବଂ ବିଜୟ। ବିଶେଷଭାବରେ ରୋଗ ନିରୋଧକ ଜୈବିକ କ୍ଷେତରୁ ଉତ୍ପାଦିତ ବିହନ ବ୍ୟବହାର କରନ୍ତୁ। ବିହନ ଲଗାଇବା ପୂର୍ବରୁ ରାସାୟନିକ ଫିମ୍ପିନାଶକ ଦ୍ୱାରା ସେଗୁଡ଼ିକୁ ବିଶୋଧନ କରନ୍ତୁ ନାହିଁ।

**ଚାରା ପ୍ରସ୍ତୁତି**

ପ୍ରଥମେ ମାଟିକୁ ସୂର୍ଯ୍ୟକିରଣ ବିଶୋଧନ ପଲିଥିନ୍‌ରେ ଘୋଡ଼ାଇଦିଆଯାଏ। ବନ୍ଧାକୋବି ଲଗାଇବାର ୩୦-୪୦ ଦିନ ପୂର୍ବରୁ ୪୦-୫୦ ବର୍ଗମିଟର ତଳିଘରା ପ୍ରସ୍ତୁତ କରନ୍ତୁ। ଏହାର ବର୍ଗମିଟର ପ୍ରତି ୩ କି.ଗ୍ରା. ଜିଆଖତ କିମ୍ବା ଶଢ଼ା କମ୍ପୋଷ୍ଟ ଏବଂ ୨୫୦ ଗ୍ରାମ ନିମ ପିଢ଼ିଆ ମିଶାନ୍ତୁ। ୧୦ ଗ୍ରାମ ଟ୍ରାଇକୋଡର୍ମା ଭିରିଡିକୁ କମ୍ପୋଷ୍ଟ ସହିତ ମିଶାଇ ପକାନ୍ତୁ। ଏହାଦ୍ୱାରା ମୂଳଶଢ଼ା ରୋଗ ହୋଇ ନ ଥାଏ।

**ଲଗାଇବା ପ୍ରଣାଳୀ**

ବନ୍ଧାକୋବି ଚାରା ରୋଇବାର ୪୦-୫୦ଦିନ ପୂର୍ବରୁ ନିର୍ଦ୍ଧାରିତ ଜମିରେ ଏକର ପ୍ରତି ୧୦୦ କି.ଗ୍ରା. ନିମ, ସୋରିଷ କିମ୍ବା କରଞ୍ଜ ପିଢ଼ିଆ, ୧୨୦ କି.ଗ୍ରା. ରକ୍ ଫସ୍‌ଫେଟ୍ ଏବଂ ୪୦ କି.ଗ୍ରା. କାଠ ପାଉଁଶ ପକାଇ ହଳ କରିଦିଅନ୍ତୁ। ଏପରି ହଳ କରନ୍ତୁ ଯେ, ଯେମିତି ଏଗୁଡ଼ିକ ଭଲ ଭାବରେ ମାଟିରେ ମିଶିଯିବ। ତା'ପରେ ଏକର ପ୍ରତି ୨୦ କି.ଗ୍ରା. ଛଣି ମଞ୍ଜି ବୁଣନ୍ତୁ। ଅମ୍ଳୀୟ ମାଟିରେ ଏକର ପ୍ରତି ୨୦୦ କି.ଗ୍ରା. କାଗଜକଳ ମଇଳା ପ୍ରୟୋଗ କରନ୍ତୁ। ରୋପଣ ପାଇଁ ଜମି ପ୍ରସ୍ତୁତି ସମୟରେ ଛଣି ଫସଲ ଶଢ଼ା କମ୍ପୋଷ୍ଟକୁ ମାଟିରେ ମିଶାଇ ପଟାଳିକରି କିସମ ଓ ସମୟ ଅନୁସାରେ ନିର୍ଦ୍ଦିଷ୍ଟ ଦୂରତାରେ ବନ୍ଧାକୋବି ବିହନ ଲଗାନ୍ତୁ। ସଅଳ କିସମ ପାଇଁ ୪୪-୬୦x୩୦ ସେ.ମି., ମଧ୍ୟମ କିସମ ପାଇଁ ୬୦x୪୫ ସେ.ମି. ଏବଂ ବିଳମ୍ବ କିସମ ପାଇଁ ୬୦-୭୫x୪୫-୬୦ସେ.ମି. ବ୍ୟବଧାନ ରହିବା ଦରକାର। ଲଗାଇବା ପୂର୍ବରୁ ଚାରାର ମୂଳକୁ ଟ୍ରାଇକୋଡର୍ମା ଭିରିଡି ଦ୍ୱାରା ବିଶୋଧନ କରିବା ଦରକର।

**ଖତସାର ପରିଚାଳନା**

ବନ୍ଧାକୋବି ଚାଷ ପାଇଁ ଜମି ପ୍ରସ୍ତୁତ କରିବା ସମୟରେ ଖତସାର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ଏହି ସମୟରେ ଏକର ପ୍ରତି ୬-୮ ଟନ୍ ଶଢ଼ା କମ୍ପୋଷ୍ଟ ଏବଂ ୧୨୦ କି.ଗ୍ରା. ରକ୍ ଫସ୍‌ଫେଟ୍ ପ୍ରୟୋଗ କରାଯାଏ। ନିମ ପିଢ଼ିଆ ୧-୬ କୁଇଣ୍ଟାଲ ପ୍ରୟୋଗ କରନ୍ତୁ। ଆବେଟୋବେକ୍ଟର ଏବଂ ଫସ୍‌ପୋକଲ୍‌ଚର ଚାରା ବିଶୋଧନକରି ନ ଥିଲେ ମାଟିରେ ଏକର ପ୍ରତି ୩ କି.ଗ୍ରା. ଲେଖାଏ ଦିଆଯିବା ଉଚିତ। ପ୍ରଥମ ଏବଂ ଦ୍ୱିତୀୟ କୋଡ଼ାଖୋସା ସମୟରେ ଏକର ପ୍ରତି ୧ଟନ୍ ଜିଆଖତ ଏବଂ ୨ କୁଇଣ୍ଟାଲ ଷ୍ଟେରାମିଲ ୨ ଥରରେ ପ୍ରୟୋଗ କରାଯାଏ। ବିହନ ଲଗାଇବାର ୧୫-୨୦ ଏବଂ ୨୫-୩୦ ଦିନରେ କୋଡ଼ାଖୁସାକରି ଅନାବନା ଗଛ ବାଛି ଦେଇ ହୁଡ଼ା ଟେକାଯାଏ। ଛାଦିକରଣ କଲେ ଅମଳ ବଢ଼ିଥାଏ। ମାଟିରେ ବତର ଦେଖି ଓ ପାଗ ଦେଖି ଜଳସେଚନ କରାଯାଏ।

**ରୋଗପୋକ ପରିଚାଳନା**

ବନ୍ଧାକୋବିରେ ମୂଳଶଢ଼ା ରୋଗ ଦମନ ପାଇଁ ବିହନ ଓ ତଳି ଘରାକୁ ଟ୍ରାଇକୋଡର୍ମା ଭିରିଡି ଦ୍ୱାରା ବିଶୋଧନ କରାଯାଏ। ତଳିଘରା ମାଟିକୁ ପ୍ରତିବର୍ଷ ବଦଳାନ୍ତୁ। ବନ୍ଧାକୋବିରେ କଳାପଚା ଦାଗ ଦେଖାଦେଲେ ବିହନ ବୁଣିବା ପୂର୍ବରୁ ୫୦ ଡିଗ୍ରୀ ସେଲ୍‌ସିୟସ ଉପରେ ୩୦ ମିନିଟ୍ ରଖାଯାଏ। ଠିକିରିପିଠିଆ ପୋକ, କରଡ଼ି ମାଛି, ପତ୍ରଜାଲ ପୋକ, ବରପୋକ ଏବଂ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଧିକ ପତ୍ର ଥିବା ଦୁଇ ଧାଡ଼ି ସୋରିଷ (ମିଟର ପ୍ରତି ୫୦-୬୦ ଗଛ) ଲଗାନ୍ତୁ ଏବଂ ୨୫ ଧାଡ଼ି କୋବି ମିଶ୍ରିତ ଫସଲ ଚାଷ କରନ୍ତୁ। ଜମିର ଆରମ୍ଭ ଏବଂ ଶେଷରେ ସୋରିଷ ଧାଡ଼ି ଲଗାଯାଏ। ଚାରା ଲଗାଇବାର ୧୪ ଏବଂ ୨୮ ଦିନରେ ନିମରୁ ପ୍ରସ୍ତୁତ କୀଟନାଶକ (ଏନ୍‌ଏସ୍‌କେଇ ୫ ପ୍ରତିଶତ) କୋବିରେ ସ୍ପ୍ରେ କରାଯାଏ। ଆବଶ୍ୟକସ୍ଥଳେ ୧୦-୧୫ ଦିନ ବ୍ୟବଧାନରେ ଆଉ ୨ ଥର ଏହି ସିଞ୍ଚନ କରାଯାଏ। ଠିକିରିପିଠିଆ, କାଣ୍ଡବିନ୍ଧା ଏବଂ ଶଁବାଳୁଆ କୀଟମାନଙ୍କୁ ପରିଚାଳନା କରିବା ପାଇଁ ବାସିଲମ୍, ଥୁରିନବିନେନସିସ୍ (ଏକର ପ୍ରତି ୪୦ ଗ୍ରାମ) ସ୍ପ୍ରେ କରାଯାଏ।

**ଅମଳ**

ପୂର୍ଣ୍ଣ ଆକାରରେ ଏବଂ ଟାଣ ଥିବା ଅବସ୍ଥାରେ ୬୦-୧୨୦ ଦିନ ମଧ୍ୟରେ ବନ୍ଧାକୋବି ଅମଳ କରାଯାଏ। ଏକର ପ୍ରତି ୮୦-୧୦୦ କୁଇଣ୍ଟାଲ ବନ୍ଧାକୋବି ଅମଳ କରାଯାଇପାରିବ।

**-ଡ. ମାନସ ରଞ୍ଜନ ପଟ୍ଟନାୟକ,**
ପ୍ରିନ୍ସିପାଲ, ଆଗ୍ରୋ ପଲିଟେକ୍‌ନିକ ସେଣ୍ଟର, ଓୟୁଏଟି, ବୌଦ୍ଧ
ମୋ : ୯୪୩୭୬୩୮୦୦୪
**-ଦିଲୀପ କୁମାର ସାହୁ,** ଅଧ୍ୟାପକ, ଆଗ୍ରୋ ପଲିଟେକ୍‌ନିକ ସେଣ୍ଟର, ଓୟୁଏଟି, ବୌଦ୍ଧ

## ଅନ୍ତରରେ



**ରାଶି :** ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ବୁଣିବା ବେଳକୁ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରନ୍ତୁ। ଅନୁମୋଦିତ କିସମଗୁଡିକହେଲା-କନକ,ଉଷା,ଉମା,ଅମ୍ରିତ୍,ପ୍ରାଚୀ,ନିର୍ମଳା,ସ୍ମାରକଓଶୁଭ୍ରା।

**କପା :** କପାଚାଷ ପାଇଁ ଜମିକୁ ୮-୧୦ ଓଡ଼ ଗଭୀର ଚାଷକରି ମଇଦେଇ ମାଟିକୁ ଭଲରେ ଗୁଣ୍ଡ କରିଦିଅନ୍ତୁ। ହେକ୍ଟର ପ୍ରତି ଉନ୍ନତ କିସମ (ଏମ୍‌ସିୟୁ-୫) ବିହନ ବା ସଙ୍କର ଜାତୀୟ (ସବିତା, ସୂର୍ଯ୍ୟ) ୨.୦-୨.୫ କି.ଗ୍ରା. ଧାଡ଼ିକୁ ଧାଡ଼ି ୯୦ ସେ.ମି. ଏବଂ ମଞ୍ଜିକୁ ମଞ୍ଜି ୬୦ ସେ.ମି. ବ୍ୟବଧାନ ରଖି ଓ ୪-୫ ସେ.ମି. ଗଭୀରରେ ଦୁଇଟି ଲେଖାଏଁ ମଞ୍ଜି ପୋତନ୍ତୁ। ସଘନ କପାଚାଷ ପଦ୍ଧତି ପାଇଁ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ବିହନକୁ ୬୦x୧୦ ସେ.ମି. ବ୍ୟବଧାନରେ ବୁଣାଯାଏ।



**ନଳିତା:** ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ। ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳାକରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ। ଏହି ସମୟରେ ହେକ୍ଟର ପ୍ରତି ୨୦-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ଜୁନ୍ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

# ହଳଦୀ ଲଗାଇବା ପୂର୍ବରୁ...



ରୋମା, ସୁରମା, ରଙ୍ଗ, ରଶ୍ମି ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡଚାଷକରି ୧ ମିଟର ଓସାର ,୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ୍) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବରଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ ,୧୨କି.ଗ୍ରା. ଫସ୍‌ଫରସ,୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

## ଢିପଜମିରେ ଡାଲି ଜାତୀୟ ଫସଲ ଚାଷ

ଜମି ପ୍ରସ୍ତୁତକରି ନିଗିଡ଼ା ଢିପଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ। ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ।

## ସବୁଜ ଗୋଖାଦ୍ୟ ଫସଲ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ , ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



# ପ୍ରାଣୀଙ୍କୁ ଅଂଶୁଘାତ ଓ ପ୍ରତିକାର

(ଶେଷ ଭାଗ)

## ଅଂଶୁଘାତ ଦୂରୀକରଣ ପାଇଁ କେତେକ ଆଶୁ ପଦକ୍ଷେପ

ସମସ୍ତ ପଶୁପକ୍ଷୀଙ୍କୁ ଉତ୍ତମ ବାୟୁ ଚଳାଚଳ କରୁଥିବା ଗୃହରେ ରଖନ୍ତୁ। ଗୃହକୁ ଦିନବେଳା ଛାଇ ପରିବେଶରେ ରଖିବାକୁ ପଦକ୍ଷେପ ନିଅନ୍ତୁ। ଦିନବେଳା ଗୋରୁଙ୍କୁ ଗଛ ଛାଇମୂଳେ ରଖନ୍ତୁ। ଘରର ସମସ୍ତ ଦ୍ୱାର ଓ ଝରକା ଖୋଲା ରଖନ୍ତୁ। ପଶୁପକ୍ଷୀଙ୍କୁ ରଖାଯାଇଥିବା ପ୍ରତ୍ୟେକ ଘରେ ସିଲିଂ ପଙ୍ଖାର ବ୍ୟବସ୍ଥା କରନ୍ତୁ। ଗୋରୁଙ୍କୁ (ସଙ୍କର ଜାତୀୟ) ଦିନକୁ ଥରେ କିମ୍ବା ଦୁଇଥର ବରଫ ଥଣ୍ଡା ପାଣିରେ ଗାଧୋଇ ଦିଅନ୍ତୁ। କୁକୁରର ଦେହ ଏବଂ ଅଙ୍ଗ ପ୍ରତ୍ୟଙ୍ଗକୁ ବରଫ ପାଣିରେ ବୁଡ଼ାଇ ରଖନ୍ତୁ। ଅଂଶୁଘାତରେ ଆକ୍ରାନ୍ତ ପ୍ରାଣୀମାନଙ୍କ ଶରୀର ଚର୍ମର ଉପରିଭାଗରେ ବରଫ ଖଣ୍ଡରେ ଘଷନ୍ତୁ କିମ୍ବା କପଡ଼ା ଭିଜା ବରଫ ଥଣ୍ଡାପାଣିରେ ଶରୀରକୁ ପୋଛିଆଣନ୍ତୁ। ପ୍ରାଣୀମାନଙ୍କୁ ବରଫ ଖଣ୍ଡ ଚାଟିବାକୁ ଦିଅନ୍ତୁ। ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ। ଘରର ଛପର ଉପରେ କଞ୍ଚା ନଡ଼ିଆ ବାଉଁଙ୍ଗା, ଜାମୁଡ଼ାଳ, ଛଣ ବା ନଡ଼ା ଆଦି ପକାଇ ଘୋଡ଼ାଇ ରଖନ୍ତୁ। ଆଗାମୀ ବର୍ଷ ପାଇଁ ବର୍ଷାଦିନର ପ୍ରାରମ୍ଭରେ ଛାଇ ପ୍ରଦାନ କରୁଥିବା ଗଛ ଯଥା - ନଡ଼ିଆ, ଦେବଦାରୁ, ସୁବାବୁଲ, ଅଗସ୍ତି, କୃଷ୍ଣଚୂଡ଼ା ଆଦି ଧାଡ଼ିକରି ଲଗାନ୍ତୁ। ଘରର ଦ୍ୱାର ଓ ଝରକାର ବାହାରେ ଦିନବେଳା ଓଦା ଅଖା ବା ବେଣାମୁଡ଼ା ଚେରର ପରଦା ଟାଙ୍ଗନ୍ତୁ ଏବଂ ଖରା କମିଲେ ଏହାକୁ ଉପରକୁ ଟେକନ୍ତୁ।

## ଅଂଶୁଘାତର ଚିକିତ୍ସା

ମୁଣ୍ଡର ଉପରିଭାଗରେ ଥଣ୍ଡା ପାଣି ଢାଳିବା ସହ ବରଫ ଥଣ୍ଡା ପାଣି ଭିଜା କପଡ଼ାରେ ସମ୍ପୂର୍ଣ୍ଣ ଶରୀରକୁ ପୋଛିଆଣନ୍ତୁ। କେତେକ ପ୍ରାଣୀଙ୍କ ଶରୀରକୁ ଥଣ୍ଡା ପାଣିରେ ବୁଡ଼ାଇ ରଖିଲେ ମଧ୍ୟ ପ୍ରାଣୀ ଆରୋଗ୍ୟ ଲାଭକରେ। ବରଫ ଥଣ୍ଡା ନର୍ମାଲ ସାଲାଇନ୍ କିମ୍ବା ୫% ଡେକ୍ସଟ୍ରୋଜ୍ ସାଲାଇନ୍ ଜଳଶୁଷ୍କତା ପ୍ରାଣୀମାନଙ୍କୁ ଦିଆଯାଏ। ଆସ୍‌ପିରିନ୍, ସାଲିସିଲେଟ୍ କିମ୍ବା ପାରାସିଟାମଲ୍ ଇଞ୍ଜେକସନ୍ ଶରୀରରେ ଉତ୍ତାପ କମାଇବା ପାଇଁ ଦିଆଯାଇଥାଏ। ଷ୍ଟିରଏଡ୍ ଇଞ୍ଜେକ୍‌ସନ୍ ସେରିବ୍ରାଲ୍ ଏଡିମୋ ଏବଂ ସକ୍‌ରୁ ରକ୍ଷା ପାଇବାପାଇଁ ଦିଆଯାଏ। ପ୍ରାଣୀମାନଙ୍କର ଅସ୍ଥିରତା ରୋକିବା ପାଇଁ ଟ୍ରାଙ୍କୁଲାଇଜର ଯଥା - ସିକିଲ୍, ଲାର୍ଗାକ୍ଟିଲ୍ ଇଞ୍ଜେକ୍‌ସନ୍ ଇତ୍ୟାଦିର ସାହାଯ୍ୟ ନିଆଯାଏ। ସୋଡିୟମ୍ ବେଞ୍ଜଏଟ୍ ଟ.୫-୧୦ ଗ୍ରାମ୍ ଚମଡ଼ା ତଳେ ଇଞ୍ଜେକ୍‌ସନ୍ ଆକାରରେ ଦିଆଯାଏ। ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାଓଟିକ୍ସ ଦିଆଯାଏ। ସମସ୍ତ ରୋମନ୍ଥନ ପ୍ରାଣୀମାନଙ୍କୁ ରାତ୍ରର ଥଣ୍ଡା ପ୍ରହରରେ ପୁଷ୍ଟିକର ସୁଷମ ଦାନା ଜାତୀୟ ଖାଦ୍ୟ ଖାଇବାକୁ ଦେବା ଉଚିତ ଏବଂ ଦିନରେ ସବୁଜ ଘାସ, ଆଜୋଲା, ନଡ଼ାକୁଟା ଆଣି ଦେବା ଦରକାର।

**-ଡା. ବୀରକିଶୋର ପରିଡ଼ା**
ମୋ : ୯୪୩୭୬୦୭୩୧୨



ଧରିତ୍ରୀ 51 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୬/୨୦୨୫ Bhubaneswar, Wednesday, March 26/ 2025

# ପଞ୍ଜାବ କିଙ୍ଗ୍ସର ବୃହତ୍ ସ୍କୋର

**ଅହମଦାବାଦ, ୨୫।୩**

ଅଧିନାୟକ ଶ୍ରେୟସ ଆୟରଙ୍କ ଅପରାଜିତ ୯୭ ରନ ସହାୟତାରେ ପଞ୍ଜାବ କିଙ୍ଗ୍ସ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ୫ ଉଇକେଟ ହରାଇ ୨୪୩ ରନ ସଂଗ୍ରହ କରିଛି। ଶଶାଙ୍କ ସିଂ ୧୬ ବଲ୍‌ରୁ ଅପରାଜିତ ୪୪ ରନ କରିଛନ୍ତି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଅଧିନାୟକ ଶୁବମନ ଗିଲ୍। ପ୍ରଭସିମରନ ସିଂ ଯଦିଓ ମାତ୍ର ୫ ରନ କରି ଆଉଟ ହୋଇଥିଲେ ତେବେ ଡେବ୍ୟୁ କରିଥିବା ଯୁବ ଓପନର ପ୍ରୀୟାଂଶ ଆର୍ଯ୍ୟ ଓ ଅଧିନାୟକ ଶ୍ରେୟର ଆୟର ବିସ୍ଫୋରକ ବ୍ୟାଟିଂ କରି ପଞ୍ଜାବର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦ୍ୱିତୀୟ ଉଇକେଟରେ ଦୁହେଁ ମାତ୍ର ୨୧ ବଲ୍‌ରୁ ୫୧ ରନର ଭାଗୀଦାରି ଗଢ଼ିଥିଲେ। ଭଲ ଆରମ୍ଭ କରିଥିବା ଆର୍ଯ୍ୟ ୨୩ ବଲ୍‌ରୁ ୭ ଚୌକା ଓ ୨ ଛକା ସହାୟତାରେ ୪୭ ରନ କରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଆଜମତୁଲ୍ଲା ଓମାରଜାଇ ଆକ୍ରମଣାତ୍ମକ ବ୍ୟାଟିଂ ଉଦ୍ୟମ କରିଥିଲେ। ମାତ୍ର ୧୧ତମ ଓଭରର ୩ୟ ଓ ୪ର୍ଥ ବଲ୍‌ରେ ଯଥାକ୍ରମେ ଓମାରଜାଇ ଓ ଗ୍ଲେନ ମ୍ୟାକ୍ସୱେଲଙ୍କୁ ଆଉଟ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ ଆର. ସାଇ କିଶୋର। ଏହି ଅବସରରେ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଥିଲେ ମ୍ୟାକ୍ସି। ସେ ଆଇପିଏଲ୍‌ରେ ସର୍ବାଧିକ ୧୯ ଥର ଡକ୍ (୦)ରେ ଆଉଟ ହୋଇଥିଲେ। ରୋହିତ ଶର୍ମା ଓ ଦୀନେଶ କାର୍ତ୍ତିକ ୧୮ ଥର ଲେଖାଏ ଡକ୍‌ରେ ଆଉଟ ହୋଇ ଯୁଗ୍ମ ଦ୍ୱିତୀୟରେ ରହିଛନ୍ତି। ମାର୍କୁସ ଷ୍ଟୋଇନିସ ମଧ୍ୟ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ ହେଁ ୧୫ ବଲ୍‌ରୁ ୨୦ ରନ କରି ସାଇ କିଶୋରଙ୍କ ତୃତୀୟ ଶିକାର ବନିଥିଲେ। ଅଧିନାୟକ ଆୟର କିନ୍ତୁ ପଞ୍ଜାବ ଇନିଂସ ସମ୍ଭାଳିବାକୁ ସଂକଳ୍ପବଦ୍ଧ ଥିଲେ। ଗୋଟିଏ ପଟରେ ଉଇକେଟ ପତନ ଘଟିଥିଲେ ମଧ୍ୟ ବିଚଳିତ ନ ହୋଇ ସେ ଦ୍ରୁତ ହାରରେ ରନ ସଂଗ୍ରହ କରି ଚାଲିଥିଲେ। ତାଙ୍କ ସହ ଶଶାଙ୍କ ସିଂ ଯୋଗଦେବାପରେ ପଞ୍ଜାବ ସ୍କୋର ଦ୍ରୁତ ହାରେ ବଢ଼ି ଯାଇଥିଲା। ଦୁହେଁ ଅସମାପ୍ତ ୬ଷ୍ଠ ଉଇକେଟରେ ମାତ୍ର ୨୮ ବଲ୍‌ରୁ ୮୧ ରନ ଯୋଗ କରିବାରୁ ପଞ୍ଜାବ ସ୍କୋର ୨୪୩ରେ ପହଞ୍ଚି ଯାଇଥିଲା। ଆୟର ୯୭ ରନରେ ଅପରାଜିତ ଥିବାବେଳେ ଶଶାଙ୍କ ସିଂ ଶେଷ ୭ଟି ବଲ୍ ଖେଳିଥିଲେ ମଧ୍ୟ ଆୟରଙ୍କୁ ଷ୍ଟ୍ରାଇକ୍ ଦେଇ ନ ଥିଲେ। ଫଳରେ ଅଧିନାୟକ ୩ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ସେ ୪୨ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୫ ଚୌକା ଓ ୯ ଛକା ମାରିଥିଲେ। ଶଶାଙ୍କ ୧୬ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ୪୪ ରନରେ ଅପରାଜିତ ରହିଥିଲେ। ଆର. ସାଇକିଶୋରଙ୍କୁ ଛାଡ଼ିଦେଲେ ଗୁଜରାଟର ଅନ୍ୟ ସମସ୍ତ ବୋଲର ମହଙ୍ଗା ରହିଥିଲେ। ସାଇକିଶୋର ୩ଟି ଏବଂ ରଶିଦ ଖାଁ ଓ କାଗିଶୋ ରାବାଡ଼ା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ଶ୍ରେୟସ ଆୟର।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୨୪୩/୫ (ଶ୍ରେୟସ ଆୟର-୯୭*, ପ୍ରିୟାଂଶ ଆର୍ଯ୍ୟ-୪୭, ଶଶାଙ୍କ ସିଂ-୪୪*, ରବିଚନ୍ଦ୍ରନ ସାଇ କିଶୋର-୩/୩୦, କାଗିଶୋ ରାବାଡ଼ା-୧/୪୧, ରଶିଦ ଖାଁ-୧/୪୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)

ରାଜସ୍ଥାନ ବନାମ କୋଲ୍‌କାତା

ସ୍ଥାନ: ଗୁଆହାଟୀ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ




# ଆହତ ସମସ୍ୟା ପାଇଁ ପର୍ଯ୍ୟାପ୍ତ ବିକଳ୍ପ ନାହିଁ: କ୍ଲୁଜନର

**ବିଶାଖାପାଟଣା, ୨୫।୩ (ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ସୋମବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦୯ ରନ୍ କରିଥିଲେ ମଧ୍ୟ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଡିଫେଣ୍ଡ କରିବାରେ ଅସମର୍ଥ ରହିଛି। ଏହାର କାରଣ କରିଛନ୍ତି ଲକ୍ଷ୍ନୌ ଦଳର ସହକାରୀ କୋଚ୍ ଲାନ୍ସ କ୍ଲୁଜନର। "ଦଳର ୪ ଫାଷ୍ଟ ବୋଲର ଆଭେଶ୍ ଖାଁ, ମୟଙ୍କ ଯାଦବ, ମହସିନ ଖାଁ ଓ ଆକାଶ ଦୀପ ଆହତ ସମସ୍ୟାରେ ରହିଛନ୍ତି। ଫଳରେ ଆମ ନିକଟରେ ପର୍ଯ୍ୟାପ୍ତ ବିକଳ୍ପ ନାହିଁ। ତେଣୁ ଆମେ ଉପଲବ୍ଧ ଖେଳାଳିଙ୍କୁ ନେଇ ଯଥାସମ୍ଭବ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛୁ। ସିନିୟରଙ୍କ ଅନୁପସ୍ଥିତିରେ ଯୁବ ଖେଳାଳିଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଛି। ସେମାନେ ଏହାର ସଦୁପଯୋଗ କରିବା ଆବଶ୍ୟକ। ଶାର୍ଦ୍ଦୂଳ ଠାକୁରଙ୍କ ବୋଲିଂରେ ଆମେ ଖୁବ୍ ପ୍ରଭାବିତ" ବୋଲି କ୍ଲୁଜନର କହିଛନ୍ତି। ୨୦୯ ରନ୍ ଭଲ ସ୍କୋର ବୋଲି ଅଧିନାୟକ ରିଷଭ ପନ୍ତ କହିଥିଲେ। ମାତ୍ର ଦଳ ୨୦-୩୦ ରନ କମ୍ ସ୍କୋର କଲା ବୋଲି କ୍ଲୁଜନର ଅନୁଭବ କରୁଛନ୍ତି। "ମୁଁ ଭାବୁଛି ଦିଲ୍ଲୀ ଭଲ ଫିନିଶ୍ କଲା, କାରଣ ଆମେ ବୋର୍ଡରେ ପର୍ଯ୍ୟାପ୍ତ ରନ୍ ସ୍କୋର କରିପାରି ନ ଥିଲୁ। ଆମେ ଅଧିକ ରନ୍ କରି ପାରିଥାନ୍ତୁ" ବୋଲି ଦିଲ୍ଲୀ ବିପକ୍ଷ ମ୍ୟାଚ୍ ପରେ କ୍ଲୁଜନର ପ୍ରକାଶ କରିଛନ୍ତି।

# ଭାରତ 'ଏ' ଦଳରେ ଆଗଧାଡ଼ିର ଖେଳାଳିଙ୍କୁ ନିଆଯାଇପାରେ

**ନୂଆଦିଲ୍ଲୀ, ୨୫।୩ (ପି.ଟି.)**

ଆସନ୍ତା ମେ' ୩୦ ଓ ଜୁନ୍ ୬ରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଖେଳାଯିବାକୁଥିବା ଦୁଇଟି ୪ଦିନିଆ ମ୍ୟାଚ୍ ପାଇଁ ଭାରତ 'ଏ' କ୍ରିକେଟ ଦଳରେ କେତେଜଣ ଆଗଧାଡ଼ିର ଖେଳାଳି ସ୍ଥାନ ପାଇପାରନ୍ତି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଦୃଷ୍ଟିରେ ରଖି ପ୍ରସ୍ତୁତି ପାଇଁ ଏହି ଖେଳାଳିମାନଙ୍କୁ ନିଆଯାଇପାରେ। ଭାରତୀୟ ସିନିୟର କ୍ରିକେଟ୍ ଦଳ ଜୁନ୍ ୨୦ରେ ହେଡିଙ୍ଗ୍‌ଲେଠାରେ ପ୍ରଥମ ଟେଷ୍ଟ ଖେଳି ଏହାର ୪୫ ଦିନିଆ ଗସ୍ତକ୍ରମ ଆରମ୍ଭ କରିବ। ୨୦୦୭ ପରେ ଇଂଲଣ୍ଡରେ ଭାରତ ପ୍ରଥମ ସିରିଜ୍ ବିଜୟ ହାସଲ କରିବା ପାଇଁ ଚେଷ୍ଟାକରିବ। ଭାରତ 'ଏ' ଦଳ ଇଂଲଣ୍ଡ ଲାୟନ୍ସ ବିପକ୍ଷ ପ୍ରଥମ ୪ ଦିନିଆ ମ୍ୟାଚ୍ ମେ' ୩୦ରେ କାଣ୍ଟରବୁରିର ସେଣ୍ଟ ଲରେନ୍ସସ୍ଥିତ ଦି ସ୍ପିଟ୍‌ଫାୟାର ଗ୍ରାଉଣ୍ଡରେ ଖେଳିବ। ଏହାର ଏକ ସପ୍ତାହ ପରେ ଅର୍ଥାତ୍ ଜୁନ୍ ୬ରେ ନର୍ଥାମ୍ପଟନ୍‌ସ୍ଥିତ କାଉଣ୍ଟି ଗ୍ରାଉଣ୍ଡରେ ଦଳ ଦ୍ୱିତୀୟ ମ୍ୟାଚ୍ ଖେଳିବ। ଆଇପିଏଲ୍ ଫ୍ରାଞ୍ଚାଇଜ୍‌ଗୁଡ଼ିକ ସହ ଚୁକ୍ତି କରିଥିବା ସମସ୍ତ ପ୍ରମୁଖ ଭାରତୀୟ ଖେଳାଳିଙ୍କ ସହ ଯୋଗାଯୋଗ କରାଯାଇଛି। ମେ' ୨୫ ଫାଇନାଲ ପୂର୍ବରୁ ଆଇପିଏଲ୍‌ର ନକ୍‌ଆଉଟ ମ୍ୟାଚ୍‌ଗୁଡ଼ିକ ମେ' ୨୦, ୨୧ ଓ ୨୩ରେ ଖେଳାଯିବ।

### ସାମିଲ ହୋଇପାରନ୍ତି ନାୟାର

ଭାରତ 'ଏ' ଦଳରେ କରୁଣ ନାୟାରଙ୍କୁ ସ୍ଥାନ ମିଳିବା ଯଥେଷ୍ଟ ସମ୍ଭାବନା ରହିଛି। ଇଂଲଣ୍ଡ ଟୁର୍ ପୂର୍ବରୁ ଚୟନକର୍ତ୍ତାମାନଙ୍କୁ ଭାରତ'ଏ' ଦଳ ଘୋଷଣା କରିବାକୁ ପଡ଼ିବ। ଏଥିପାଇଁ ଯଥେଷ୍ଟ ସମୟ ରହିଛି। କରୁଣଙ୍କର ୨୦୨୪-୨୫ ସିଜନ ପ୍ରଭାବୀ ରହିଛି। ସୟଦ ମୁସ୍ତାକ୍ ଅଲୀ ଟ୍ରଫିରେ ସେ ଅଗ୍ରଣୀ ରନ୍ ସଂଗ୍ରହକାରୀ ବ୍ୟାଟର ରହିଥିଲେ। ରଣଜୀ ଟ୍ରଫିରେ ମଧ୍ୟ ସେ ୪ର୍ଥ ସର୍ବୋଚ୍ଚ ରନ୍ ସଂଗ୍ରହକାରୀ ବ୍ୟାଟର ଥିଲେ। ସେ ୯ଟି ମ୍ୟାଚ୍ ଖେଳି ୫୪ ଆଭରେଜ୍‌ରେ ୮୬୩ ରନ୍ ସଂଗ୍ରହ କରିଥିଲେ। ତାଙ୍କ ଚମତ୍କାର ଫର୍ମକୁ ପାଥେୟକରି ବିଦର୍ଭ ଫାଇନାଲରେ କେରଳକୁ ହରାଇ ରଣଜୀ ଟାଇଟଲ ଜିତିଥିଲା। କେଉଁ ଖେଳାଳିମାନେ ଉପଲବ୍ଧ ହେବେ ଆଗକୁ ତାହାର ସ୍ପଷ୍ଟ ଚିତ୍ର ମିଳିଯିବ ବୋଲି ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ଭିତିରି ସୂଚନା ଦେଇଛନ୍ତି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ଦୁଇଟି ଟେଷ୍ଟ ସିରିଜ୍‌ରେ ପରାଜିତ ହୋଇଥିଲେ ମଧ୍ୟ ଇଂଲଣ୍ଡରେ ରୋହିତ୍ ଶର୍ମା ଭାରତୀୟ ସିନିୟର ଦଳର ନେତୃତ୍ୱ ନେବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଷ୍ଟାର ପେସର ବୁମ୍‌ରାଙ୍କ ଫିଟ୍‌ନେସ୍ ସ୍ଥିତି ଉପରେ ନଜର ରଖିଛି। ଅଷ୍ଟ୍ରେଲିଆ ଟୁର୍ ବେଳେ ତାଙ୍କ ପିଠିରେ ଆଘାତ ଲାଗିଛି। ଫଳରେ ସେ ଆଇପିଏଲ୍ ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ ଲାଗି ପ୍ରଥମ କେତୋଟି ମ୍ୟାଚ୍ ପାଇଁ ଉପଲବ୍ଧ ହୋଇ ନ ପାରନ୍ତି।

# ଦିନିକିଆ ସିରିଜ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ

**ମହିଳା ତ୍ରିରାଷ୍ଟ୍ରୀୟ**

**କଲମ୍ବୋ, ୨୫।୩ (ପି.ଟି.)**

ଭାରତ, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ଶ୍ରୀଲଙ୍କାକୁ ନେଇ ହେବାକୁଥିବା ତ୍ରିରାଷ୍ଟ୍ରୀୟ ଦିନିକିଆ କ୍ରିକେଟ ସିରିଜ୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ଫଳତଃ ଭାରତ ଓ ଦକ୍ଷିଣ ଆଫ୍ରିକା ଏଣିକି ସେମାନଙ୍କ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମେ' ୭ରେ ଖେଳିବେ। ସ୍ଥାନୀୟ ନିର୍ବାଚନ ମେ ୬ ତାରିଖରେ ହେବାକୁଥିବା ଶ୍ରୀଲଙ୍କା କ୍ରିକେଟ(ଏସ୍‌ଏଲ୍‌ସି) ମଙ୍ଗଳବାର କହିଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ମ୍ୟାଚ୍‌ଗୁଡ଼ିକ ମେ' ୧, ୪, ୬ ଓ ୮ରେ ଖେଳାଯିବାର ଥିଲା। ବର୍ତ୍ତମାନ ଏହା ମେ ୨, ୪, ୭ ଓ ୯ରେ ଖେଳାଯିବ। ଭାରତ ଓ ଦକ୍ଷିଣ ଆଫ୍ରିକା ମେ' ୬ରେ ସେମାନଙ୍କ ମ୍ୟାଚ କଲମ୍ବୋସ୍ଥିତ ଆର୍. ପ୍ରେମାଦାସା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳିବାର କାର୍ଯ୍ୟକ୍ରମ ଥିଲା। ଦିନିକିଆ ସିରିଜ୍‌ରେ ଭାଗ ନେଇଥିବା ପ୍ରତ୍ୟେକ ଦଳ ୪ଟି ଲେଖାଏ ମ୍ୟାଚ ଖେଳିବେ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଭାରତରେ ହେବାକୁଥିବା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଶ୍ରୀଲଙ୍କା-ଭାରତ ମୁକାବିଲା ସହ ଟୁର୍ଣ୍ଣାମେଣ୍ଟ ଏପ୍ରିଲ ୨୭ରେ ଆରମ୍ଭ ହେବ। ଫାଇନାଲ ମେ' ୧୧ରେ ଖେଳାଯିବ। ସମସ୍ତ ମ୍ୟାଚ୍ ଦିନରେ ହିଁ ଖେଳାଯିବ।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ